# ଧରିତ୍ରୀ
୫୧
DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୮/୨୦୨୪ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 28/2024 Page 14 ₹ 7.00 BERHAMPUR

୫୧ଶ ଭାଗ ୩୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 35 ମୂଲ୍ୟ ₹୭/-


**ଆଜିର ସମ୍ପାଦକୀୟ**

**ପଦବୀ ଖାଳିପଡ଼ିଛି**






## ଓସାମୁ ସୁଜୁକିଙ୍କ ପରଲୋକ



**ନୂଆଦିଲ୍ଲୀ,୨୭।୧୨**

ମାରୁତି ୮୦୦ କାର୍ ଆଣି ଭାରତୀୟ କାର୍ ବଜାରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ସୁଜୁକି ମୋଟର କର୍ପୋରେଶନର ପୂର୍ବତନ ଅଧ୍ୟକ୍ଷ ତଥା ସିଇଓ ଓସାମୁ ସୁଜୁକିଙ୍କର ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୯୪ ବର୍ଷ ହୋଇଥିଲା। ସେ ରକ୍ତ କର୍କଟରେ ପୀଡ଼ିତ ଥିଲେ ବୋଲି ଶୁକ୍ରବାର କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ସୁଜୁକିଙ୍କ ୪ ଦଶନ୍ଧିର ନେତୃତ୍ୱ କାଳରେ ଏହି ଜାପାନୀ ଗାଡ଼ି ନିର୍ମାତା କମ୍ପାନୀ ବୈଶ୍ୱିକ ପାୱାରହାଉସ୍‌ରେ ପରିଣତ ହେବା ସହ ଭାରତୀୟ କାର୍ ବଜାରରେ ଆଧିପତ୍ୟ ବିସ୍ତାର କରିଥିଲା। ସେ ୧୯୭୮ରୁ କମ୍ପାନୀର ଅଧ୍ୟକ୍ଷ, ଚେୟାରପର୍ସନ ଏବଂ ସିଇଓ ରହି ୯୧ ବର୍ଷ ବୟସରେ ୨୦୨୧ରେ ଇସ୍ତଫା ଦେଇଥିଲେ। ୧୯୭୮ରେ ସୁଜୁକି ମୋଟର ☞ପୃଷ୍ଠା-୪

# ସ୍କୁଟି ସହ ଜାଳିଦେଲେ

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ସର୍ଗିପାଲି ଫାଣ୍ଡି ଅଞ୍ଚଳରେ ପୁଣି ଘଟିଛି ରହସ୍ୟଜନକ ହତ୍ୟା। ଜଣେ ବ୍ୟକ୍ତିଙ୍କୁ ସ୍କୁଟି ସହ ପାଳଗଦାରେ ଜାଳି ଦିଆଯାଇଛି। ଶରୀରର ପ୍ରାୟ ୯୦ ଭାଗ ପୋଡ଼ିଯାଇଥିବାବେଳେ ମୃତକ ଜଣେ ପୁରୁଷ ବୋଲି ପୋଲିସ କହୁଛି। କିନ୍ତୁ ମୃତକଙ୍କ ବୟସ, ପରିଚୟ ଜଣାପଡ଼ିନାହିଁ। ଏହି ଘଟଣାକୁ ମିଶାଇ ୧୫ ଦିନ ମଧ୍ୟରେ ସର୍ଗିପାଲି ଅଞ୍ଚଳରେ ୨ ହତ୍ୟାକାଣ୍ଡ ଘଟିଲାଣି, ଯେଉଁମାନଙ୍କ ପରିଚୟ ପୋଲିସ ଏଯାଏ ପାଇପାରିନାହିଁ। ତେବେ ୨ଜଣଙ୍କ ହତ୍ୟା ଜଣେ ବ୍ୟକ୍ତିଙ୍କ ଦ୍ୱାରା ହୋଇଛି ନା ଭିନ୍ନ ଏବଂ ୨ ମୃତକଙ୍କ ମଧ୍ୟରେ କିଛି ସମ୍ପର୍କ ରହିଛି କି ଭଳି ପ୍ରଶ୍ନ ସାଧାରଣରେ ଉଙ୍କିମାରିଛି। ୨ ଘଟଣାରେ ଗୋଟିଏ ସମାନତା ହେଉଛି ପରିଚୟ ନ ମିଳିବା। ତେଣୁ ଏସବୁ ସୁପରିକଳ୍ପିତ ହତ୍ୟାର ରହସ୍ୟ ଭେଦ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

**ସର୍ଗିପାଲିରେ ରହସ୍ୟ ହତ୍ୟା-୨**



ପାଳଗଦାରେ ପୋଡ଼ି ଯାଇଥିବା ସ୍କୁଟି ସହ ମୃତଦେହ।

**ସୁନ୍ଦରଗଡ଼,୨୭।୧୨**
**(ଜୟ ନାରାୟଣ ମେଣ୍ଡୁଲି)**

ଲେଫ୍ରିପଡା ଥାନା ସର୍ଗିପାଲି ଫାଣ୍ଡି ନିକଟସ୍ଥ ନବୋଦୟ ବିଦ୍ୟାଳୟ ପଛପଟ ଏକ ବିଲରେ ଗଦା ହୋଇଥିବା ପାଳରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ଏଥିସହ ଉକ୍ତ ସ୍ଥାନରୁ ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବା ଏକ ସ୍କୁଟି ମଧ୍ୟ ମିଳିଛି। ଖବର ଲେଖା ହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରିନାହିଁ। ଏହାକୁ ଏକ ଯୋଜନାବଦ୍ଧ ହତ୍ୟା ବୋଲି ପୋଲିସ ସନ୍ଦେହ କରୁଛି। ଭାରପ୍ରାପ୍ତ ସଦର ଏସ୍‌ଡିପିଓ ସୋମନାଥ ଜେନା, ସର୍ଗିପାଲି ଫାଣ୍ଡି ଅଧିକାରୀ ଦୀନେଶ ପଟ୍ଟା ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ପୋଡ଼ା ମୃତଦେହ ଓ କଙ୍କାଳ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛନ୍ତି। କେହି ଯୁବକଙ୍କୁ ସ୍କୁଟି ସହ ☞ପୃଷ୍ଠା-୪






## ବର୍ଷେ ବଢ଼ିଲା ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟକାଳ



ମନୋଜ ଆହୁଜା

**ଭୁବନେଶ୍ୱର,୨୭।୧୨(ଅନିଲ ଦାସ)**

ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଆଉ ୧ ବର୍ଷ ପାଇଁ ବୃଦ୍ଧି କରିଛନ୍ତି। ଆସନ୍ତା ୨୦୨୫ ଜାନୁଆରୀ ପହିଲାରୁ ୨୦୨୬ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ସେ ଏହି ପଦବୀରେ କାର୍ଯ୍ୟ କରିବେ। ତାଙ୍କ କାର୍ଯ୍ୟକାଳ ୨୦୨୪ ଡିସେମ୍ବର ୩୧ ତାରିଖରେ ଶେଷ ହୋଇଥାଆନ୍ତା। ରାଜ୍ୟ ସରକାରଙ୍କ ☞ପୃଷ୍ଠା-୪


No. T-

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ତା୩୦।୧୨।୨୦୨୪ରିଖ (ସୋମବାର) ଦିନ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୨୫।୧୨।୨୦୨୪ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ** (https://janasunani.odisha.gov.in/) ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତିସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0040/2425


# ଲ' କମିଶନ ଗଠନ କଲେ ରାଜ୍ୟ ସରକାର

**ଜଷ୍ଟିସ ବିଶ୍ୱନାଥ ରଥ ଅଧ୍ୟକ୍ଷ ନିଯୁକ୍ତ**

**ଭୁବନେଶ୍ୱର,୨୭।୧୨**
**(ଅନିଲ ଦାସ)**

ରାଜ୍ୟ ସରକାର ଲ' କମିଶନ ଗଠନ କରିଛନ୍ତି। ଏ ନେଇ ଆଇନ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ ଲ' କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିବା ବେଳେ ବରିଷ୍ଠ ଆଡ୍‌ଭୋକେଟ ସୂର୍ଯ୍ୟ ପ୍ରକାଶ ମିଶ୍ର ଓ ସୌରଚନ୍ଦ୍ର ମହାପାତ୍ର ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ଓଡ଼ିଶା ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏବଂ ଆଇନ ବିଭାଗ ପ୍ରମୁଖ ସଚିବ ଏକ୍ସ ଅଫିସିଓ ସଦସ୍ୟ ଭାବେ ନିଯୁକ୍ତି ପାଇଛନ୍ତି। ଏଥିସହିତ ଜଣେ ଅତିରିକ୍ତ ସଚିବ ପାହ୍ୟାର ଅଫିସର ଲ' କମିଶନଙ୍କ ମେମ୍ବର ସେକ୍ରେଟାରୀ ଭାବେ ନିଯୁକ୍ତ ହେବେ। ପୁନର୍ଗଠିତ ଏହି ଲ' କମିଶନରେ ଅଧ୍ୟକ୍ଷଙ୍କୁ ମିଶାଇ ମୋଟ ୬ଜଣ ସଦସ୍ୟ ରହିଛନ୍ତି । ଏହି କମିଟି ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ସର୍ବାଧିକ ୩ ବର୍ଷ ନଚେତ ୭୦ବର୍ଷ ବୟସ ହେବା ପର୍ଯ୍ୟନ୍ତ(ଯେଉଁଟି ଆଗ ପଡ଼ିବ) ବୋଲି ଜଣାପଡ଼ିଛି। ଏହି କମିଟି ରାଜ୍ୟରେ ଅପ୍ରାସଙ୍ଗିକ ହୋଇପଡ଼ିଥିବା ବିଭିନ୍ନ ରାଜ୍ୟ ଆଇନର ତର୍ଜମା କରି ସେଦିଗରେ ରାଜ୍ୟ ସରକାରଙ୍କୁ ସୁପାରିସ କରିବେ।




## ଜର୍ମାନୀ ପାର୍ଲାମେଣ୍ଟ ଭଙ୍ଗ: ଫେବୃଆରୀ ୨୩ରେ ନିର୍ବାଚନ

ଫ୍ରାଙ୍କଫର୍ଟ,୨୭।୧୨

ଜର୍ମାନୀ ଚାନ୍ସେଲର ଓଲଫ୍ ସ୍କୋଲ୍‌ଜଙ୍କ ଶାସକ ମେଣ୍ଟ ଭୁଶୁଡ଼ିବା ପରେ ରାଷ୍ଟ୍ରପତି ଫ୍ରାଙ୍କ-ୱାଲ୍ଟର ଷ୍ଟେଇନ୍‌ମେଇର ଶୁକ୍ରବାର ପାର୍ଲାମେଣ୍ଟ ଭଙ୍ଗ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଫେବୃଆରୀ ୨୩ରେ ସେଠାରେ ଜାତୀୟ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଚାନ୍ସେଲର ଓଲଫ୍ ତାଙ୍କ ଅର୍ଥମନ୍ତ୍ରୀଙ୍କୁ ବହିଷ୍କାର କରିବା ପରେ ନଭେମ୍ବର ୬ରେ ୩ ଦଳୀୟ ମେଣ୍ଟ ଭାଙ୍ଗିଯାଇଥିଲା। ଡିସେମ୍ବର ୧୬ରେ ଚାନ୍ସେଲର ଆସ୍ଥା ଭୋଟ ହାରିଯିବା ପରେ ତାଙ୍କ ସରକାର ସଂଖ୍ୟାଲଘୁ ହୋଇପଡ଼ିଥିଲା। ଫଳରେ ନିର୍ଦ୍ଧାରିତ ସମୟସୀମାର ୭ ମାସ ପୂର୍ବରୁ ଫେବୃଆରୀ ୨୩ରେ ଆଗୁଆ ସଂସଦୀୟ ନିର୍ବାଚନ କରାଇବା ସପକ୍ଷରେ ଅନେକ ବୃହତ୍ ଦଳ ସହମତ ହୋଇଥିଲେ।

## ପାର୍ଲାମେଣ୍ଟ ନିକଟରେ ଦେହରେ ନିଆଁ ଲଗାଇଥିବା ଯୁବକଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨୭।୧୨

ନୂଆ ପାର୍ଲାମେଣ୍ଟ ବିଲ୍ଡିଂ ନିକଟରେ ଜିତେନ୍ଦ୍ର ନାମରେ ଜଣେ ୨୬ ବର୍ଷୀୟ ଯୁବକ ଗତ ମଙ୍ଗଳବାର ଦେହରେ ପେଟ୍ରୋଲ ଭଳି ତରଳ ପଦାର୍ଥ ଢାଳି ନିଆଁ ଲଗାଇ ଆତ୍ମଦାହ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଥିବା ସୁରକ୍ଷା କର୍ମୀମାନେ ନିଆଁକୁ ଲିଭାଇ ତାଙ୍କୁ ଉଦ୍ଧାର କରିଥିଲେ। ଜିତେନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ରାମ ମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ଉତ୍ତରପ୍ରଦେଶର ବାଗପତ୍ ସହର ନିକଟରେ ତାଙ୍କ ଘର। ସେଠାରେ ଗୋଟିଏ ପରିବାର ସହ ତାଙ୍କ ପରିବାରର ବିବାଦରୁ ମାମଲା ଚାଲିଥିଲା।

# ବିମାନ ଦୁର୍ଘଟଣା ପୂର୍ବରୁ ଶୁଭିଥିଲା ପ୍ରଚଣ୍ଡ ଶବ୍ଦ

### ରୁଷୀୟ ଏୟାରପୋର୍ଟକୁ ୧୦ ବିମାନ ଉଡ଼ାଣ ରଦ୍ଦକଲା ଆଜରବୈଜାନ

ବାକୁ,୨୭।୧୨

ଅଜେରବୈଜାନର ଏମ୍ବ୍ରାଏର ୧୯୦ ଏୟାରକ୍ରାଫ୍ଟ ବୁଧବାର ଦୁର୍ଘଟଣାଗ୍ରସ୍ତ ହେବାରୁ ୩୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହି ବିମାନ ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଏନେଇ ଭିନ୍ନ ଭିନ୍ନ ରିପୋର୍ଟ ଆସିବାରେ ଲାଗିଛି। ଉକ୍ତ ପାସେଞ୍ଜର ଜେଟ୍ କାଜାଖସ୍ତାନରେ ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବରୁ ପ୍ରଚଣ୍ଡ ଶବ୍ଦ ଶୁଭିଥିଲା ବୋଲି ଅଜେରବୈଜାନ ଏୟାରଲାଇନ୍ସ ପକ୍ଷରୁ ଶୁକ୍ରବାର କୁହାଯାଇଛି। ବିମାନ ଉପରେ ବାହ୍ୟ ହସ୍ତକ୍ଷେପ କରାଯାଇଥିଲା। ରୁଷିଆର ୧୦ଟି ବିମାନବନ୍ଦର ସହ ବିମାନ ଚଳାଚଳ ବନ୍ଦ ନେଇ ଘୋଷଣା କରିବା ଅବସରରେ ଏୟାରଲାଇନ୍ସ ଆହୁରି କହିଛି ଯେ, ବାକୁରୁ ଗ୍ରୋନି ଉଡ଼ାଣ କରୁଥିବା ଫ୍ଲାଇଟ୍ ଜେ୨-୮୨୪୩ ଉପରେ ଫିଜିକାଲ୍ ଏବଂ ଟେକ୍ନିକାଲ ଏକ୍ସଟର୍ନାଲ ଇଣ୍ଟରଫିଅରେନ୍ସ କରାଯାଇଥିଲା। ଦୁର୍ଘଟଣା ପୂର୍ବରୁ ସେଥିରୁ ପ୍ରଚଣ୍ଡ ଶବ୍ଦ ଶୁଭିଥିବା ବିଷୟ ୨ ଜଣ ଯାତ୍ରୀ କହିଛନ୍ତି। ଏଭଳି ସ୍ଥିତିରେ ବିମାନ ସ୍ୱତଃ ଦୁର୍ଘଟଣାଗ୍ରସ୍ତ ନ ହୋଇ ଏହାକୁ ଖସିଇ ଦିଆଯାଇଥିବା ସନ୍ଦେହ ଦୃଢ଼ୀଭୂତ ହେବାରେ ଲାଗିଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି। ଦୁର୍ଘଟଣା ଘଟିଥିବା ଅଞ୍ଚଳ ୟୁକ୍ରେନୀୟ ସୈନ୍ୟଙ୍କ ଡ୍ରୋନ୍ ଜୋନ୍ କୁହାଯାଉଥିବା ଅଞ୍ଚଳରେ ବିମାନ ଦୁର୍ଘଟଣା ଘଟିଥିବାରୁ ରୁଷିଆ ଏହାକୁ ଖସାଇ ଦେଇଥିବା କେତେକେ ସନ୍ଦେହ କରୁଛନ୍ତି। ତେଣୁ ଏହାର ସମ୍ପୂର୍ଣ୍ଣ ତଦନ୍ତ କରାଯାଉ ବୋଲି ବୁଧବାର ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅଗାନାଜେଶନ୍ (ନାଟୋ) ପକ୍ଷରୁ ଦିନକ ପୂର୍ବରୁ ଦାବି କରାଯାଇଥିଲା।



## ପଞ୍ଜାବ ସରକାରଙ୍କୁ ଅଦାଲତ ଅବମାନନା ନୋଟିସ୍

### ଡାଲେୱାଲଙ୍କୁ ଚିକିତ୍ସା ସହାୟତା ଯୋଗାଅ

ନୂଆଦିଲ୍ଲୀ,୨୭।୧୨

ମାସେ ହେଲା ଅନଶନରେ ବସିଥିବା କୃଷକ ନେତା ଜଗଜିତ୍ ସିଂ ଡାଲେୱାଲଙ୍କ ଜୀବନ ଓ ସୁରକ୍ଷାକୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର ଚିନ୍ତାବ୍ୟକ୍ତ କରିବା ସହ ତାଙ୍କୁ ଚିକିତ୍ସା ସହାୟତା ସୁନିଶ୍ଚିତ କରିବା ପାଇଁ ପଞ୍ଜାବ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶର ଅନୁପାଳନ ହୋଇ ନ ଥିବାରୁ ରାଜ୍ୟ ମୁଖ୍ୟ ସଚିବଙ୍କ ବିରୋଧରେ ଅଦାଲତ ଅବମାନନା ପିଟିଶନ ଦାଏର ହୋଇଥିଲା। ଏନେଇ ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ସୁଧାଂଶୁ ଧୂଲିଆଙ୍କ ଖଣ୍ଡପୀଠ ପଞ୍ଜାବ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆଇନ ଶୃଙ୍ଖଳା ସ୍ଥିତି ଉପୁଜିଲେ ଦୃଢ଼ ହସ୍ତରେ ଦମନ କରିବାକୁ କୁହାଯାଇଛି। ଜୀବନ ବିପଦରେ ଥିବାବେଳେ ଏହାକୁ ଗମ୍ଭୀରତାର ସହ ନେବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି।

## ୨୬/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ମକ୍କିଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨୭।୧୨

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜମାତ-ଉଦ୍-ଦାୱାର ଉପମୁଖ୍ୟ ହଫିଜ୍ ଅବଦୁଲ ରେହମନ ମକ୍କିଙ୍କର ଶୁକ୍ରବାର ସକାଳେ ଲାହୋରରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଜମାତ୍-ଉଦ୍-ଦାୱା ମୁଖ୍ୟ ହାଫିଜ୍ ସୟିଦଙ୍କ ଶାଳକ। କିଛିଦିନ ହେଲା ସେ ଅସୁସ୍ଥ ଥାଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ୨୦୨୦ରେ ଅବଦୁଲଙ୍କୁ ଆତଙ୍କବାଦ ନିରୋଧୀ ଅଦାଲତ ୬ ମାସ ଜେଲଦଣ୍ଡାଦେଶ ଦେଇଥିଲେ।

# ଚର୍ଚ୍ଚାରେ ୨ ନେତାଙ୍କ ସ୍ତ୍ରୀ



ସାରା ନେତାନ୍ୟାହୁ

ମଧ୍ୟପ୍ରାଚ୍ୟର ଦୁଇଜଣ ବହୁଚର୍ଚ୍ଚିତ ରାଷ୍ଟ୍ରନେତାଙ୍କ ସ୍ତ୍ରୀ ଏବେ ଭିନ୍ନ ଭିନ୍ନ କାରଣରୁ ଚର୍ଚ୍ଚାରେ ରହିଛନ୍ତି। ଜଣେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସ୍ତ୍ରୀ ସାରା ଏବଂ ଅନ୍ୟ ଜଣକ ହେଲେ ସିରିଆର ନିର୍ବାସିତ ନେତା ବଶର ଅଲ୍-ଅସାଦ୍‌ଙ୍କ ସ୍ତ୍ରୀ ଅସ୍ମା। ସାରା ନେତାନ୍ୟାହୁ ରାଜନୈତିକ ବିରୋଧୀଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ ବିକ୍ଷୋଭ ଆୟୋଜନ ପାଇଁ ହ୍ୱାଟ୍ସଆପ୍ ମେସେଜ୍ ଜରିଆରେ ନିଜ ସହଯୋଗୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବିଷୟ ପ୍ରଘଟ ହେବା ପରେ ତାଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇଛି। ସେହିପରି ସିରିଆର ସଶସ୍ତ୍ର ବିଦ୍ରୋହୀ ଦେଶକୁ ଦଖଲ କରିବା ପରେ ରୁଷିଆ ପଳାୟନ କରିଥିବା ଗାଦିଚ୍ୟୁତ ରାଷ୍ଟ୍ରପତି ବଶରଙ୍କ ସ୍ତ୍ରୀ ଅସ୍ମା ଅଲ୍-ଅସାଦ୍ ସମ୍ପ୍ରତି ମସ୍କୋରେ ଅବସ୍ଥାନ କରୁଛନ୍ତି। ସେ ଲିଉକେମିଆ (ରକ୍ତ କର୍କଟ) ରୋଗରେ ପୀଡ଼ିତା। ଅସ୍ମା ବଞ୍ଚିବା ଆଶା କ୍ଷୀଣ ବୋଲି ଡାକ୍ତରମାନେ କହୁଛନ୍ତି। ଏଭଳି ସ୍ଥିତିରେ ସେ ସ୍ୱାମୀ ବଶରଙ୍କୁ ଛାଡ଼ପତ୍ର ଦେଇ ଲଣ୍ଡନକୁ ଚାଲିଯିବା ପାଇଁ ଏକ ରୁଷୀୟ କୋର୍ଟରେ ସ୍ୱତନ୍ତ୍ର ଅନୁମତି ଆବେଦନ କରିଛନ୍ତି।



ଅସ୍ମା ଅଲ୍-ଅସାଦ୍

# ଆଜି ମନମୋହନଙ୍କ ଶେଷକୃତ୍ୟ

## ବାସଭବନରେ ଶେଷ ଦର୍ଶନ କଲେ ବହୁ ନେତା

### ବିଶ୍ୱ ନେତାଙ୍କ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ,୨୭।୧୨

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଆର୍ଥିକ ସଂସ୍କାରର ଅଗ୍ରଦୂତ ଡ. ମନମୋହନ ସିଂଙ୍କର ଗୁରୁବାର ରାତିରେ ଦିଲ୍ଲୀ ଏମ୍ସରେ ପରଲୋକ ଘଟିଥିଲା। ତାଙ୍କ ବିୟୋଗରେ ୭ ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଥିବାବେଳେ ଶନିବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ତାଙ୍କର ଜଣେ ଝିଅ ଆମେରିକାରେ ରହିଥିବାବେଳେ ତାଙ୍କ ଫେରିବାକୁ ଅପେକ୍ଷା କରାଯାଇଛି। ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ ଦେଶର ଶୀର୍ଷ ରାଜନେତାମାନେ ମନମୋହନଙ୍କ ଦିଲ୍ଲୀସ୍ଥିତ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ତାଙ୍କ ଶେଷ ଦର୍ଶନ ପାଇଁ ମରଶରୀରକୁ ଜାତୀୟ ପତାକାରେ ଗୁଡ଼ାଯାଇ ବାସଭବନରେ ଫୁଲରେ ସଜ୍ଜିତ କାସ୍କେଟ୍‌ରେ ରଖାଯାଇଛି। ଦଳମତ ନିର୍ବିଶେଷରେ ବହୁନେତା ଆସି ତାଙ୍କୁ ଶେଷ ସମ୍ମାନ ଜଣାଉଛନ୍ତି। ସ୍ତ୍ରୀ ଗୁରଶରନ କୌର ଓ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଛନ୍ତି। ଶନିବାର ସକାଳ ୮ଟାରେ ମରଶରୀରକୁ କଂଗ୍ରେସ ମୁଖ୍ୟାଳୟକୁ ନିଆଯିବ। ସେଠାରେ ଦଳୀୟ କର୍ମୀ ଓ ଜନସାଧାରଣ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ୯ଟା ୩୦ରେ ଏଆଇସିସି କାର୍ଯ୍ୟାଳୟରୁ ଶ୍ମଶାନ ସ୍ଥଳକୁ ଶୋଭାଯାତ୍ରାରେ ନିଆଯିବ। ମନମୋହନଙ୍କ ପରଲୋକରେ ବିଶ୍ୱନେତାମାନେ ଶୋକବ୍ୟକ୍ତ କରିବା ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଭାରତର ଆର୍ଥିକ ସଂସ୍କାରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଏବଂ ଅନ୍ତର୍ଜାତୀୟ ସମ୍ପର୍କକୁ ମଜଭୁତ କରିବା ଦିଗରେ ତାଙ୍କର ପ୍ରମୁଖ ଭୂମିକା ଏଥିରୁ ପ୍ରତିଫଳିତ ହେଉଛି। ବନ୍ଧୁ ମନମୋହନଙ୍କ ପରଲୋକରେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଭାରତ ଜଣେ ମହାନ୍ ବ୍ୟକ୍ତିଙ୍କୁ ହରାଇଲା ବୋଲି କହିଛନ୍ତି। ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଭାରତକୁ ବିଶ୍ୱର ବୃହତ୍ ଅର୍ଥନୀତିରେ ପରିଣତ କରିବାରେ ଏହି ଅର୍ଥନୈତିକ ସଂସ୍କାରର ବିନ୍ଧାଣୀଙ୍କର ପ୍ରମୁଖ ଭୂମିକା ରହିଛନ୍ତି। ଭାରତ ଆମେରିକା ରଣନୈତିକ ସହଭାଗିତାରେ ଡ. ସିଂ ମହାନ ଚାମ୍ପିଅନ୍ ଥିଲେ ବୋଲି ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି।



ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶେଷ ସମ୍ମାନ ଜଣାଉଛନ୍ତି।

## ବସ୍ ଦୁର୍ଘଟଣାରେ ୮ ମୃତ

ବଠିଣ୍ଡା,୨୭।୧୨

ପଞ୍ଜାବର ବଠିଣ୍ଡାରେ ଶୁକ୍ରବାର ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଛନ୍ତି। ତାଲୱାନ୍ଦି ସାବୋରୁ ୪୫ ଯାତ୍ରୀଙ୍କୁ ନେଇ ବଠିଣ୍ଡା ଯାଉଥିବା ବସ୍‌ଟି ଜୀବନ ସିଂୱାଲା ଗ୍ରାମ ନିକଟରେ ଏକ ବ୍ରିଜ୍ ରେଲିଂରେ ଧକ୍କା ହୋଇ ଗଭୀର ଡ୍ରେନ୍ ମଧ୍ୟକୁ ଖସିପଡ଼ିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ଯାତ୍ରୀମାନଙ୍କୁ ବସ୍‌ରୁ ବାହାର କରି ହସ୍ପିଟାଲ ପଠାଇଥିଲେ।

## ଦକ୍ଷିଣ କୋରିଆ କାର୍ଯ୍ୟକାରୀ ରାଷ୍ଟ୍ରପତିଙ୍କ ବିରୋଧରେ ମହାଭିଯୋଗ ଗୃହୀତ

ସିଓଲ,୨୭।୧୨

ଦକ୍ଷିଣ କୋରିଆରେ ସରକାରୀ ଦଳର ଆଇନ ପ୍ରଣେତାମାନଙ୍କ ଜୋର୍‌ଦାର ବିରୋଧ ସତ୍ତ୍ୱେ ବିରୋଧୀ ଦଳ ନିୟନ୍ତ୍ରଣରେ ଥିବା ନ୍ୟାଶନାଲ ଆସେମ୍ବ୍ଲି ଶୁକ୍ରବାର କାର୍ଯ୍ୟକାରୀ ରାଷ୍ଟ୍ରପତି ହାନ୍ ଡୁକ୍-ସୁଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଗୃହୀତ କରାଇଛି। ମହାଭିଯୋଗ ସପକ୍ଷରେ ୧୯୨ ଭୋଟ ପଡ଼ିଥିବାବେଳେ ବିପକ୍ଷରେ କେହି ଭୋଟ ଦେଇ ନ ଥିଲେ। ଶାସକ ଦଳ ପିପୁଲ ପାୱାର ପାର୍ଟି ଭୋଟକୁ ବର୍ଜନ କରିଥିଲା। ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲଙ୍କ ଦ୍ୱାରା ସୃଷ୍ଟ ରାଜନୈତିକ ସଙ୍କଟ ଆହୁରି ତୀବ୍ର ହୋଇଛି। ରାଷ୍ଟ୍ରପତି ୟୁନ୍ ଦେଶରେ ସାମରିକ ଆଇନ ଲାଗୁକରିବିଦ୍ରୋହର ସମ୍ମୁଖୀନ ହୋଇଥିଲେ। ତାଙ୍କ ବିରୋଧରେ ମହାଭିଯୋଗ ଗୃହୀତ ହେବା ପରେ ହାନ୍‌ଙ୍କୁ କାର୍ଯ୍ୟକାରୀ ରାଷ୍ଟ୍ରପତି କରାଯାଇଥିଲା। ତାଙ୍କ ବିରୋଧରେ ମହାଭିଯୋଗ ଗୃହୀତ ହୋଇଥିବାରୁ ତାଙ୍କଠାରୁ ରାଷ୍ଟ୍ରପତି କ୍ଷମତା କାଢ଼ିନିଆଯିବ।



ହାନ୍ ଡୁକ୍-ସୁ'

# ଅଧିକ ୪୧ ବିପଜ୍ଜନକ ଉତ୍ତପ୍ତ ଦିନର ସାମ୍ନା କରିଛି ବିଶ୍ୱ

### ଜଳବାୟୁ ପରିବର୍ତ୍ତନ

ୱାଶିଂଟନ,୨୭।୧୨

ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ବର୍ଷ ସମଗ୍ର ବିଶ୍ୱ ହାରାହାରି ଅଧିକ ୪୨ଟି ବିପଜ୍ଜନକ ଉତ୍ତପ୍ତ ଦିନର ଯନ୍ତ୍ରଣା ସହ୍ୟ କରିଛି। ୨୦୨୪ ବର୍ଷ ସାରା ବିଶ୍ୱର ପାଣିପାଗ ଅଧିକ ଖରାପ ହୋଇଥିବା ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି। ୱାର୍ଲ୍ଡ ୱେଦର ଆଟ୍ରିବ୍ୟୁଶନ ଆଣ୍ଡ କ୍ଲାଇମେଟ୍ ସେଣ୍ଟ୍ରାଲ୍‌ର ଗବେଷକମାନେ କରିଥିବା ବିଶ୍ଳେଷଣ ବର୍ଷ ଶେଷରେ ପ୍ରକାଶ ପାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଯୋଗୁ ୨୦୨୪ ବର୍ଷ ସବୁଠୁ ଉତ୍ତପ୍ତ ହେବା ସହ ଅଧିକାଂଶ ପାଣିପାଗ ଘାତକ ହୋଇଥିଲା। ଏହା ବିନାଶକାରୀ ହେଲେ ମଧ୍ୟ ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟଜନକ ନୁହେଁ। ଗ୍ରୀଷ୍ମ ଲହର, ମରୁଡ଼ି, ବାତ୍ୟା, ପ୍ରବଳ ବର୍ଷା ଭଳି ଭୀଷଣ ପାଗ ସାରା ବିଶ୍ୱରେ ବଢ଼ିଚାଲିଛି। ଏଥିରେ ଜଳବାୟୁ ପରିବର୍ତ୍ତନର ବଡ଼ ଭୂମିକା ରହିଛି। ଭୀଷଣ ପାଗ ଯୋଗୁ ଅଗଣିତ ଲୋକଙ୍କ ଜୀବନ ଯିବା ସହ ଜୀବିକା ନଷ୍ଟ ହୋଇଛି ବୋଲି ୱାର୍ଲ୍ଡ ୱେଦର ଆଟ୍ରିବ୍ୟୁଶନ୍ ମୁଖ୍ୟ ତଥା ଇମ୍ପେରିଆଲ କଲେଜ ଜଳବାୟୁ ବୈଜ୍ଞାନିକ କହିଛନ୍ତି। ଉତ୍ତାପ ବୃଦ୍ଧି ଯୋଗୁ ଉତ୍ତର କାଲିଫର୍ଣ୍ଣିଆ ଏବଂ ଡେଡ୍ ଭ୍ୟାଲି ତତଲା ତାୱାରେ ଭାଜି ହେଲାଭଳି ସ୍ଥିତି ଉପୁଜିଥିଲା। ମେକ୍ସିକୋ ଏବଂ କେନ୍ଦ୍ରୀୟ ଆମେରିକାରେ ଦିନବେଳା ତାପମାତ୍ରା ଅସହ୍ୟ ହୋଇଥିଲା। ପଶ୍ଚିମ ଆଫ୍ରିକାରେ ଦୟନୀୟ ସ୍ଥିତିରେ ରହୁଥିବା ପିଲାମାନଙ୍କ ପାଇଁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ବିପଜ୍ଜନକ ହୋଇଥିଲା। ଦକ୍ଷିଣ ୟୁରୋପୀୟ ଦେଶଗୁଡ଼ିକରେ ତାପମାତ୍ରା ବହୁତ ବଢ଼ିଯାଇଥିବାବେଳେ ଆକ୍ରୋପୋଲିଗୁଡ଼ିକୁ ବନ୍ଦ କରିବାକୁ ଗ୍ରୀସ୍ ବାଧ ହୋଇଥିଲା। ଦକ୍ଷିଣ ଏବଂ ଦକ୍ଷିଣପୂର୍ବ ଏସିଆ ଦେଶଗୁଡ଼ିକରେ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଯୋଗୁ ସ୍କୁଲଗୁଡ଼ିକ ବନ୍ଦ ହୋଇଯାଇଥିଲା।



## ଫୁର୍‌ସତ

# ଡେଟିଂ ଖବର ସତ



ସୁହାନା ଖାନ୍

**ମୁମ୍ବାଇ:** କଥାରେ ଅଛି 'ସତ କେବେ ଲୁଚି ରୁହେନା'। ଯେତେ ନା ବୋଲି କହିଲେ ବି ଯାହା ସତ ତାହା ସାମ୍ନାକୁ ଆସିଯାଇଥାଏ। କିଛି ଏଭଳି ଘଟିଛି ବଲିଉଡ୍‌ର କିଙ୍ଗ ଖାନ୍ ଶାହାରୁଖଙ୍କ ଲଳନା ସୁହାନାଙ୍କ କ୍ଷେତ୍ରରେ। କିଛିଦିନ ହେଲାଣି ସେ ପ୍ରେମରେ ଉବୁଟୁବୁ ହେଉଥିବା ଚର୍ଚ୍ଚା ଜୋର ଧରିଛି। ବିଗ୍ ବି ଅମିତାଭ ବଚ୍ଚନଙ୍କ ନାତିଅଗସ୍ତ୍ୟ ନନ୍ଦାଙ୍କ ସହ ତାଙ୍କୁ ଅନେକ ସ୍ଥାନରେ ଏକାଠି ଦେଖାଯାଉଛି। ହେଲେ ସେଭଳି କିଛି ନୁହେଁ ବୋଲି କହି ସୁହାନା ଡେଟିଂ ଖବରକୁ ଏଡ଼ାଇ ଯାଉଥିଲେ। ଏବେ କିନ୍ତୁ ଚର୍ଚ୍ଚାରେ ମୋହର ବାଜିଛି। ଆଉ ଦିନ କେଇଟା ପରେ ନୂଆ ବର୍ଷ। କ୍ରିସ୍‌ମାସଠାରୁ ଏହାକୁ ନେଇ ସେଲିବ୍ରେଶନ ଆରମ୍ଭ ହୋଇଛି। ବଲିଉଡ୍‌ର ଷ୍ଟାରକିଡ୍‌ମାନେ ନିଆରା ଭାବେ ନୂଆ ବର୍ଷକୁ ପାଳନ କରିବାକୁ ଅଣ୍ଟା ଭିଡିଛନ୍ତି। ସେମାନଙ୍କ ମଧ୍ୟରୁ ସୁହାନା ନିଜର କଥିତ ପ୍ରେମିକ ଅଗସ୍ତ୍ୟଙ୍କ ସହ ବାପାଙ୍କ ଫାର୍ମହାଉସ୍ ଯାଇଛନ୍ତି। ଦୁହେଁ ଫାର୍ମହାଉସ ଯିବା ପାଇଁ 'ଗେଟ୍‌ୱେ ଅଫ୍ ଇଣ୍ଡିଆ' ରାସ୍ତାକୁ ବାଛିଥିଲେ। ସେଠାରୁ ସ୍ପିଡ୍ ବୋଟ୍ ନେଇ ଲୋକେଶନ୍‌ରେ ପହଞ୍ଚିଥିଲେ। ଏହି ସମୟରେ ସେମାନଙ୍କ ଭିଡିଓ ଭାଇରାଲ ହେଉଛି। ସୋସିଆଲ ମିଡିଆରେ ଉଭୟଙ୍କ ଯୋଡ଼ିକୁ ଲୋକେ ପସନ୍ଦ କରୁଛନ୍ତି। ପୂର୍ବରୁ ସୁହାନା ଦୀପାବଳି ପାର୍ଟିକୁ ଅଗସ୍ତ୍ୟଙ୍କ ସହ ଯାଇଥିଲେ। ଏହାଛଡ଼ା ଅନନ୍ୟା ପାଣ୍ଡେଙ୍କ 'କଲ୍ ମି ବେ'ର ପ୍ରିମିୟରରେ ଏକାଠି ନଜର ଆସିଥିଲେ। ଫିଲ୍ମ ବିଷୟରେ କହିଥିଲେ, ସୁହାନା ସୁଜୟ ଘୋଷଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେଉଥିବା ଫିଲ୍ମ 'କିଙ୍ଗ' ଶୁଟିଂରେ ବ୍ୟସ୍ତ।

# ଭାରତ ପ୍ରେମରେ ଜର୍ମାନ୍ ପର୍ଯ୍ୟଟକ

**ବର୍ଲିନ:** ଜର୍ମାନ୍ ବ୍ଲଗର ସାମୁଏଲ୍ ହ୍ୟୁବର୍ ଭାରତ ଗସ୍ତରେ ଆସି ନିଜ ଅନୁଭୂତିକୁ ସୋସିଆଲ ମିଡିଆରେ ବଖାଣିଛନ୍ତି। କିଛିଦିନ ତଳେ ହିମାଚଳ ପ୍ରଦେଶର ଧର୍ମଶାଳାରେ ଆୟୋଜିତ 'ଫାରକାଷ୍ଟର ବିଲ୍ଡର ଇଣ୍ଟରନ୍ୟାଶନାଲ ଫେଲୋଶିପ୍'ରେ ଅଂଶଗ୍ରହଣ କରିବାକୁ ହ୍ୟୁବର ଭାରତ ଆସିଥିଲେ। ଭାରତର ଆତିଥ୍ୟ ଏବଂ ପ୍ରାକୃତିକ ପରିବେଶ ତାଙ୍କୁ ବେଶ୍ ଭଲ ଲାଗିଥିଲା। ହ୍ୟୁବର ଗୁରୁବାର ଏକ ପୋଷ୍ଟ କରି ଲେଖିଛନ୍ତି, ସେ ତାଙ୍କ ଭାରତ ଗସ୍ତରେ ଧର୍ମଶାଳାରେ ରହି ନିଜ ଭାଇମାନଙ୍କ ସହିତ ଖୁବ୍ ଉପଭୋଗ କରୁଛନ୍ତି। ସେମାନେ ପର୍ବତ ଶିଖରରେ ଫୁଟ୍‌ବଲ ଖେଳିଥିଲେ, ଯାହା ବେଶ୍ ଆନନ୍ଦଦାୟକ ଥିଲା। ସେହିପରି ହ୍ୟୁବର ପର୍ବତରେ ଫୁଟ୍‌ବଲ ଖେଳୁଥିବାର ଏକ ଫଟୋ ମଧ୍ୟ ଶେୟାର କରିଛନ୍ତି। ସେ ଜର୍ମାନୀରୁ ଦିଲ୍ଲୀରେ ଅବତରଣ କରିବା ପରେ ପ୍ରଥମେ 'ଫାର୍‌କାଷ୍ଟର ବିଲ୍‌ଡର ଇଣ୍ଟରନ୍ୟାଶନାଲ ଫେଲୋଶିପ୍' କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅଂଶଗ୍ରହଣକାରୀଙ୍କ ସହ ଧର୍ମଶାଳା ଅଭିମୁଖେ ଯାତ୍ରା କରିଥିଲେ। ତେବେ ଏହି ଯାତ୍ରାବେଳେ ତାଙ୍କ କାର୍ ଭାଙ୍ଗିଯାଇଥିଲା ଏବଂ ସେ ସାମାନ୍ୟ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ରାତିସାରା କାର୍ ମଧ୍ୟରେ ବିତାଇବାକୁ ପଡିଥିଲା। ତେବେ ଧର୍ମଶାଳାରେ ପହଞ୍ଚି ସେଠାକାର ପରିବେଶକୁ ଦେଖିବା ପରେ ହ୍ୟୁବର ଏବଂ ତାଙ୍କ ସାଥୀମାନଙ୍କର ସମସ୍ତ ଥକ୍କାପଣ ଦୂର ହୋଇଯାଇଥିଲା। ଧର୍ମଶାଳାର ସ୍ଥାନୀୟ ଲୋକଙ୍କ ଦ୍ୱାରା ସେ ବହୁତ୍ ପ୍ରଭାବିତ ହୋଇଛନ୍ତି ବୋଲି ହ୍ୟୁବର କହିଛନ୍ତି। ନିଜ ଭାରତ ଗସ୍ତବେଳେ ସେ ଧର୍ମଶାଳାର ପାରମ୍ପରିକ ପୋଷାକ ମଧ୍ୟ ପିନ୍ଧିଥିଲେ। ଏହି ଭାରତ ଗସ୍ତ ତାଙ୍କୁ ବେଶ୍ ଖୁସି ଦେଇଛି ଏବଂ ଆସନ୍ତା ବର୍ଷ ପୁଣି ଥରେ ସେ ଭାରତ ଭ୍ରମଣ କରିବା ପାଇଁ ଆସିବେ ବୋଲି ହ୍ୟୁବର କହିଛନ୍ତି।



# ଟ୍ରେନ୍ ବଗି ତଳେ ୨୫୦ କି.ମି.



ଜବଲପୁର,୨୭।୧୨

ଟିକେଟ କିଣିବାକୁ ଟଙ୍କା ନ ଥିବାରୁ ମଧ୍ୟପ୍ରଦେଶର ଜଣେ ଯୁବକ ଏକ ଏକ୍ସପ୍ରେସ୍ ଟ୍ରେନ୍ ବଗି ତଳେ ଲୁଚିରହି ବିପଜ୍ଜନକ ଅବସ୍ଥାରେ ୨୫୦ କିଲୋମିଟର ଯାତ୍ରା କରିଛନ୍ତି। ସେ ଇଟାର୍ସିରୁ ଜବଲପୁର ପର୍ଯ୍ୟନ୍ତ ଯିବା ପରେ ସେଠାର ଷ୍ଟେଶନରେ ଥିବା ରେଳ କର୍ମଚାରୀମାନେ ତାଙ୍କୁ ଦେଖିବାକୁ ପାଇଥିଲେ।

ଗତ ୨୪ ତାରିଖରେ ଦାନାପୁର ଏକ୍ସପ୍ରେସ୍ ଟ୍ରେନ୍‌ର ଏସ୍-୪ କୋଚ୍ ତଳେ ଯୁବକ ଜଣକ ବିପଜ୍ଜନକ ଅବସ୍ଥାରେ ଚକା ମଝିରେ ଝୁଲିରହି ଯାଉଥିବା ରେଳ କର୍ମଚାରୀମାନେ ରୁଟିଂ ଚେକ୍ ବେଳେ ଜାଣିବା ପରେ ତୁରନ୍ତ ଲୋକୋ ପାଇଲଟ୍‌ଙ୍କୁ ୱେୟାରଲେସ୍ ଯୋଗେ ଜଣାଇଥିଲେ। ଟ୍ରେନ୍ ତୁରନ୍ତ ଅଟକିବା ପରେ ଯୁବକଙ୍କ ବାହାର କରାଯାଇଥିଲା। ଟିକେଟ କିଣିବା ପାଇଁ ଟଙ୍କା ନ ଥିବାରୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସେ ଏଭଳି ବିପଜ୍ଜନକ ଭାବେ ଯାତ୍ରା କରୁଥିଲେ ବୋଲି ଜେରା ବେଳେ ରେଳ କର୍ମଚାରୀମାନଙ୍କୁ କହିଛନ୍ତି। ଯୁବକଙ୍କ ମାନସିକ ସ୍ଥିତି ଭଲ ନ ଥିବା ରେଲୱେ ସୁରକ୍ଷା ବଳ (ଆର୍‌ପିଏଫ୍) କହିଛି। ଜେରା ପରେ କର୍ମଚାରୀମାନେ ତାଙ୍କୁ ଛାଡ଼ିଦେଇଥିଲେ। ଯୁବକଙ୍କ ବିପଜ୍ଜନକ ଯାତ୍ରା ବେଳର ଭିଡିଓ ଭାଇରାଲ ହୋଇଛି।



# ମନମୋହନ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

## ଭାରତକୁ ବିଶ୍ୱର ଅର୍ଥନୀତି କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନରେ ପହଞ୍ଚାଇଥିଲେ: ମୋହନ

**ଭୁବନେଶ୍ୱର,୨୭।୧୨(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନ ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଗଣମାଧ୍ୟମକୁ ବିବୃତି ଦେଇ କହିଛନ୍ତି, ଦେଶର ମହାନ୍ ବରପୁତ୍ର ଡ. ମନମୋହନ ସିଂହଙ୍କ ବିୟୋଗ ଅତ୍ୟନ୍ତ ଦୁଃଖଦାୟକ। ଅର୍ଥନୀତି କ୍ଷେତ୍ରରେ ତାଙ୍କ ଜ୍ଞାନ ଓ ଦକ୍ଷତା ପାଇଁ ସାରା ବିଶ୍ୱରେ ସେ ପ୍ରସିଦ୍ଧି ଅର୍ଜନ କରିଥିଲେ। ତାଙ୍କ ଉଦାର ଅର୍ଥନୈତିକ ନୀତି ଭାରତକୁ ବିଶ୍ୱର ଅର୍ଥନୀତି କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନରେ ପହଞ୍ଚାଇଥିଲା। ପ୍ରଧାନମନ୍ତ୍ରୀ ଭାବେ ଦେଶର ବିକାଶକୁ ସେ ତ୍ୱରାନ୍ୱିତ କରିଥିଲେ। ତାଙ୍କ ଜ୍ଞାନ, ଭଦ୍ରତା, ସାଧୁତା ଓ ଅମାୟିକ ସ୍ୱଭାବ ଯୋଗୁ ରାଜନୀତି କ୍ଷେତ୍ରରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିଲା। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ପୂର୍ବତନ ବିଧାୟକ ନାଉରି ନାୟକ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ସ୍ୱର୍ଗତ ସିଂହଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ମନମୋହନଙ୍କ ଦେହାନ୍ତରେ କଂଗ୍ରେସ ଭବନରେ ଶୋକସଭା

**ଭୁବନେଶ୍ୱର,୨୭।୧୨(ସୁନିତ୍ ମିଶ୍ର)**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ବିଶିଷ୍ଟ ଅର୍ଥନୀତିଜ୍ଞ ତଥା କଂଗ୍ରେସ ବରିଷ୍ଠ ନେତା ମନମୋହନ ସିଂଙ୍କ ବିୟୋଗରେ ଓଡ଼ିଶା କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା କଂଗ୍ରେସ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମନମୋହନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ଜଣାଇ ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଖୁଣ୍ଟିଆ, ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ପଞ୍ଚାନନ କାନୁନ୍‌ଗୋ, ଶିବାନନ୍ଦ ରାୟ ଓ ଶରତ ରାଉତ ପ୍ରମୁଖ ନିଜ ବକ୍ତବ୍ୟରେ କହିଛନ୍ତି, ସ୍ୱର୍ଗତ ମନମୋହନ ସିଂ ଜଣେ ଉଚ୍ଚକୋଟୀର ଅର୍ଥନୀତିଜ୍ଞ ଥିଲେ। ସେ ପ୍ରଧାନମନ୍ତ୍ରୀ ଥିବା ସମୟରେ ଭାରତର ଅର୍ଥନୀତିକୁ ବ୍ୟବସ୍ଥିତ ଓ ସୁଦୃଢ଼ କରିଥିଲେ। ଖାଦ୍ୟ ନିରାପତ୍ତା ଆଇନ, ସୂଚନା ଅଧିକାର ଆଇନ, ଆଧାର କାର୍ଡ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରଭୃତି ଯୋଜନା ପ୍ରଣୟନକରି ଦେଶକୁ ପ୍ରଗତି କ୍ଷେତ୍ରରେ ବହୁ ଆଗକୁ ନେଇପାରିଥିଲେ। ଜଣେ ଅତ୍ୟନ୍ତ ଅମାୟିକ ଭଦ୍ର ଓ ଦୂରଦ୍ରଷ୍ଟା ରାଜନୀତିଜ୍ଞ ଭାବେ ସେ ଜଣାଶୁଣା ଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଛି। ଏହି ଅବସରରେ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ରହି ତାଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଦେବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରଥିଲେ।

# ରାଜ୍ୟରେ ୪୦ ଲକ୍ଷ ଭୂତ ହିତାଧିକାରୀ: ମନ୍ତ୍ରୀ ପାତ୍ର

## ପ୍ରତି ଜିଲାରେ ଲକ୍ଷେରୁ ଦେଢ଼ ଲକ୍ଷ ଅଛନ୍ତି

**ଭୁବନେଶ୍ୱର,୨୭।୧୨(ସୁନିତ୍ ମିଶ୍ର)**

ରାଜ୍ୟରେ ବହୁ ସଂଖ୍ୟାରେ ଭୂତ ହିତାଧିକାରୀ ରାଶନ କାର୍ଡ ହାତେଇଥିବା ବିଷୟ ଅନେକ ସମୟରେ ଆଲୋଚନା ହୋଇଆସୁଛି। ତେବେ ସରକାର ଖୁବ୍‌ଶୀଘ୍ର ଭୂତ ହିତାଧିକାରୀଙ୍କୁ ଚିହ୍ନଟକରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଅନେକ ସମୟରେ କହିଆସୁଛନ୍ତି। ତେବେ ଇ-କେୱାଇସି ଶେଷ ହେବାପରେ ଅଯୋଗ୍ୟ ହିତାଧିକାରୀ ସଂଖ୍ୟା ରାଜ୍ୟରେ କେତେ ତାହା ଜଣାପଡ଼ିଯିବ ବୋଲି ସରକାର ବାରମ୍ବାର ସୂଚନା ଦେଇଛନ୍ତି। ଏଭଳି ସ୍ଥିତିରେ ଶୁକ୍ରବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ରାଜ୍ୟରେ ଏବେ ୪୦ ଲକ୍ଷ ଭୂତ ହିତାଧିକାରୀ ରହିଥିବା ଜଣାପଡ଼ିଛି। ପ୍ରତ୍ୟେକ ଜିଲାରେ ଲକ୍ଷେରୁ ଦେଢ଼ ଲକ୍ଷ ଭୂତ ହିତାଧିକାରୀ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ଇ-କେୱାଇସି ଚାଲିଥିବା ମନ୍ତ୍ରୀ ପାତ୍ର ସୂଚନା ଦେଇଛନ୍ତି।

**ଛିଣ୍ଡିପଡ଼ିଲା ବିଦ୍ୟୁତ୍ ତାର**

# ବିଲରେ ଜଳିଗଲେ ଚାଷୀ

## କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ

**ଚାନ୍ଦବାଲି,୨୭।୧୨(କିଷାନ ପାତ୍ର)**

ଚାଷଜମିରେ ଛିଣ୍ଡି ପଡ଼ିଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଚାଷୀ ଜଳି ଯାଇଛନ୍ତି। ଏଥିସହ ଚାଷୀଙ୍କ ୨ ଏକର ଜମିର ଧାନ ପୋଡ଼ି ପାଉଁଶ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅଧୀନ ବାଲିଗାଁ ନରସିଂହପୁର ଗ୍ରାମରେ। ମୃତ ଚାଷୀ ହେଲେ ଗ୍ରାମର ପ୍ରମୋଦ ଦାସ(୨୯)। ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି ଯୋଗୁ ପ୍ରମୋଦଙ୍କ ଜୀବନ ଯାଇଥିବା ଅଭିଯୋଗ କରି ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବିରେ ପରିବାର ସହ ଉତ୍ତ୍ୟକ୍ତ ଲୋକେ ସ୍ଥାନୀୟ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଆଗରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ।

ସୂଚନା ଅନୁଯାୟୀ, ପ୍ରମୋଦ ନିଜ ବିଲ କୁଞ୍ଜକାଳିକା ନିକଟକୁ ଧାନ କାଟିବାକୁ ଯାଇଥିଲେ। ବିଲ ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ହଠାତ୍ ଛିଣ୍ଡି ତାଙ୍କ ଉପରେ ପଡ଼ିଥିଲା। ବିଦ୍ୟୁତ୍ ଆଘାତରେ ଜଳିଯାଇ ସେଠାରେ ପ୍ରମୋଦଙ୍କ ମୃତ୍ୟୁ ଘଟିଥିଲା।


ଘଟଣାସ୍ଥଳରେ ଲୋକଙ୍କ ଭିଡ଼।

ପ୍ରମୋଦଙ୍କ ଜମି ସହ ଆଖପାଖରେ ୨ରୁ ୩ ଏକର ଚାଷଜମିରେ ନିଆଁ ଲାଗିଯାଇଥିଲା। ପାଖରେ ଧାନ କାଟୁଥିବା ଅନ୍ୟ ଚାଷୀମାନେ ପ୍ରମୋଦଙ୍କ ଦେହରେ ବିଦ୍ୟୁତ୍ ତାର ଲାଗିଥିବାରୁ ତାଙ୍କ ପାଖକୁ ଆସିବାକୁ ସାହସ କରିପାରି ନ ଥିଲେ। ଦମକଳ ବାହିନୀ ଓ ବିଦ୍ୟୁତ୍ ଅଫିସକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଘଟଣା ପରେ ସେଠାରେ ଉତ୍ତେଜନା ଲାଗି ରହିଥିଲା। ଚାନ୍ଦବାଲି ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ପ୍ରମୋଦ ଘରେ ଏକମାତ୍ର ରୋଜଗାରିଆ ପୁଅ ଥିଲେ। ତାଙ୍କର ଅନ୍ୟ ଦୁଇଭାଇ ମାନସିକ ବିକାରଗ୍ରସ୍ତ ଥିବାବେଳେ ପ୍ରମୋଦଙ୍କ ଉପରେ ସମ୍ପୂର୍ଣ୍ଣ ପରିବାର ନିର୍ଭର କରୁଥିଲା। ମୃତକଙ୍କ ପରିବାର ଲୋକଙ୍କ ସହ ବାଲିଗାଁ ଅଞ୍ଚଳର ବିଶ୍ୱନାଥ ଦାଶ, ଚିନ୍ତାମଣି ସାହୁ, ସୁଶାନ୍ତ ସାହୁ, ଜନ୍ମେଞ୍ଜୟ ରାଉଳ, ଦୀପକ ଦାଶ, ଅର୍ଜୁନ ସାହୁଙ୍କ ସମେତ ଶତାଧିକ ଚାଷୀ ପ୍ରମୋଦଙ୍କ ମୃତଦେହ ଚାନ୍ଦବାଲି ବସ୍‌ଷ୍ଟାଣ୍ଡ ନିକଟରେ ଥିବା ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ରଖି ଟାୟାର ଜାଳି ମୁଖ୍ୟରାସ୍ତା ଅବରୋଧ କରି ବସି ରହିଥିଲେ। ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୫ଟା ଯାଏ ରାସ୍ତାରୋକୋ ଜାରି ରହିଥିଲା। ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଭାଗୀରଥି ପଣ୍ଡା, ତହସିଲଦାର ଭବତୋଷ ମଲ୍ଲିକ ଓ ବିଡିଓ ଅସିତ କୁମାର ମହାନ୍ତି ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ରେଡ୍‌କ୍ରସ ପାଣ୍ଠିରୁ ୩୦ ହଜାର ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ ୩୦ ହଜାର ଟଙ୍କା କ୍ଷତିପୂରଣ ସହ ମୃତକଙ୍କ ସାନଭାଇଙ୍କୁ ବିଭାଗରେ ନିଯୁକ୍ତି ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ଗାଁ ମୁଣ୍ଡରେ ୪୦ ଟିକିଆ ହାତୀପଲ

**ଉଦଳା(ସନ୍ତୋଷ କୁମାର ବାଛିନୀ) /ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଳୁଆଳ), ୨୭।୧୨**

ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ ଅଧୀନ କୁସୁମିଆ ଗ୍ରାମ ନିକଟରେ ୪୦ ଟିକିଆ ହାତୀପଲ ବୁଲୁଛନ୍ତି। ହାତୀପଲ ପଟିସାରି ହୋଇ କୁସୁମିଆ ଗ୍ରାମରେ ପହଞ୍ଚିଥିବା ବେଳେ ଧାନ ଫସଲ ଦଳି ନଷ୍ଟ କରିଛନ୍ତି। ହାତୀପଲରେ ୩ ଦନ୍ତା ହାତୀ ରହିଥିବା ବେଳେ କୁସୁମିଆ ଗ୍ରାମ ଦେଇ ହାତୀପଲ ଏବେ କୁସୁମିଆ ଗ୍ରାମ ଜଙ୍ଗଲରେ ରହିଛନ୍ତି। ହାତୀ ଜଙ୍ଗଲରୁ ବାହାରକୁ ଆସି ସ୍ଥାନୀୟ ଲୋକଙ୍କୁ ଗୋଡ଼ାଉଥିବା ମଧ୍ୟ ଦେଖିବାକୁ ମିଳିଛି। ଖବର ପାଇ ଉଦଳା ବନ ବିଭାଗ ଏବଂ କୁଆମରା ବିଟ୍ ଅଞ୍ଚଳର ବନ କର୍ମଚାରୀ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। ହାତୀଙ୍କୁ କିପରି ଘଉଡ଼ାଇ ହେବ ସେ ନେଇ ପ୍ରୟାସ ଆରମ୍ଭ କରିଛନ୍ତି। ଗ୍ରାମଠାରୁ ମାତ୍ର ୨ଶହ ମିଟର ଦୂର ଜଙ୍ଗଲରେ ହାତୀ ଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ସକାଳ ପ୍ରାୟ ୮ଟା ବେଳେ ଏକ ଛୁଆ ହାତୀସହ ମୋଟ ୬ଟି ହାତୀ ଗୋପବନ୍ଧୁ ନଗର ବ୍ଲକ ଅଧିନ କୁଆମରା ଛକ ନିକଟରେ ପହଞ୍ଚିଥିବା ଦେଖିବାକୁ ମିଳିଥିଲା।


ଗ୍ରାମ ନିକଟରେ ଜଙ୍ଗଲରେ ହାତୀ।

# ୯ ଦିନ ପରେ ୪ ମହିଳା ଗିରଫ

## କପ୍ତିପଦା ଥାନା ଆଇଆଇସିଙ୍କୁ ଆକ୍ରମଣ ଘଟଣା

**ଉଦଳା,୨୭।୧୨(ସନ୍ତୋଷ କୁମାର ବାଛିନୀ)**

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧିକାରୀ ପ୍ରକାଶ କୁମାର ରଥଙ୍କୁ ଆକ୍ରମଣ ଘଟଣାର ୯ ଦିନ ପରେ ପୋଲିସ ୪ ମହିଳାଙ୍କୁ ଗିରଫ କରିଛି। ସେମାନେ ହେଲେ ଡାହିସାହି ଗ୍ରାମର ଗୀତାଞ୍ଜଳି ରାଉତ, ସୀମା ପ୍ରଧାନ, ସତ୍ୟଭାମା ପ୍ରଧାନ ଓ ଗୋହିରା ଗ୍ରାମର ପୂଜା ପାଣିଗ୍ରାହୀ। ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟ ୨ ଆକ୍ରମଣକାରୀ ଫେରାର ଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ଗତ ୧୮ ତାରିଖରେ ଆଇଆଇସି ରଥ କପ୍ତିପଦା ଥାନା ଡାହିସାହି ଗ୍ରାମର ଗୋଟିଏ ସ୍ଥାନରେ ବେଆଇନ ବାଲି ଗଚ୍ଛିତ ଥିବା ଜାଣିବାକୁ ପାଇ ଜବତ କରିବାକୁ ଯାଇଥିଲେ। ଘେରା ନାମକ ଜଣେ ବାଲିମାଫିଆଙ୍କ ସ୍ତ୍ରୀ ଅମ୍ରିତା ପାଣିଗ୍ରାହୀଙ୍କ ସମେତ ୫ରୁ ୬ ଜଣ ମହିଳା ଅତର୍କିତ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ପଥର ମାଡ଼ କରିବା ସହିତ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ଏହା ସହିତ ପୋଲିସ ଭ୍ୟାନ୍‌କୁ ପଥର ମାରି ଭାଙ୍ଗିଥିଲେ। ଘଟଣା ପରେ ପୋଲିସ ବେଆଇନ ଭାବେ ଗଚ୍ଛିତ ଥିବା ବାଲିକୁ ଜବତ କରି ଥାନାକୁ ଆଣିଥିଲା। ଏହା ସହିତ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ରାତିରେ ଆକ୍ରମଣରେ ସମ୍ପୃକ୍ତ ଥିବା ୪ ମହିଳାଙ୍କୁ ପୋଲିସ ଗିରଫ କରିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଅମ୍ରିତା ପାଣିଗ୍ରାହୀ, ମାମି ପ୍ରଧାନ ଓ ସୁଷମା ପାଣିଗ୍ରାହୀ ଫେରାର ଅଛନ୍ତି। ପୋଲିସ ଏକ ମାମଲା(ନଂ. ୩୧୧/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଫେରାର ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ରଥ କହିଛନ୍ତି।







# ଚାଷୀଙ୍କୁ ଦଳିଦେଲା ହାତୀ

- ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା
- ହାତୀ ଘଉଡ଼ାଇବା ଦାବି କଲେ

**ରେଢ଼ାଖୋଲ, ୨୭।୧୨ (ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢ଼ାଖୋଲ ବନଖଣ୍ଡର ବଡ଼ବାହାଲ ରେଞ୍ଜ ଅଧୀନ ବଡକୁଡା ଗ୍ରାମର ଜଣେ ଚାଷୀଙ୍କୁ ଶୁକ୍ରବାର ହାତୀ ଦଳିଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତ ଚାଷୀ ହେଲେ ଉକ୍ତ ଗ୍ରାମର ବିପିନ ପ୍ରଧାନ (୫୦)। ବିପିନଙ୍କ ସହ ଗ୍ରାମର ଅନ୍ୟ ୩ଜଣ ପୂର୍ବାହ୍ନ ୧୦ଟା ବେଳେ ଗ୍ରାମ୍ୟ ଜଙ୍ଗଲକୁ ଯାଉଥିବାବେଳେ ହଠାତ୍ ହାତୀ ଆକ୍ରମଣ କରିଥିଲା। ତେବେ ଅନ୍ୟ ୩ ଜଣ ଦୌଡ଼ି ପଳାଇବାରେ ସକ୍ଷମ ହୋଇଥିବା ବେଳେ ବିପିନଙ୍କୁ ହାତୀ ଦଳି ଦେଇଥିଲା।


ଚାଷୀଙ୍କ ମୃତଦେହ ନିକଟରେ ଗ୍ରାମବାସୀ ରୁଣ୍ଡ ହୋଇଛନ୍ତି।

ବାରମ୍ବାର ଏ ଅଞ୍ଚଳରେ ହାତୀ ଯୋଗୁ ବହୁ ଧନଜୀବନ କ୍ଷତି ହେଉଥିବାବେଳେ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ରେଢାଖୋଲ ଡାକ୍ତରଖାନା ଆଣିବାକୁ ଉଦ୍ୟମ କରିଥିଲେ ହେଁ ଗ୍ରାମବାସୀ ମୃତଦେହ ଛାଡି ନ ଥିଲେ। ଅଞ୍ଚଳରୁ ହାତୀ ଘଉଡାଇବାକୁ ଦାବି କରିଥିଲେ। ପରେ ରେଢ଼ାଖୋଲ ପୋଲିସ ସହ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଜିଲା ପରିଷଦ ସଭ୍ୟ ଶରତ ପ୍ରଧାନ ପ୍ରମୁଖ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ସରକାରୀ ସହାୟତା ପ୍ରଦାନ ସହ ହାତୀ ଘଉଡାଇବାକୁ ବନ ବିଭାଗ ଉଦ୍ୟମ କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ମୃତଦେହ ଛାଡିଥିଲେ। ରେଢ଼ାଖୋଲ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏଏମ୍‌ଟିଆଇର ୫୭ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଡୁନ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ସମୟ: ସକାଳ ୯ଟା।
- ୩୮ତମ ଆନୁଆଲ କନ୍‌ଫରେନ୍ସ ଅଫ୍ ଓଡ଼ିଶା କେମିକାଲ ସୋସାଇଟି ଆଣ୍ଡ ନ୍ୟାଶନାଲ କନ୍‌ଫରେନ୍ସ, ସ୍ଥାନ: ଓୟୁଟିଆର୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ଭିଏସ୍‌ଏସ୍ ନଗର, ସମୟ: ଅପରାହ୍ନ ୧ଟା।
- ପୂଜାନନା ଯଜ୍ଞ ଫାଉଣ୍ଡେଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା।

## କଟକ

- ରଘୁନାଥଜୀଉ ଡିଗ୍ରୀ କଲେଜ ପକ୍ଷରୁ ତିନିଦିନିଆ ଜିଲାସ୍ତରୀୟ ୟୁଥ୍ ଲିଡରସିପ୍ ତାଲିମ ଶିବିର ଉଦ୍‌ଘାଟନ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିଳ୍ପୀ କୃଷ୍ଣଚନ୍ଦ୍ର ରଥଙ୍କ ୧୦୩ତମ ଜୟନ୍ତୀ, ସ୍ଥାନ: କୃଷ୍ଣ ଚିତ୍ରାଳୟ କୋଠା ଉପର ମହଲା, ସମୟ: ପୂର୍ବାହ୍ନ ୧୧ଟା।
- ପ୍ୟାରୀମୋହନ ଏକାଡେମୀ ପୁରାତନ ଛାତ୍ର ସଂସଦ ପକ୍ଷରୁ ପୁଣ୍ୟାତ୍ମା ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ୧୪୩ତମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ପ୍ୟାରୀମୋହନ ଏକାଡେମୀ ପରିସର, ସମୟ: ଅପରାହ୍ନ ୪ଟା।
- ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ତିନିଦିନିଆ ୪୧ତମ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ଦ୍ୱିତୀୟ ଦିବସ, ସ୍ଥାନ: ନୟାସଡ଼କସ୍ଥିତ ଓଷ୍ଟା କାର୍ଯ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୬ଟା।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଶାୟତଙ୍କ ସ୍ମୃତି ସନ୍ଧ୍ୟା, ସ୍ଥାନ: କଟକ ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା।
- ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟର ୬ଷ୍ଠ ବାର୍ଷିକ ଉତ୍ସବ, ସ୍ଥାନ: କଟକ ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଦରଖୁଲି ପ୍ରିମିୟର କ୍ରିକେଟ୍ ଲିଗ୍‌ର ଉଦ୍‌ଯାପନୀ ଦିବସ, ସ୍ଥାନ:ଦରଖୁଲି ଖେଳ ପଡ଼ିଆ, ରୂପସା, ସମୟ:ସକାଳ ୯ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଦ୍ୱିତୀୟ ଦିବସ, ସ୍ଥାନ:ଗାନ୍ଧିଜୀ ସରକାରୀ ଉଚ୍ଚ ବିଦ୍ୟାଳୟ, ମାଣ୍ଡୁରକୁଲା, ବସ୍ତା, ସମୟ: ସକାଳ ୯ଟା।।
- ରଜତ ଜୟନ୍ତୀ ସମାରୋହ, ସ୍ଥାନ:ଭୋଗରାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୯ଟା।।
- ହାପି ଫାଉଣ୍ଡେସନ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଓ ଛାତ୍ରୀଛାତ୍ରଙ୍କର ଜ୍ଞାନ ପରୀକ୍ଷା ପ୍ରତିଯୋଗିତା, ସ୍ଥାନ:ନୟାବଣି ସରିଷା, ଭୋଗରାଇ, ସମୟ:ସକାଳ ୯ଟା।
- ଓଡ଼ିଶା ଗବେଷଣା ସମ୍ମିଳନୀ-୨୦୨୪ ଉଦ୍‌ଯାପନୀ, ସ୍ଥାନ:ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ସମୟ:ସକାଳ ୯ଟା ୩୦।
- ଗାଁ ମଜଲିସ ସାହିତ୍ୟ ସଂସଦ ସୋରର ୩୫ତମ ବାର୍ଷିକ ଉତ୍ସବ, ସ୍ଥାନ:ସଂସ୍କୃତି ଭବନ ଉତ୍ତରେଶ୍ୱର, ସୋର, ସମୟ: ସକାଳ ୯ଟା ୩୦।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟନୀ, ସ୍ଥାନ:ପୋଲିସ ଲାଇନ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ଭୀମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ନଇଗୋପାଳପୁର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିରର ୫ମ ଦିବସ, ସ୍ଥାନ:ଅସ୍ତପୁରା କୈଳାଶ ଫିସାରୀ ଫାର୍ମ, ରୂପ୍‌ସା,ସମୟ:ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ, ସ୍ଥାନ:କୁପାରୀ ଅମ୍ବିକା ଆଶ୍ରମ, ଖଇରା, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଜିଲା ସିନିୟର ଖୋ-ଖୋ ପ୍ରତିଯୋଗିତା ଉଦ୍‌ଯାପନୀ, ସ୍ଥାନ:ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ:ଅପରାହ୍ନ ୩ଟା।

## ଭଦ୍ରକ

- ୨୧ତମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ଉଦ୍‌ଘାଟନ, ସ୍ଥାନ: ଅଗ୍ରେସନ ଭବନ, ଚରମ୍ପା, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ, ସ୍ଥାନ: କଲ୍ୟାଣୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣ, ଧାମନଗ, ସମୟ: ମଧ୍ୟାହ୍ନ ୧୨ଟା।
- ଆଗରପଡ଼ା ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ହେମପଦ୍ମ ଗାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଚତୁର୍ଥ ପ୍ରହର ନାମ ଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ :ଢ଼ଅଁର, ହାଟଡିହୀ, ସମୟ :ପ୍ରାତଃ ୫ଟା ଏବଂ ଅପରାହ୍ନ ୪ଟା।
- ଶନିଙ୍କ ମନ୍ଦିରରେ ପୂଜା, ମେଳା ଏବଂ ଭଜନ ,ସ୍ଥାନ:ମୋଟରାଗଡିଆ,ଛେନାପଦୀ,ସମୟ: ସକାଳ ୮ ଏବଂ ସନ୍ଧ୍ୟା ୬ ଟା।
- ଆଞ୍ଚଳିକ ଯୁବ ସଂଗଠନ ତରଫରୁ କ୍ରିକେଟ ଟୁର୍ନାମେଣ୍ଟ ଏବଂ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ :ସୋସୋ, ହାଟଡିହୀ, ସମୟ :ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ରକ୍ତଦାନ ଶିବିର, ସ୍ଥାନ: ବିବେକାନନ୍ଦ ବିହାର, ବଡ଼ସାହି, ସମୟ: ସକାଳ ୮ଟା।
- ଶିଶୁ ପ୍ରତିଭା ମେଳା, ସ୍ଥାନ: ବିବେକାନନ୍ଦ ବିହାର, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କଳା ପ୍ରଦର୍ଶନୀ, ସ୍ଥାନ: ଦେଉଳସାହି ଶ୍ରୀରାମଚନ୍ଦ୍ର ଉ.ପ୍ରା. ବିଦ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ୨୪ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକୋତ୍ସବ, ସ୍ଥାନ: ରଙ୍ଗାମାଟିଆ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ର, ରାସଗୋବିନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଜୟ କୁମାର ସାରସ୍ୱତ ସମ୍ମାନ ଓ ୪୧ତମ ବାର୍ଷିକ ସାରସ୍ୱତ ବନ୍ଧୁମିଳନ, ସ୍ଥାନ: ରୋଟାରୀ ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ ପୁସ୍ତକ ମେଳା, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ଅପରାହ୍ନ ୨ଟା।
- କବିତା ଲିଖନ ପ୍ରତିଯୋଗିତା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୩ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ରାଟ ମେଲୋଡ଼ି, ସ୍ଥାନ: ବିବେକାନନ୍ଦ ବିହାର, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ୩୦ତମ କନିଷ୍ଠ ବାଳିକା ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ଚାମ୍ପିୟନଶିପ,ସ୍ଥାନ: ଖଲ୍ଲିକୋଟ କଲେଜ ଖେଳପଡ଼ିଆ,ସମୟ: ସକାଳ ୭ଟା ୪୫।

## ଜଗତ୍‌ସିଂହପୁର

- ଭାରତୀୟ ଜାତୀୟ କଂଗ୍ରେସର ୧୪୦ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଦଳୀୟ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ ନଗର କଂଗ୍ରେସ ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା କ୍ରିକେଟ୍ ସୁପରଲିଗ ମ୍ୟାଚରେ ଶ୍ରୀକ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନ ବନାମ କେନ୍ଦ୍ରାପଡ଼ା ଲାୟନ୍ସ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ସିଙ୍ଘୋନୀ ପକ୍ଷରୁ ରାଜ୍ୟସ୍ତରୀୟ ନାଟ୍ୟୋତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ଉଦୟପୁର, ଡେରାବିଶ, ସମୟ: ଅପରାହ୍ନ ୩ଟା।
- ଡେରାବିଶ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୪ର ତୃତୀୟ ଦିବସ, ସ୍ଥାନ: କୁସୁମା ପୋଖରୀ ସମ୍ମୁଖ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- କୁଆଖିଆ ମହୋତ୍ସବ ପଞ୍ଚମ ସନ୍ଧ୍ୟାରେ ଇରା ମହାନ୍ତିଙ୍କ ଦ୍ୱାରା ସଂଗୀତ ପରିବେଷଣ, ସ୍ଥାନ: କୁଆଖିଆ ସାରଙ୍ଗପୁର ମେଲଣ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ୩୬ତମ ବାର୍ଷିକ ଉତ୍ସବ, ସ୍ଥାନ: ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ସାଢ଼େ ୧୦ଟା।
- ଖଣ୍ଡପଡ଼ା ମହୋତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଭକ୍ତି ସଙ୍ଗୀତ ପ୍ରତିଯୋଗିତା ଗଣିଆ ବ୍ଲକ ଅଡିସନ, ସ୍ଥାନ: ଗଣିଆ ଶିକ୍ଷକ ଭବନ, ସମୟ: ଅପରାହ୍ନ ୧ଟା।
- ଶରଣକୁଳ ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚରେ ତାମିଲନାଡୁ ପୋଲିସ ଓ ଓଡ଼ିଶା ପୋଲିସ, ସ୍ଥାନ: ଶରଣକୁଳ ନାରାୟଣ ହାଇସ୍କୁଲ ଖେଳପଡ଼ିଆ, ସମୟ: ଅପରାହ୍ନ ସାଢ଼େ ୨ଟା।
- ନୟାଗଡ଼ ଜିଲା ମହୋତ୍ସବରେ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା ଓ କୃଷି ମେଳାର ପଞ୍ଚମ ଦିବସ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା।
- ଜିଲାପ୍ରଶାସନ ପକ୍ଷରୁ ଲୋକ ମହୋତ୍ସବର ବୈଠକ, ସ୍ଥାନ: ଜିଲାପାଳ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ ଭାଷା ଏକାଡେମୀ ଆୟୋଜିତ ସମ୍ବଲପୁରୀ ସଂସ୍କୃତି ଓ ପରମ୍ପରା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ବିଶାଲଖିଣ୍ଡା ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଜିଏମ୍‌ୟୁ ଆର୍ଟ ଗେଲେରୀ, ସମୟ: ପୂର୍ବାହ୍ନ ୧୧ଟା।
- ଯୁବ ଉଦୟନ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ୨୭ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ପଞ୍ଚମ ରଜନୀରେ ନାଟକ ତୋର ଝୁମକା ମଞ୍ଜସ୍ଥ, ସ୍ଥାନ: ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା ୧୫।
- ଭବାନୀପାଟଣା କାରୁଣ୍ଡ କଳାମଞ୍ଚ ପ୍ରାୟୋଜିତ ନାଟକ ହୋ ପାହୋମ, ସ୍ଥାନ: ଝାଡୁଆପଡ଼ା ଆରଣ୍ୟକ ମଞ୍ଚ, ସମୟ : ରାତି ୭ଟା ୩୦।
- ଭଟଲି କେଶାଇବାହାଲ ମୁନ ଲାଇଟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଯୋଜିତ ନାଟକ ପୁରଥିନୁ ସରଗ, ସ୍ଥାନ: ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ: ରାତି ୮ଟା ୪୫।

## ବଲାଙ୍ଗୀର

- ସାମୁହିକ ହନୁମାନ ଚାଳିଶା ପଠନ, ସ୍ଥାନ: ରାମଚରିତ ମାନସ ମନ୍ଦିର, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ୨୮ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପରେ ଏନ୍‌ଏନ୍‌ଏସ ପ୍ରୟାଗରାଜ (ୟୁପି) ସହିତ ବିରାଟ କ୍ରିକେଟ କ୍ଲବ କଲିକତା ମଧ୍ୟରେ ସେମି ଫାଇନାଲ ମ୍ୟାଚ, ସ୍ଥାନ: ଲୁଡୁରପଙ୍କ ହାଇସ୍କୁଲ ଖେଳ ପଡିଆ, ସମୟ:ପୂର୍ବାହ୍ନ ୧୦ ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନିଶ୍ଚର ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ, ସ୍ଥାନ: ତଳିପଡ଼ା(କୁମ୍ଭାରପଡ଼ା), ନିଲିବନ୍ଧ ଛକ, ବରଗଡ଼, ସମୟ: ସକାଳ ୮ଟା।
- ଅଖିଳ ଭାରତ କଂଗ୍ରେସ କମିଟିର ସ୍ଥାପନା ଦିବସ, ସ୍ଥାନ: ପ୍ରସ୍ତାବିତ ବରଗଡ଼ କଂଗ୍ରେସ ଭବନ, ବରଗଡ଼, ସମୟ: ସକାଳ ୯ଟା।
- ବରପାଲି ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ବରପାଲି, ସମୟ: ପୂର୍ବାହ୍ନ ୧୦ଟା।
- ଧନୁଯାତ୍ରା କଳାକାରଙ୍କ ରିହର୍ସାଲ, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧୀଛକ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ଦ୍ୱିତୀୟ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ଶ୍ରୀପୁରା ଗୌରାଙ୍ଗ ମଠ, ସମୟ: ସକାଳ ୮ଟା।
- ପଞ୍ଚ ଉପଚାର ପୂଜା ଓ ଆଳତି, ସ୍ଥାନ: ମଙ୍ଗଳ ବଜାରସ୍ଥିତ ଶନି ମନ୍ଦିର, ସମୟ: ସକାଳ ୮ଟା।
- ଶ୍ୟାମବାବାଙ୍କ ଉତ୍ସବ ପାଳନ ସ୍ଥାନ: ମାରୱାଡିପଡ଼ା ଝଣ୍ଡାଛକ, ଝାରସୁଗୁଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଜଗଦ୍ଧାତ୍ରୀ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସ, ସ୍ଥାନ: ସେକ୍ଟର-୧, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ପାୱାର ଲିଫ୍ଟିଂ ଚାମ୍ପିୟନଶିପ୍‌ର ୨ୟ ଦିବସ, ସ୍ଥାନ: ସେକ୍ଟର-୧୮, ଇସ୍ପାତ ସ୍କୁଲ, ସମୟ: ସକାଳ ୮ଟା।
- ରାସପଞ୍ଚାଧ୍ୟାୟୀ ଆଧ୍ୟାତ୍ମିକ କଥାମୃତ, ସ୍ଥାନ: କୋଏଲନଗର ରିଟାୟାର୍ଡ ଆସୋସିଏଶନ, ସମୟ: ସନ୍ଧ୍ୟା ୬ଟା।
- ମ୍ୟୁନିସିପାଲ କଲେଜ ବାର୍ଷିକୋତ୍ସବ ପାଳନର ଦ୍ୱିତୀୟ ଦିବସ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ବହୁଭାଷୀ ନାଟ୍ୟ ମହୋତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ବିକଶିତ ଓଡିଶା-୨୦୩୬ ଶୀର୍ଷକ ସ୍ୱଦେଶୀ ମେଳା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୩ ମେଲଣ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ସୁନାଫୁଲ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ଓ ସାହିତ୍ୟ ଆସର, ସ୍ଥାନ: ଉଦିତନଗର ହାଇସ୍କୁଲ ଅଡିଟୋରିୟମ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ହକି ଇଣ୍ଡିଆ ଲିଗ୍ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍, ରାଉରକେଲା: ସମୟ: ଅପରାହ୍ନ ୫ଟା।
- ଗୀତା ମଞ୍ଚାମୃତ, ସ୍ଥାନ: ଅବସରପ୍ରାପ୍ତ କର୍ମଚାରୀ ସଂଘ, କୋଏଲନଗର, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ସର୍ବଭାରତୀୟ ବାମଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- କୋଶଲୀ ବିରାଟ ଆଞ୍ଚଳିକ ଧନୁଯାତ୍ରା ତୃତୀୟ ରଜନୀ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।
- କେସିଏସ୍‌ଏ କପ କ୍ରିକେଟ ଟୁର୍ନାମେଣ୍ଟ ସେମି ଫାଇନାଲ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ସକାଳ ୯ଟା।

## ବୌଦ୍ଧ

- ପଲ୍ଲିଶ୍ରୀ ଉଚ୍ଚ ବିଦ୍ୟାଳୟର ମହାସମାବେଶ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପଲ୍ଲିଶ୍ରୀ ଉଚ୍ଚ ବିଦ୍ୟାଳୟ, ଦପଲା, ବୌଦ୍ଧ, ସମୟ : ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ନୀଚସ୍ଥ ଚନ୍ଦ୍ର ଷଷ୍ଠାଧିପ ଯୁକ୍ତ କାରଣରୁ ପାରିବାରିକ କ୍ଷେତ୍ର ଅଶାନ୍ତ ରହିପାରେ। ସମ୍ପର୍କୀୟଙ୍କ ଦ୍ୱାରା କୌଣସି ସମସ୍ୟା ବିଷୟରେ ଚିନ୍ତିତ ରହିପାରନ୍ତି। ବନ୍ଧୁ ଦେଇଥିବା ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରି ମନସ୍ତାପ କରିବାକୁ ପଡ଼ିପାରେ। ଶାରୀରିକ ଓ ମାନସିକ ସୁସ୍ଥତା ପ୍ରାୟତଃ ପୂର୍ବଭଳି ଅକ୍ଷୁଣ୍ଣ ରହିବ।

**ବୃଷ** କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ ରହିଯାଇଥିବା କାର୍ଯ୍ୟ ସକାଶେ ଅନୁତାପ କରିବେ। ସ୍ୱାର୍ଥ ହାସଲ ସକାଶେ ନିକଟରେ ରହୁଥିବା କୌଣସି ବିଜାତୀୟ ବ୍ୟକ୍ତି ଅସୁବିଧାରେ ପକାଇପାରନ୍ତି। ବୃହସ୍ପତିଙ୍କ ପ୍ରଭାବରେ ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କଳା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ।

**ମିଥୁନ** ଆଳସ୍ୟ ଓ ଅବହେଳାଜନିତ କର୍ମକ୍ଷେତ୍ର ପ୍ରତି ଉଦାସୀନ ହେତୁ ସମସ୍ୟା ବଢ଼ିପାରେ। କେତେକ କ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ବିଚଳିତ ରହିପାରନ୍ତି। ଆକସ୍ମିକ ଭାବରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ସାୟାହ୍ନେ ବନ୍ଧୁଙ୍କ ନିକଟରୁ ଅର୍ଥ କିମ୍ବା ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**କର୍କଟ** ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ଅସଫଳତା ଜନିତ ଅତ୍ୟଧିକ ଟେନ୍‌ସନ୍ ହେତୁ ରକ୍ତଚାପ ମଧ୍ୟ ବଢ଼ିପାରେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। କାର୍ଯ୍ୟ ହାସଲ କରିବା ସକାଶେ ଅନ୍ୟ ଉପରେ ନିର୍ଭରଶୀଳ ହେବାକୁ ପଡ଼ିବ।

**ସିଂହ** ଉଚ୍ଚାରୋହୀ ତୃତୀୟାଧିପତିଙ୍କ ହେତୁ ସମ୍ପର୍କୀୟମାନଙ୍କ ସହାୟତାରେ ଅସ୍ଥିରତା ଦୂରୀଭୂତ ହୋଇଯିବ। ତଥାପି ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ଲକ୍ଷ୍ୟସାଧନ ଉଦ୍ଦେଶ୍ୟରେ ଆଜିର ଫେରିବା ବାଟରେ ବନ୍ଧୁଙ୍କୁ ଭେଟିପାରନ୍ତି।

**କନ୍ୟା** ବୁଧ ଓ ଚନ୍ଦ୍ରଙ୍କ ସଂଯୋଗରୁ କର୍ମକ୍ଷେତ୍ରରେ ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଇଚ୍ଛା ନଥିଲେ ମଧ୍ୟ ଆକସ୍ମିକ ଭାବେ ଗୁଡିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ। ପ୍ରବାସୀମାନେ ପରିବାରକୁ ମନେ ପକାଇ ନିଃସଙ୍ଗତା ବୋଧ କରିପାରନ୍ତି। ବାଣିଜ୍ୟ ବ୍ୟବସାୟରେ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ସମୟ ଅତିବାହିତ କରିବେ।

**ତୁଳା** ଆପଣ ପ୍ରତ୍ୟେକ କ୍ଷେତ୍ରରେ ଏତେଟା ଚିନ୍ତା କରି ଅଯଥା ଭାବପ୍ରବଣ ହେବା ଠିକ୍ ହେବନି। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପ୍ରତ୍ୟୁଷ ଯାତ୍ରା ସମୟରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ମତପାର୍ଥକ୍ୟଜନିତ ନିଜର ଭାଇଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହେବେ।

**ବିଛା** ଗୁରୁ ଅଷ୍ଟମାଧିପତି ଦୃଷ୍ଟିରେ ଥିବାରୁ ପୂର୍ବପରିକଳ୍ପିତ ଯୋଜନାଗୁଡ଼ିକ ବିଗିଡ଼ି ଯାଇପାରେ। ବାରମ୍ବାର ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ହେଉଥିବା ଯୋଗୁ ମନ ଅଶାନ୍ତ ରହିବ। ପଡ଼ୋଶୀଙ୍କ ମାଧ୍ୟମରେ ଦୀର୍ଘ ଦିନରୁ ଆଶା କରୁଥିବା ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। କୌଶଳରେ ବନ୍ଧୁଙ୍କ ନିକଟରୁ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ଧନୁ** କୌଣସି ନିକଟତମ ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବା ସକାଶେ ଚେଷ୍ଟା କରିପାରନ୍ତି। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହି ସମସ୍ୟା ସୃଷ୍ଟି କରିପାରନ୍ତି। ରାଶିରେ ରବିଥିବାରୁ ଅଫିସରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ।

**ମକର** ଦ୍ୱାଦଶାଧିପଙ୍କ ଦୃଷ୍ଟି ପ୍ରଭାବରେ ବାରମ୍ବାର ଭ୍ରମଣ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସମ୍ମୁଖରେ ମନ କଥାକୁ ଲୁଚାଇ ରଖି ସୌଜନ୍ୟମୂଳକ ସାକ୍ଷାତ କରିପାରନ୍ତି। ଆର୍ଥିକ ସ୍ଥିତି ସେତେଟା ଭଲ ରହିବ ନାହିଁ, ଫଳରେ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଆଗରୁ ଦେଖାଶୁଣା ନଥିବା ଜଣେ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**କୁମ୍ଭ** ଏକାଦଶସ୍ଥ ସପ୍ତମାଧିପତିଙ୍କ ଯୋଗୁ ପରିବାରରେ ସ୍ତ୍ରୀଙ୍କ ପରାମର୍ଶ ଗ୍ରହଣଯୋଗ୍ୟ ହୋଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। କ୍ରନିକ୍ ରୋଗ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ। କର୍ମକ୍ଷେତ୍ରରେ ସୁଯୋଗ ଆପଣା ଛାଏଁ ଆସିବ ଓ କାମ ସମ୍ପନ୍ନ ହେବ।

**ମୀନ** କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସୁବିଧା ସୁଯୋଗ ହେତୁ ନିର୍ମାଣ କାମ ତ୍ୱରାନ୍ୱିତ ହେବ। ଷଷ୍ଠାଧିପ କର୍ମସ୍ଥ ହେତୁ ଶ୍ରମଜନିତ କ୍ଳାନ୍ତିବୋଧ କରିବେ ଏବଂ କୌଣସି କାମ ଶୃଙ୍ଖଳିତ ହେବନାହିଁ। ପାଖ ପଡ଼ୋଶୀଙ୍କ ଅଭିଯୋଗ ଅମୂଳକ ନୁହେଁ, ଏହାକୁ ଗୁରୁତ୍ୱର ସହ ବିଚାରକୁ ନେବା ଭଲ ହେବ। ବନ୍ଧୁଙ୍କ ସାହାଯ୍ୟରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

ଆଜି ଡିସେମ୍ବର ୨୮ ତାରିଖ, ପୌଷ କୃଷ୍ଣ ତ୍ରୟୋଦଶୀ ଶନିବାର, ରାଶିନକ୍ଷତ୍ର-ଅନୁରାଧା/ବିଛା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୫୦ ଗତେ ଘ. ୦୯।୦୬ ମଧ୍ୟେ, ଘ.୧୨।୦୯ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ. ୦୯।୦୬ ମି. ଗତେ ଘ.୧୦।୨୭ ମି. ମଧ୍ୟେ ରାହୁ କାଳ।।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଚଢୁଥିବ ମାରିବ ନାହିଁ
ଗୋଡ଼ଉ ଥିବ ଧରିବ ନାହିଁ।**

ପିଲାଙ୍କୁ ବାରମ୍ବାର ମାଡ଼ ଦେଲେ ତାଙ୍କର ମାଡ଼ ପ୍ରତି ଆଉ ଭୟ ରହେ ନାହିଁ। ପୁଣି ଯେଉଁଠି ଧମକାଇଲେ କାମ ହୋଇଯାଉଛି, ସେଠି ମାଡ଼ ଦେବା କି ଦରକାର ? ସେହିପରି ଭୟରେ ଦୌଡୁଥିବା ଲୋକଙ୍କୁ ଧରିପକାଇଲେ ତା'ର ଭୟ ତୁଟିଯିବ। ତେଣୁ ଗୋଡ଼ାଉଥିବ, ଧରିବନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚୋରି, ନାରୀ, ଖୁଣୀ,
ଏ ତିନି କଥା ଛାଡ଼ି
ଯେଣେ ଯାଉଥା ପୁଣି।**

ଚୋରି, ପର ସ୍ତ୍ରୀ ଅପହରଣ ଏବଂ ହତ୍ୟା ଆଦି ମଣିଷର ଖରାପ ଚରିତ୍ର ହୋଇଥିବା ବେଳେ ଏଗୁଡ଼ିକ ମଣିଷକୁ ଅପରାଧୀ ସଜାଇ ଦେଇଥାଏ। ଏହି ପ୍ରମୁଖ ତିନି କୁଚରିତ୍ରକୁ ପରିହାର କରି ମଣିଷ ଅନ୍ୟ ଯେ କୌଣସି ପଥରେ ଗଲେ ବିଶେଷ କ୍ଷତି ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡ୍‌ସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୧୧୮୩ କୋଟି ଟଙ୍କାର ପ୍ରକଳ୍ପରେ ରାଜ୍ୟ ପାଣ୍ଠି ୩୮୭ କୋଟି ଟଙ୍କା

## ଓଏସ୍‌ସିଆର୍‌ଜିପି କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଉଚ୍ଚସ୍ତରୀୟ ସମୀକ୍ଷା

**ଭୁବନେଶ୍ୱର, ୨୭।୧୨(ସୁନିତ୍ ମିଶ୍ର)**

ଓଡ଼ିଶା ରାଜ୍ୟ ଦକ୍ଷତା ଓ ସହାୟକ ଅଭିବୃଦ୍ଧି ନୀତି (ଓଏସ୍‌ସିଆର୍‌ଜିପି) କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଉଚ୍ଚସ୍ତରୀୟ ପରିଚାଳନା କମିଟିର ଦ୍ୱିତୀୟ ବୈଠକ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରକଳ୍ପ ଅଧୀନରେ କରାଯାଉଥିବା କାର୍ଯ୍ୟ ସମ୍ପର୍କରେ ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଛି। ରାଜ୍ୟରେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କ ତଥ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଅଧୀନ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର ଦ୍ୱାରା ଅଦ୍ୟତନ କରାଯାଉଛି। ଫଳରେ ରାଜ୍ୟରେ ଏ କ୍ଷେତ୍ରରେ ସୁଦୃଢ଼ ଗ୍ରହଣୀୟ ବ୍ୟବସ୍ଥା ପୂର୍ବକ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସେବା ପ୍ରଦାନକୁ ନିଶ୍ଚିତ କରିବ। ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼କରି କ୍ଷୟକ୍ଷତି ହ୍ରାସ କରିବା ପାଇଁ ଆଗୁଆ ସତର୍କ ସୂଚନା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି। ବିଶ୍ୱ ବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପ କାର୍ଯ୍ୟକାରିତାକୁ ତଦାରଖ କରିବା ପାଇଁ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ନୋଡାଲ ବିଭାଗ ରହିଛନ୍ତି। ଜୁଲାଇ ୨୦୨୩ରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପର ସମୟସୀମା ୨୦୨୮ ଏପ୍ରିଲ ପର୍ଯ୍ୟନ୍ତ ରହିଛି। ୧୧୮୩ କୋଟି ଟଙ୍କା ଅଟକଳରେ ଏହି ପ୍ରକଳ୍ପରେ ରାଜ୍ୟ ସରକାରଙ୍କ ପାଣ୍ଠି ୩୮୭ କୋଟି ଟଙ୍କା ରହିଛି। କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷାକରି ଉନ୍ନୟନ କମିଶନର କହିଛନ୍ତି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ। ଜନସାଧାରଣଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ ଏବଂ ତାହାକୁ କାର୍ଯ୍ୟକାରୀ କରାଯିବା ପରିପ୍ରେକ୍ଷୀରେ ଠିକ୍ ତଥ୍ୟ(ଡାଟା)ର ନିତାନ୍ତ ଆବଶ୍ୟକତା ରହିଥାଏ। ବିଭିନ୍ନ ବିଭାଗ ଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଭିନ୍ନ ଭିନ୍ନ ଉପାୟରେ ତଥ୍ୟ ସଂଗ୍ରହ କରାଯାଉଥିବା ବେଳେ ସମସ୍ତ ତଥ୍ୟକୁ ସମନ୍ୱିତ କରାଯିବାର ଆବଶ୍ୟକତା ରହିଛି; ଯାହାକି ଏହି ପ୍ରକଳ୍ପ ଜରିଆରେ ହୋଇପାରିବ। ରାଜ୍ୟ ସରକାର ଆଗାମୀ ଦିନରେ ରାଜ୍ୟ ତଥ୍ୟ ନୀତି(ଷ୍ଟେଟ୍ ଡାଟା ପଲିସି) ଆଣିବାକୁ ଯାଉଛନ୍ତି। ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ କେଉଁ କ୍ଷେତ୍ରରେ କେତେ କାର୍ଯ୍ୟ ଅଗ୍ରଗତି ହେବା କଥା, କେତେ କାମ ହୋଇଛି ଓ କାମର ମାନଦଣ୍ଡ କିପରି ରହିବା ଦରକାର ସେ ସମ୍ପର୍କରେ ଉନ୍ନୟନ କମିଶନର ସମୀକ୍ଷା ପୂର୍ବକ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ତ୍ୱରାନ୍ୱିତ କରିବାକୁ ସେ ସମ୍ପୃକ୍ତ ବିଭାଗ ତଥା ସଂସ୍ଥାଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରଥମ ପୃଷ୍ଠାରୁ...

## ସ୍କୁଟି ସହ ...

ପାଳଗଦାରେ ପକାଇ ନିଆଁ ଲଗାଇ ଦେଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ଜମି ମାଲିକ ରମେଶ ରୋହିଦାସଙ୍କ ରିପୋର୍ଟ ଆଧାରରେ ଲେଫ୍ରିପଡ଼ା ଥାନାରେ କେସ୍ ନଂ. ୩୭।୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ, ଗୁରୁବାର ରାତିରେ ଉକ୍ତ ପାଳଗଦା ଜଳୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଶୁକ୍ରବାର ବିଲକୁ ଯାଉଥିବା ଜଣେ ଚାଷୀ ଅର୍ଦ୍ଧଦଗ୍ଧ ମୃତଦେହ ଓ ସ୍କୁଟି ଦେଖି ପୋଲିସକୁ ଖବର ଦେଇଥିଲେ। ସ୍କୁଟିଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବାରୁ ମୃତକଙ୍କ ପରିଚୟ ମିଳିବାରେ ଅସୁବିଧା ହେଉଛି। ଏନେଇ ତଦନ୍ତ ଅଧିକାରୀ ତଥା ସର୍ଗିପାଲି ପାଣ୍ଡି ଅଧିକାରୀ ଦିନେଶ କୁମାର ପଟ୍ଟା କହିଛନ୍ତି, ଖବର ପାଇଲା ପରେ ଆମେ ଘଟଣାସ୍ଥଳରେ ପହଞ୍ଚିଥିଲୁ। ମୃତକଙ୍କ ଶରୀର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବାରୁ ତାଙ୍କ ପରିଚୟ ମିଳିପାରୁନାହିଁ। ଏହା ହତ୍ୟା ନା ଆତ୍ମହତ୍ୟା ତାହା ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଡିସେମ୍ବର ୧୪ରେ ସର୍ଗିପାଲିର ଏକ କେନାଲ କଡ଼ରୁ ଜଣେ ଅଚିହ୍ନା ଯୁବତୀଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଥିଲା। ବର୍ତ୍ତମାନ ସୁଦ୍ଧା ଯୁବତୀଙ୍କ ପରିଚୟ ଠାବ କରିବାରେ ପୋଲିସ ବିଫଳ ହୋଇଥିବାବେଳେ ଶୁକ୍ରବାର ଆଉ ଏକ ଅଚିହ୍ନା ମୃତଦେହ ମିଳିବା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏହାସହ ନାନା ଆଲୋଚନା ହେବାରେ ଲାଗିଛି। ଉକ୍ତ ଅଞ୍ଚଳଠାରୁ କିଛି ଦୂରରେ ଏନ୍‌ଟିପିସି ପାୱାର ପ୍ଲାଣ୍ଟ ସମେତ ପଡୋଶୀ ଝାରସୁଗୁଡା ଜିଲା ଲାଗି ରହିଥିବାରୁ ବିଭିନ୍ନ ସମୟରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

## ଓସାମୁ ସୁଜୁକିଙ୍କ ....

କର୍ପୋରେଶନର ଗାଡ଼ି ବିକ୍ରି ୩୦୦ ବିଲିୟନ ୟେନ୍ (୧.୯ ବିଲିୟନ ଡଲାର) ଥିବା ବେଳେ ୨୦୦୬ରେ ୩ ଟ୍ରିଲିୟନ ୟେନ୍‌ରୁ ଊର୍ଦ୍ଧ୍ୱରେ ପହଞ୍ଚିଥିଲା, ଯାହା ସୁଜୁକିଙ୍କ ଦୂରଦୃଷ୍ଟି ଓ ଦୃଢ଼ ନେତୃତ୍ୱର ପରିଚୟ ଦିଏ। ଭାରତ ଭଳି ବିକାଶୋନ୍ମୁଖୀ ବଜାରଗୁଡ଼କ ପାଇଁ କମ୍ପାକ୍ଟ ଏବଂ କମ୍ ଦାମ୍‌ର କାର୍ ନିର୍ମାଣ ଉପରେ ତାଙ୍କର ଫୋକସ୍ କମ୍ପାନୀକୁ ଅନ୍ୟଠାରୁ ଅଲଗା କରିଥିଲା। ୨୦୨୩ ଆର୍ଥିକ ବର୍ଷରେ ତାଙ୍କର ସବ୍‌ସିଡିଆରି କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିଃର ଭାରତୀୟ କାର୍ ବଜାରର ୪୧.୭ ପ୍ରତିଶତ ଶେୟାର ଥିଲା। ୧୯୩୦ ଜାନୁଆରୀ ୩୦ରେ କେନ୍ଦ୍ରୀୟ ଜାପାନର ଜିଫୁ ପ୍ରିଫେକ୍ଟରରେ ଜନ୍ମିତ ସୁଜୁକି କାର୍ କମ୍ପାନୀର ପ୍ରତିଷ୍ଠାତା ପରିବାର ତଥା ତତ୍କାଳୀନ ଅଧ୍ୟକ୍ଷ ଶୁଞ୍ଜୋ ସୁଜୁକିଙ୍କ ଝିଅଙ୍କୁ ବିବାହ କରିବା ପରେ ୧୯୫୮ରେ ଉକ୍ତ କମ୍ପାନୀରେ ଯୋଗ ଦେଇଥିଲେ ଏବଂ ସ୍ତ୍ରୀଙ୍କ ପରିବାରର ସାଙ୍ଗିଆକୁ ଗ୍ରହଣ କରିଥିଲେ। ୧୯୭୮ରେ ସେ କମ୍ପାନୀର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ।

## ବର୍ଷେ ବଢ଼ିଲା ମୁଖ୍ୟ ...

ସୁପାରିସ କ୍ରମେ କେନ୍ଦ୍ର କ୍ୟାବିନେଟ ନିଯୁକ୍ତି କମିଟି ଶୁକ୍ରବାର ମୁଖ୍ୟ ଶାସନ ସଚିବଙ୍କ ନିଯୁକ୍ତି ଅବଧି ବୃଦ୍ଧି କରିଛି। ରାଜ୍ୟରେ ଭାଜପା ସରକାର ଗଠନ ପରେ ୨୦୨୪ ଜୁନ୍ ୩୦ରେ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା । ୧୯୯୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ମନୋଜ ଆହୁଜା କେନ୍ଦ୍ରୀୟ ଡେପୁଟେଶନରୁ ଫେରି ୨୦୨୪ ଜୁଲାଇ ପହିଲାରୁ ମୁଖ୍ୟ ଶାସନ ସଚିବ ପଦରେ ବସିଥିଲେ । ମାତ୍ର ୬ ମାସ ଭିତରେ ନୂଆ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାରେ ସେ ସଫଳ ହୋଇଛନ୍ତି । ମନୋଜ କେନ୍ଦ୍ରୀୟ ଡେପୁଟେଶନରେ ଥିବାବେଳେ କେନ୍ଦ୍ର କୃଷି ଓ କୃଷକ ସଶକ୍ତୀକରଣ ସଚିବ ପଦବୀରେ ନିଯୁକ୍ତି ପାଇଥିଲେ। ରାଜ୍ୟରେ ଭାଜପା ସରକାର ଆସିବା ପରେ କେନ୍ଦ୍ରୀୟ ଡେପୁଟେଶନରେ ଥିବା ମନୋଜଙ୍କୁ ଓଡ଼ିଶା ଫେରାଇବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। କେନ୍ଦ୍ର ସରକାର ଆହୁଜାଙ୍କୁ ଗୃହ କ୍ୟାଡରକୁ ଫେରିଯିବାକୁ ଅନୁମତି ଦେଇଥିଲେ। ଏହାପରେ ସେ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

# ୨୪ ବର୍ଷ ପରେ ପଟ ପରିବର୍ତ୍ତନ

୨୦୨୪ ନିର୍ବାଚନ ଓଡ଼ିଶା ରାଜନୀତିରେ ଯୋଡ଼ିଛି ନୂଆ ଅଧାୟ। ଦୀର୍ଘ ୨୪ ବର୍ଷ ବିଜେଡି ଶାସନର ପତନ ଘଟାଇ ରାଜ୍ୟରେ ଭାଜପାର ଅଭ୍ୟୁଦୟ ସମସ୍ତଙ୍କୁ ଆଚମ୍ଭିତ କରିଦେଇଥିଲା। ମୋହନ ଚରଣ ମାଝୀ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବାବେଳେ ନବୀନ ପଟ୍ଟନାୟକ ବିରୋଧୀ ଆସନରେ ବସିବାକୁ ବାଧ ହୋଇଛନ୍ତି। ପାଣ୍ଡିଆନ ଫ୍ୟାକ୍ଟର ଗୋଟିଏ ପଟେ କାଳ ହୋଇଥିବାବେଳେ ଅପରପକ୍ଷେ ଭାଜପା ପାଇଁ ବରଦାନ ସଦୃଶ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ କେନ୍ଦ୍ରୀୟ ନେତା ଓଡ଼ିଶାରେ ଭାଜପା ପ୍ରତି ଲୋକଙ୍କ ବଢୁଥିବା ଆସ୍ଥାକୁ ଅବଲୋକନ କରି ପ୍ରଚାରରେ ଛାଇ ହୋଇଯାଇଥିଲେ। ଶେଷରେ ଏହାର ସୁଫଳ ପାଇଥିଲା ଗୈରିକ ଦଳ। କଂଗ୍ରେସ ପୂର୍ବଭଳି ୩ୟ ସ୍ଥାନକୁ ଚାଲିଯାଇଛି।



ଓଡ଼ିଶା ରାଜନୀତି ୨୦୨୪ରେ ଦେଖିଛି ଆଖି ପାଉ ନ ଥିବା ସମୁଦ୍ର ଭଳି ବଡ଼ ପରିବର୍ତ୍ତନ। ଦୀର୍ଘ ୨୪ ବର୍ଷ ଧରି ବିଜୁ ଜନତା ଦଳ (ବିଜେଡି) ଓ ଏହାର ଅପ୍ରତିଦ୍ୱନ୍ଦ୍ୱୀ ନେତା ରହିଆସିଥିବା ନବୀନ ପଟ୍ଟନାୟକଙ୍କ ଶାସନ ପ୍ରଣାଳୀ ଭାରତୀୟ ଜନତା ପାର୍ଟି(ଭାଜପା)ର ଉତ୍ତାଳ ତରଙ୍ଗରେ ହଲ୍‌ଚଲ ହୋଇଯାଇଛି। ଏକାକୀ ସରକାର ଗଢ଼ିବ ବୋଲି ଭାଜପାର ଅନେକ ନେତା ଆଣ୍ଠୁ ଧରି ବସିଥିଲେ ହେଁ ସାଧାରଣରେ ବିଶ୍ୱାସଯୋଗ୍ୟ ହେଉ ନ ଥିଲା ନବୀନ ଗାଦିଚ୍ୟୁତ ହେବେ। ୧୪୭ ଆସନ ବିଶିଷ୍ଟ ବିଧାନସଭାରେ ଭାଜପା ୭୮ ସିଟ୍ ପାଇ ଗୋଟେ ବଡ଼ ସ୍କୋର କରିବାରେ ସଫଳ ହୋଇ ନ ଥିଲେ ମଧ୍ୟ ସରକାର ଗଢ଼ିବା ଲାଗି ନିଜକୁ ଶକ୍ତିଶାଳୀ କରିପାରିଥିଲା। ନିର୍ବାଚନ ଫଳ ଆସିବା ପରେ ନବୀନଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦୀର୍ଘ କାଳ ଦେଖି ଆସିଥିବା ଲୋକେ କହିବା ଆରମ୍ଭ କରିଥିଲେ, 'ଆରେ କି ପରିବର୍ତ୍ତନ' ହୋଇଗଲା ! ଆଉ କିଛି କହିଥିଲେ ଏବେ ପୁଣି ଭୋଟ ଗ୍ରହଣ ହେଲେ ବିଜେଡି ଅଧିକ ସିଟ୍ ପାଇବ, କାରଣ ନବୀନଙ୍କ ଭାବମୂର୍ତ୍ତି ମଳିନ ପଡ଼ିନାହିଁ। ଏତେସବୁ ଆଲୋଚନା ପର୍ଯ୍ୟାଲୋଚନା ମଧ୍ୟରେ ଯାହା ସତ ବୋଲି ସମସ୍ତଙ୍କୁ ମାନିବାକୁ ପଡ଼ିଲା, ତାହାର ନିଷ୍କର୍ଷ ହେଲା ଭାଜପାର ମୋହନ ଚରଣ ମାଝୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ଦୀର୍ଘବର୍ଷର ମୁଖ୍ୟମନ୍ତ୍ରୀ ରହିଆସିଥିବା ନବୀନ ବସିଲେ ବିରୋଧୀ ଆସନରେ। ରାଜନୀତିର ବୈଚିତ୍ର୍ୟ ତ ଏୟା। ଭୋଟର ଏଠି ରାଜନେତାଙ୍କ ଭାଗ୍ୟ ନିର୍ଦ୍ଧାରକ ପାଲଟୁଥିବା ବେଳେ ରାଜନୈତିକ ନିଷ୍ପତ୍ତିରେ ସାମାନ୍ୟ ଏପଟସେପଟ ହୋଇଗଲେ ପଟ ପରିବର୍ତ୍ତନ ଅବଶ୍ୟମ୍ଭାବୀ। ଏଠାରେ ଅନ୍ୟତମ ଜାତୀୟ ଦଳ କଂଗ୍ରେସ କ୍ଷମତାରୁ ଦୀର୍ଘ ୨୪ ବର୍ଷ ଦୂରେଇ ରହି ଗୁମୁରି ହେଉଥିବା ବେଳେ ଜନାଦେଶ ତାହାକୁ ତୃତୀୟ ସ୍ଥାନକୁ ଠେଲି ଦେଇଛି।

ଅନ୍ୟପକ୍ଷରେ ଲୋକ ସଭା ନିର୍ବାଚନ କଥା ଦେଖିଲେ ୨୧ ଆସନରୁ ୨୦ ଅକ୍ତିଆର କରି ଭାଜପା ଇତିହାସ ରଚିଥିବା ବେଳେ କଂଗ୍ରେସକୁ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ କୋରାପୁଟ ଆସନ ଦେଇଥିଲେ ଭୋଟର। ସଂସଦର ନିମ୍ନ ସଦନ ବିଜେଡିଶୂନ୍ୟ ହୋଇଛି।

## ବିରୋଧୀ ଆସନରେ ନବୀନ

## ହାରିଲେ ତିନିଦଳ ମୁଖିଆ


ବିଜେଡି ସଭାପତି ନବୀନ ପଟ୍ଟନାୟକ ବଲାଙ୍ଗିର ଜିଲା କଣ୍ଟାବାଞ୍ଜି ଆସନରେ ଭାଜପାର ଲକ୍ଷ୍ମଣ ବାଗ୍‌ଙ୍କଠାରୁ ପରାସ୍ତ ହେଲେ। ଭଦ୍ରକ ଜିଲା ଚାନ୍ଦବାଲି ଆସନ ମନମୋହନଙ୍କୁ ପୁଣି ପରାଜୟର ରାସ୍ତା ଦେଖାଇଥିବା ବେଳେ କଂଗ୍ରେସ ରାଜ୍ୟ ମୁଖିଆ ଥିବା ଶରତ ପଟ୍ଟନାୟକ ମଧ୍ୟ ନୂଆପଡ଼ା ଆସନରୁ ହାରିଲେ।



## ଓଡ଼ିଶାରେ ପ୍ରଥମ ଥର ଭାଜପା ସରକାର



ଓଡ଼ିଶାରେ ୨୪ବର୍ଷ ୯୧ ଦିନ ଶାସନରେ ରହିବା ପରେ ୪ ଜୁନ୍‌ରେ ବିଜେଡି ସରକାରର ପତନ ଘଟିଲା। ୨୦୨୪ ନିର୍ବାଚନରେ ଓଡ଼ିଶା ବିଧାନସଭାର ୧୪୭ ଆସନ ମଧ୍ୟରୁ ଭାଜପା ଏକାକୀ ୭୮ ଆସନ ପାଇ ବହୁମତ ହାସଲ କଲା। ବିଜେଡିକୁ ୫୧ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବା ବେଳେ କଂଗ୍ରେସ ୧୪ଟି, ସ୍ୱାଧୀନ ୩ ଏବଂ ସିପିଆଇ(ଏମ୍) ଗୋଟିଏ ଆସନ ପାଇଲା। ୨୦୧୯ରେ ଭାଜପା ୨୩ ଆସନ ପାଇଥିବା ବେଳେ ଏଥର ଅଧିକ ୫୫ ଆସନ ଦଖଲ କରି ଇତିହାସ ରଚିଲା। ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ ପଦ୍ମ ଫୁଟିଚାଲିଲା। 'ସୁଭଦ୍ରା'ର ୫୦ ହଜାର ଟଙ୍କାର ପ୍ରତିଶ୍ରୁତି ନିର୍ବାଚନ ପୂର୍ବରୁ ମହିଳାଙ୍କୁ ଭାଜପା ପ୍ରତି ଆକର୍ଷଣ କରିଥିଲା। ଫଳରେ ରାଜ୍ୟର ୨୦ ଲୋକ ସଭା ଆସନରେ ଭାଜପାର ଦମଦାର ପ୍ରଦର୍ଶନ କେନ୍ଦ୍ରରେ ଦଳୀୟ ଏମ୍‌ପିଙ୍କ ସଂଖ୍ୟା ବୃଦ୍ଧିରେ ସହାୟକ ହେଲା। କଂଗ୍ରେସ ଗୋଟିଏ ଆସନରେ ସୀମିତ ହୋଇଯାଇଥିବା ବେଳେ ବିଜେଡି ଖାତା ଖୋଲିପାରି ନ ଥିଲା। ଭାଜପାର ଉତ୍ଥାନ ଓ ବିଜେଡିର ପତନ ରାଜ୍ୟ ରାଜନୈତିକ ପାଣିପାଗକୁ ସମ୍ପୂର୍ଣ୍ଣ ବଦଳାଇଦେଲା।



## ମୋହନ ମୁଖ୍ୟମନ୍ତ୍ରୀ

ବିଧାନସଭା ନିର୍ବାଚନରେ ଭାଜପାର ଆଶାତୀତ ସଫଳତା 'ମୁଖ୍ୟମନ୍ତ୍ରୀ କିଏ ହେବେ' ଉତ୍କଣ୍ଠାକୁ ବଢ଼ାଇ ଦେଇଥିଲା। କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀଙ୍କୁ ଭାଜପାର ନବନିର୍ବାଚିତ ବିଧାୟକମାନେ ସର୍ବସମ୍ମତିକ୍ରମେ ମୁଖ୍ୟମନ୍ତ୍ରୀ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ପାଟଣାଗଡ଼ ଆସନରୁ ଜିତିଥିବା ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ସିଂହଦେଓ ଏବଂ ନିମାପଡ଼ା ସିଟ୍‌ରୁ ପ୍ରଥମ ଥର ବିଧାୟିକା ହୋଇଥିବା ପ୍ରଭାତୀ ପରିଡ଼ାଙ୍କୁ ଉପମୁଖ୍ୟମନ୍ତ୍ରୀ ଲାଗି ଚୟନ କରାଯାଇଥିଲା। ଛତିଶଗଡ଼, ମଧ୍ୟପ୍ରଦେଶ ଓ ରାଜସ୍ଥାନ ଭଳି ଓଡ଼ିଶାରେ ଦୁଇ ଉପମୁଖ୍ୟମନ୍ତ୍ରୀ ଫର୍ମୁଲା ଆପଣାଯିବା ଭାଜପା ଷ୍ଟାଇଲ୍ ବୋଲି ସେତେବେଳେ କୁହାଯାଇଥିଲା। ଉତ୍ତର, ଉପକୂଳ ଓ ପଶ୍ଚିମ ଓଡ଼ିଶା ଭଳି ଆଞ୍ଚଳିକ ସନ୍ତୁଳନ ଏବଂ ଆଦିବାସୀ, ମହିଳା ଓ ସାଧାରଣ ବର୍ଗ ଆଦି ସାମାଜିକ ସମୀକରଣ ଗୁରୁତ୍ୱ ଲାଭ କରିଥିଲା।

**କନକ ବର୍ଦ୍ଧନ, ପ୍ରଭାତୀ ଉପମୁଖ୍ୟମନ୍ତ୍ରୀ**

## ମେଣ୍ଟ ଆଶାରେ ଗଡ଼ିଲା ଦିନ

୨୦୨୪ ନିର୍ବାଚନରେ ବିଜେଡି ଓ ଭାଜପା ରାଜ୍ୟରେ ମେଣ୍ଟ କରିବେ ବୋଲି ଗୋଟେ ହୁରି ପଡ଼ିଥିଲା। ଉଭୟ ଦଳର ନେତାଙ୍କ ବାରମ୍ବାର ଦିଲ୍ଲୀ ଗସ୍ତ ଓ ମତମନ୍ତବ୍ୟ ଭୋଟରଙ୍କୁ ପ୍ରତିଦିନ ନୂଆ ତଥ୍ୟ ଦେବାରେ ଲାଗିଲା। ହେଇ ମେଣ୍ଟ ହୋଇଗଲା। ଆଜି ରାତିସୁଦ୍ଧା କିଏ କେତେ ସିଟ୍ ପାଇବେ ଘୋଷଣା ହେବ, ଅପେକ୍ଷା କର। ଗଣମାଧ୍ୟମର ସୂଚନାକୁ ଚାତକ ଭଳି ଚାହିଁ ରହିଥିଲେ ନେତା, କର୍ମୀ ଓ ଭୋଟର। ବବି-ପାଣ୍ଡିଆନଙ୍କ ଦିଲ୍ଲୀ ଗସ୍ତ ହେଉ ବା ମନମୋହନ ଓ ତାଙ୍କ ସାଥୀଙ୍କ ଭୁବନେଶ୍ୱର ଏୟାରପୋର୍ଟରେ ଓହ୍ଲାଇବା ଖବର ଶୁଣିବା ମାତ୍ରେ ଗଣମାଧ୍ୟମ ପ୍ରତିନିଧି ଛକି ବସିଥାଆନ୍ତି ବାଇଟ୍ ନେବା ପାଇଁ। ଏମିତି ଦୌଡ଼ାଦୌଡ଼ି ଭିତରେ କେବଳ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ନେଠ ଦେଇ କହୁଥାଆନ୍ତି, କଦାପି ମେଣ୍ଟ ହେବ ନାହିଁ। ଭାଜପା ଏକାକୀ ଲଢ଼ିବ ଓ ଏଠାରେ ସରକାର ଗଢ଼ିବ। ଶେଷରେ ତାହାହିଁ ହେଲା।

## ହାଇପ୍ରୋଫାଇଲ ଧର୍ମେନ୍ଦ୍ର-ବବି ଲଢ଼େଇ

ସମ୍ବଲପୁର ଲୋକ ସଭା ଆସନ ୨୦୨୪ରେ ଦେଖିଥିଲା ହାଇପ୍ରୋଫାଇଲ ଲଢ଼େଇ। ଭାଜପାର ଧର୍ମେନ୍ଦ୍ର ପ୍ରଧାନ ବିଜେଡିର ପ୍ରଣବ ପ୍ରକାଶ ଦାସ (ବବି)ଙ୍କୁ ହରାଇ ବିଜୟୀ ହୋଇଥିଲେ।




## ସୁରମା ପାଢ଼ୀ ବାଚସ୍ପତି




ନୟାଗଡ଼ ଜିଲା ରଣପୁର ବିଧାନସଭା ଆସନରୁ ଭାଜପା ଟିକେଟରେ ଜିତିଥିବା ସୁରମା ପାଢ଼ୀ ସପ୍ତଦଶ ବିଧାନସଭାରେ ବାଚସ୍ପତି ହୋଇଥିଲେ। ଜଣେ ମହିଳା ଭାବେ ଓଡ଼ିଶା ଭାଜପା ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୂଚନାଯୋଗ୍ୟ, ଷୋଡ଼ଶ ବିଧାନସଭାରେ ବିଜେଡିର ପ୍ରମିଳା ମଲ୍ଲିକ ମହିଳା ବାଚସ୍ପତି ଥିଲେ।

## ସୋଫିଆ ରାଜ୍ୟର ପ୍ରଥମ ମୁସ୍‌ଲିମ ବିଧାୟିକା

ଓଡ଼ିଶାର ପ୍ରଥମ ମୁସ୍‌ଲିମ ମହିଳା ବିଧାୟିକା ହୋଇ ସୋଫିଆ ଫିର୍ଦୋସ ଇତିହାସ ସୃଷ୍ଟି କରିଥିଲେ। ବାରବାଟୀ-କଟକ ବିଧାନସଭା ଆସନରୁ ଜିତିଥିବା ସୋଫିଆ ହେଉଛନ୍ତି କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ କନ୍ୟା।



## ଲଢ଼ିଲେନି ନରସିଂହ, ସୁର

ଷୋଡ଼ଶ ଅଧିବେଶନର ପଞ୍ଚମ ଅଧିବେଶନ ଫେବୃଆରୀ ୯ରେ ଶେଷ ହୋଇଥିଲା। ଏଥିରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଘୋଷଣା କରିଥିଲେ ସେ ବିଧାନସଭା ନିର୍ବାଚନରେ ଲଢ଼ିବେ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ସମେତ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ତାଙ୍କୁ ବିଦାୟକାଳୀନ ଶୁଭେଚ୍ଛା ଜଣାଇଥିଲେ। ଏହା ପରେ ଅନ୍ୟତମ ବରିଷ୍ଠ ନେତା ସୁରେଶ ରାଉତରାୟ ମଧ୍ୟ ପରବର୍ତ୍ତୀ ନିର୍ବାଚନରେ ଲଢ଼ିବେ ନାହିଁ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ହାତ ମିଳାଇ ଯିବା ପରେ ବିଧାନସଭା ବାହାରେ ମୁଣ୍ଡିଆ ପକାଇ ଯାଇଥିଲେ।

## ସର୍ବକନିଷ୍ଠ ଉପାସନା, ବୟୋଜ୍ୟେଷ୍ଠ ବଦ୍ରି

ପୁରୀ ଜିଲା ବ୍ରହ୍ମଗିରି ଆସନରୁ ଭାଜପାର ଉପାସନା ମହାପାତ୍ର ୨୭ ବର୍ଷରେ ବିଧାୟିକା ହୋଇ ସପ୍ତଦଶ ବିଧାନସଭାରେ ସର୍ବକନିଷ୍ଠ ସଦସ୍ୟା ହୋଇଛନ୍ତି। ଅନ୍ୟପକ୍ଷରେ କେନ୍ଦୁଝର ଜିଲା ଘସିପୁରା ଆସନରୁ ଜିତିଥିବା ୮୦ ବର୍ଷୀୟ ବିଜେଡିର ବଦ୍ରି ନାରାୟଣ ପାତ୍ର ବୟୋଜ୍ୟେଷ୍ଠ ବିଧାୟକ ହୋଇଛନ୍ତି।

## ବିଜେଡିକୁ ପାଣ୍ଡିଆନ୍ ଫ୍ୟାକ୍ଟର କାଳ

କେନ୍ଦ୍ରରେ ଭାଜପା ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ଅସମର୍ଥ ହୋଇଥିବା ବେଳେ ଓଡ଼ିଶାରେ ଏହା ତା'ର କରାମତି ଦେଖାଇବାର କାରଣ ଅନେକ ରହିଛି। ତନ୍ମଧ୍ୟରୁ 'ପାଣ୍ଡିଆନ ଫ୍ୟାକ୍ଟର' ସବୁଠୁ ବେଶି ଲୋକଙ୍କ ମନରେ ଘୃଣା ସୃଷ୍ଟି କଲା। ବିଜେଡି ଦୁର୍ଗପତନ ପାଣ୍ଡିଆନଙ୍କ ପ୍ରଚାର ଯୋଗୁ ଘଟିଛି ବୋଲି ତାଙ୍କ ଦଳର ନେତା ଓ କର୍ମୀମାନେ କହିବା ଆରମ୍ଭ କଲେ। ଦେଖିବାକୁ ଗଲେ ଭାଜପାର ଓଡ଼ିଶା ଶାଖା ଯେତିକି ପରିଶ୍ରମ କରିଛି, ତା'ଠାରୁ ଅଧିକ ପାଣ୍ଡିଆନ ବିରୋଧୀ ସ୍ୱର ଗୈରିକ ଦଳର ଭୋଟ ବଢ଼ାଇବାରେ ସଫଳ ହୋଇଥିବା ଆଲୋଚନା ହେଲା। ବିଜେଡିରେ ନେତାମାନଙ୍କୁ ଅଣଦେଖା କରି ମଞ୍ଚରେ ମୁହଁ ଦେଖାଦେଉଥିବା ତାମିଲ ପାଣ୍ଡିଆନଙ୍କୁ ସାଧାରଣ ଭୋଟର ଗ୍ରହଣ କରିପାରିଲେ ନାହିଁ। ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଭାଜପାର ତୁଙ୍ଗ ନେତାମାନେ ରତ୍ନଭଣ୍ଡାର ଚାବି ଚୋରି ପାଇଁ ତାଙ୍କୁ ଦାୟୀ କରିବାରୁ ଓଡ଼ିଆଙ୍କ ଭାବାବେଗ ପ୍ରଭାବିତ ହେଲା। ନିର୍ବାଚନୀ ମଇଦାନକୁ ଟାଣି ହୋଇ ଆସିଲା ଓଡ଼ିଆର ଅସ୍ମିତା। ଭୋଟର ସେମାନଙ୍କ ପ୍ରିୟ ନେତା ନବୀନଙ୍କ ଅବର୍ତ୍ତମାନରେ ବିକଳ୍ପ ନିଷ୍ପତ୍ତି ନେଇ ପଦ୍ମ ପୋଖରୀରେ ବୁଡ଼ ପକାଇଲେ।



## ବିଜେଡି ଛାଡ଼ି ଭାଜପାରୁ ରାଜ୍ୟ ସଭାକୁ ଗଲେ ମମତା, ସୁଜିତ




୨୦୨୪ ନିର୍ବାଚନ ପରେ ରାଜ୍ୟ ସଭାରେ ବିଜେଡିର ଅଙ୍କ ବିଗିଡ଼ିବାରେ ଲାଗିଲା। ପ୍ରଥମେ ମମତା ମହାନ୍ତ ଓ ପରେ ସୁଜିତ କୁମାର ବିଜେଡି ଓ ରାଜ୍ୟ ସଭା ପଦରୁ ଇସ୍ତଫା ଦେଇ ଭାଜପାରେ ଯୋଗଦେଲେ। ପରବର୍ତ୍ତୀ ସମୟରେ ହୋଇଥିବା ଉପନିର୍ବାଚନରେ ଉଭୟେ ଭାଜପାରୁ ପ୍ରାର୍ଥୀ ହୋଇ ପୁନଶ୍ଚ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି।

## ଅସ୍ମିତା

ଗୋଟେ ଶବ୍ଦ ଯେ ଭୋଟ ଗଣିତକୁ ଏପଟସେପଟ କରିଦେଇପାରେ, ତାହା ୨୦୨୪ ଲୋକ ସଭା ଓ ବିଧାନସଭା ନିର୍ବାଚନରେ 'ଅସ୍ମିତା' ପ୍ରମାଣିତ କରାଇଦେଲା। ଭାଷାଠାରୁ ସଂସ୍କୃତି, ସରକାରୀ କାର୍ଯ୍ୟକ୍ରମ, ସାଇନ୍‌ବୋର୍ଡ ଆଦିରେ ଓଡ଼ିଆ ଭାଷାକୁ ଅଣଦେଖା କରାଯାଉଥିବା କଥା ଉଠିଲା। ଶାସକ ପକ୍ଷର ମଙ୍ଗୁଆଳଙ୍କୁ ଏଥିପାଇଁ ଦାୟୀ କରାଗଲା। ତାହାର ଫଳ ଗୋଟାଇଲା ସେତବେଳର ବିରୋଧୀ ଭାଜପା। ଅତଏବ ବିଦାୟୀ ବର୍ଷତମାମ 'ଅସ୍ମିତା' ସର୍ବାଧିକ ବ୍ୟବହୃତ ଶବ୍ଦ ପାଲଟିଥିଲା।

## କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର



ମାତ୍ର ୧୪ ଆସନ ହାସଲ କରିବା ପରେ ଓଡ଼ିଶା ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା କିଏ ହେବେ ତାହାକୁ ନେଇ ଦୀର୍ଘ ଦିନ ଧରି ଛକାପଞ୍ଝା ଲାଗି ରହିଥିଲା। ଭୁବନେଶ୍ୱରୁ ଦିଲ୍ଲୀର ହାଇକମାଣ୍ଡଙ୍କ ଦ୍ୱାର ଯାଏ ଦଳେ ଦଳେ ଭିଡ଼ ଜମାଇଲେ। ତାରା ପ୍ରସାଦ ବାହିନୀପତି ବିଧାୟକ ଦଳ ନେତା ପାଇଁ ପ୍ରମୁଖ ଆଶାୟୀ ଥିବା ବେଳେ ରାମଚନ୍ଦ୍ରଙ୍କ ଉପରେ ପଡ଼ିଲା ହାଇକମାଣ୍ଡଙ୍କ ଶୁଭଦୃଷ୍ଟି।

ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା' ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। -ଶ୍ରୀମା



# ପଦବୀ ଖାଲିପଡ଼ିଛି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭାରତରେ ଆଇଏଏସ୍, ଆଇପିଏସ୍ ଏବଂ ଆଏଫ୍ଏସ୍ ( ଇଣ୍ଡିଆନ୍ ଫରେଷ୍ଟ ସର୍ଭିସ୍) ଅଧିକାରୀଙ୍କ ଘୋର ଅଭାବ ଦେଖାଦେଇଛି। ଏହାଦ୍ୱାରା ପ୍ରଶାସନିକ ଦକ୍ଷତା ଏବଂ ଆଇନ ପ୍ରଣୟନ କ୍ଷମତା ପ୍ରଭାବିତ ହେଉଛି। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ( ଡିଓପିଟି) ତଥ୍ୟ ଅନୁଯାୟୀ, ଜାନୁଆରୀ ୨୦୨୪ ସୁଦ୍ଧା ଆଇଏଏସ୍ ଅଧିକାରୀଙ୍କ ଅଭାବ ହାର ୧୯ ପ୍ରତିଶତ ଏବଂ ନିର୍ଦ୍ଧାରିତ ୬,୮୫୮ ପଦବୀରେ ଏବେ ୫,୫୪୨ ଅଧିକାରୀ ଅଛନ୍ତି। ସେହିଭଳି ଆବଶ୍ୟକ ୫,୦୫୫ ଆଇପିଏସ୍ ଅଧିକାରୀଙ୍କ ମଧ୍ୟରୁ ୪,୪୬୯ କାର୍ଯ୍ୟ କରୁଛନ୍ତି, ଅର୍ଥାତ୍ ୧୧% ପଦବୀ ପୂରଣ ହୋଇପାରିନାହିଁ। ଆଇଏଫ୍ଏସ୍ କ୍ୟାଡରରେ ୩୩% ପଦବୀ ଖାଲି ଅଛି ଏବଂ ମଞ୍ଜୁରୀପ୍ରାପ୍ତ ମୋଟ ୩,୧୯୩ ପଦବୀରୁ ୨,୧୫୧ ଜଣ ଅଧିକାରୀ ଅଛନ୍ତି। ଏଭଳି ଅଭାବ ଯୋଗୁ ଅଧିକାରୀମାନେ ଏକାଧିକ ବିଭାଗ ଏବଂ ଦାୟିତ୍ୱରେ ରହିବାକୁ ବାଧ ହେଉଛନ୍ତି ଏବଂ କାର୍ଯ୍ୟଚାପ ଯୋଗୁ ଶାସନ ପ୍ରଭାବିତ ହେଉଛି। ରାଜ୍ୟ ସ୍ତରରେ ସିଧାସଳଖ ଆଇଏଏସ୍ ନିଯୁକ୍ତି କ୍ଷେତ୍ରରେ ଉତ୍ତରପ୍ରଦେଶରେ ସର୍ବାଧିକ ପଦବୀ(୬୩) ଖାଲି ରହିଛି। ବିହାରରେ ଖାଲିଥିବା ପଦୋନ୍ନତି ପଦବୀ (୭୯) ଅନ୍ୟ ରାଜ୍ୟ ତୁଳନାରେ ସବୁଠୁ ବେଶି। ଆଇପିଏସ୍ ଅଧିକାରୀଙ୍କ ପ୍ରତ୍ୟକ୍ଷ ନିଯୁକ୍ତିରେ ମଧ୍ୟପ୍ରଦେଶରେ ସର୍ବାଧିକ (୪୩) ପଦବୀ ପୂରଣ ହୋଇନାହିଁ। ପଦୋନ୍ନତି ପଦବୀ ଓଡ଼ିଶାରେ ସର୍ବାଧିକ(୫୯) ଖାଲି ପଡ଼ିଛି। ଆଇଏଫ୍ଏସ୍ କ୍ୟାଡରରେ ମଧ୍ୟ ସମାନ ଧାରା ଜାରି ରହିଛି ଏବଂ ଏଜିଏମ୍ୟୁଟି କ୍ୟାଡରରେ ସର୍ବାଧିକ(୧୦୫) ପଦବୀ ପୂରଣ ହୋଇନାହିଁ। ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନଙ୍କ ନିଯୁକ୍ତି ସମ୍ପର୍କରେ ନୀତି ନିର୍ଦ୍ଧାରକମାନେ ପୁନର୍ବିଚାର କରିବା ଆବଶ୍ୟକ। ଭାରତରେ ଏକ ଦୃଢ଼ ତଥା ପ୍ରଭାବୀ ଶାସନ ଢାଞ୍ଚା ନିଶ୍ଚିତ କରିବାକୁ ହେଲେ ଏହି ପଦବୀଗୁଡ଼ିକ ପୂରଣକରିବା ଜରୁରୀ ଏବଂ ଏହା ପାଇଁ ନୂତନ ରଣନୀତି ଆବଶ୍ୟକ।

## ଗମ୍ଭୀର ଅଭିଯୋଗ

କେରଳରେ ବାବୁମାନଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ତୀବ୍ର ହେବାରେ ଲାଗିଛି। ବର୍ତ୍ତମାନ ବିବାଦକୁ ନେଇ ନିଲମ୍ବିତ ହୋଇଥିବା ଆଇଏଏସ୍ ଅଧିକାରୀ ଏନ୍. ପ୍ରଶାନ୍ତ (୨୦୦୭ବ୍ୟାଚ୍‌କେରଳକ୍ୟାଡର) କେରଳର ମୁଖ୍ୟ ଶାସନ ସଚିବ ସାରଦା ମୁରଲୀଧରନ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏ. ଜୟତିଲକ, ଶିଳ୍ପ ନିର୍ଦ୍ଦେଶକ କେ. ଗୋପାଳକୃଷ୍ଣନ୍ ଓ ଏକ ପ୍ରମୁଖ ରାଜ୍ୟସ୍ତରୀୟ ଖବରକାଗଜ ବିରୋଧରେ ଭୁଲ୍ ଦଲିଲ ପ୍ରସ୍ତୁତ କରିବା ଏବଂ ଆପରାଧିକ ଷଡ଼ଯନ୍ତ୍ରର ଅଭିଯୋଗ ଆଣିଥିବା ଜଣାପଡ଼ିଛି। ଜୟତିଲକଙ୍କ ନେତୃତ୍ୱରେ କରାଯାଇଥିବା ଏକତରଫା ତଦନ୍ତରୁ ହିଁ ଏହି ବିବାଦ ସୃଷ୍ଟି ହୋଇଛି, ଯେଉଁଥିରେ ଉନ୍ନତି (ଏସ୍‌ସି /ଏସ୍‌ଟି ସମୁଦାୟଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପ)ର ସିଇଓ ଥିବାବେଳେ ସରକାରୀ ଫାଇଲଗୁଡ଼ିକର ଭୁଲ୍ ତଥ୍ୟ ଏବଂ ତାଙ୍କ ଅନିୟମିତ ଉପସ୍ଥାନକୁ ନେଇ ପ୍ରଶାନ୍ତଙ୍କ ବିରୋଧରେ ଅଭିଯୋଗ ଅଣାଯାଇଥିଲା। ଲିଗାଲ ନୋଟିସ ଅନୁଯାୟୀ, ଏହି ତଦନ୍ତ ପାଇଁ ସରକାରୀ ଅନୁମତି ନ ଥିଲା ଏବଂ ଏହା ସରକାରଙ୍କ ଇ-ଅଫିସ୍ ସିଷ୍ଟମରେ ଅପ୍‌ଲୋଡ୍ ହୋଇଥିବା ମିଥ୍ୟା ଚିଠି ଉପରେ ଆଧାରିତ ଥିଲା। ପ୍ରଶାନ୍ତ ଦାବି କରିଛନ୍ତି, ଗୋପାଳକୃଷ୍ଣନ୍‌ଙ୍କ ଦ୍ୱାରା ଦସ୍ତଖତ ହୋଇଥିବା ଏହି ଡକ୍ୟୁମେଣ୍ଟଗୁଡ଼ିକ ବିଭାଗୀୟ ରେକର୍ଡରୁ ହଟାଯିବା ପୂର୍ବରୁ ଅଗଷ୍ଟ ୨୦୨୩ ରେ ଏଥିରେ ହେରଫେର କରାଯାଇଥିଲା। ଲିଗାଲ ନୋଟିସରେ ଆହୁରି ଅଭିଯୋଗ ହୋଇଛି ଯେ,୧୪ ନଭେମ୍ବର ୨୦୨୪ରେ ଏହି ଅନିୟମିତତା ବିଷୟରେ ଆନୁଷ୍ଠାନିକ ଭାବେ ଅବଗତ ହେବା ସତ୍ତ୍ୱେ ମୁଖ୍ୟ ଶାସନ ସଚିବ ପଦକ୍ଷେପ ନେବାରେ ବିଫଳ ହୋଇଥିଲେ। କେରଳର ପ୍ରଶାସନ ପ୍ରଶାନ୍ତଙ୍କ ବିସ୍ଫୋରକ ଦାବିକୁ କିପରି ସମାଧାନ କରିବ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି।

## ନୂଆ ନିୟମ

ଉତ୍ତରପ୍ରଦେଶର କାର୍ଯ୍ୟନିର୍ବାହୀ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ପ୍ରଶାନ୍ତ କୁମାର ଯୋଗୀ-ମୋଦି ଶାସନରେ ଥିବା ଜଟିଳ ଧାରାରୁ ନିଶ୍ଚିତ ଭାବେ କିଛି ଶିକ୍ଷା ନେଇପାରିଥିବେ। ୧୯୯୦ ବ୍ୟାଚ୍ ଆଇପିଏସ୍ ଅଧିକାରୀ କୁମାର ଚଳିତ ବର୍ଷ ଜାନୁଆରୀରୁ କାର୍ଯ୍ୟନିର୍ବାହୀ ବ୍ୟାଜ୍ ଧାରଣ କରିଆସୁଛନ୍ତି। କିନ୍ତୁ ଦୁଃଖର କଥା, ଏବେ ରାଜନୈତିକ ବାତାବରଣ ବିପରୀତ ହୋଇଛି। ଗତମାସ ପ୍ରାରମ୍ଭରେ ଯେତେବେଳେ ଯୋଗୀ ଆଦିତ୍ୟନାଥ ସରକାର ପୂର୍ଣ୍ଣକାଳୀନ ଡିଜିପି ନିଯୁକ୍ତି ପାଇଁ ତାଙ୍କ ନୂଆ ନିୟମ ଜାରି କରିଥିଲେ, ସେତେବେଳେ ବାବୁ ପରିସରରେ ଥିବା ଆଲୋଚକମାନେ କହିଥିଲେ ଯେ କୁମାର ଏହି ପଦବୀରେ ନିଶ୍ଚିତ ରହିବେ। କିନ୍ତୁ ସୂତ୍ରରୁ ଜଣାପଡ଼ିଛି ଯେ, କୁମାରଙ୍କ ନାମ ନିଯୁକ୍ତି ତାଲିକାରୁ ଉଭାନ ହୋଇଯାଇଛି। ସଂଶୋଧିତ ନିୟମ ଅନୁଯାୟୀ, ଯେଉଁ ଆଇପିଏସ୍ ଅଧିକାରୀଙ୍କର ଚାକିରିକାଳ ଅତି କମ୍‌ରେ ୬ ମାସ ଥିବ, ସେମାନେ ଶୀର୍ଷ ପଦବୀ ଲାଗି ଯୋଗ୍ୟ ହେବେ। କୁମାର ମେ ୨୫ରେ ଅବସର ନେବାକୁ ଯାଉଥିବାରୁ ସେ ଏହି ପଦବୀ ପାଇଁ ଯୋଗ୍ୟ ନୁହନ୍ତି। ନଚେତ୍ କେହି ଜଣେ ଅମଲାତାନ୍ତ୍ରିକ ଉପାୟରେ ତାଙ୍କ କାର୍ଯ୍ୟକାଳକୁ ଆଉ ୧୮ ମାସ ବୃଦ୍ଧି କରିଦେଇ ପାରିଥାନ୍ତେ। ତେବେ ସେଥିପାଇଁ କେନ୍ଦ୍ରର ଆଶୀର୍ବାଦ ଲୋଡ଼ା। ହେଲେ ଯୋଗୀ ସରକାରଙ୍କର ଏଭଳି ବିଷୟ ପ୍ରତି ଆଗ୍ରହ ନ ଥିବାରୁ କୁମାର କାର୍ଯ୍ୟନିର୍ବାହୀ ଡିଜିପି ଭାବେ ରହିଛନ୍ତି। ଯୋଗୀ-ମୋଦି ରାଜନୀତିର ଜଟିଳ ଖେଳ ମଧ୍ୟରେ ଗୋଟିଏ କଥା ସ୍ପଷ୍ଟ ଯେ, ବେଳେବେଳେ କ୍ଷମତା ଦୌଡ଼ରେ ରହିବା ଏକ ସୌଭାଗ୍ୟର ବିଷୟ ହୋଇଥାଏ। କିନ୍ତୁ ଏହାକୁ ଜିତିବା ପୂର୍ବରୁ ଆଉ କେହି ଜଣେ ବିଜୟୀ ହୋଇଯାଇପାରନ୍ତି।

Email: dilipcherian@gmail.com

# ଏକକାଳୀନ ନିର୍ବାଚନରୁ କ'ଣ ପାଇବା



ଡ. ସାରଦା ପ୍ରସାଦ କର

ବେଲ୍‌ଜିଅମ, ସ୍ୱିଡେନ୍, ଦକ୍ଷିଣଆଫ୍ରିକା ଭଳି ଛୋଟିଆ ଦେଶଙ୍କ କ୍ଲବରେ ସାମିଲ ହେବ ଭାରତ। ବେଲ୍‌ଜିଅମ ଓ ଦକ୍ଷିଣଆଫ୍ରିକାରେ ପାଞ୍ଚବର୍ଷିଆ ଆଉ ସ୍ୱିଡେନ୍‌ରେ ଚାରିବର୍ଷିଆ ଆନୁପାତିକ ସଂଖ୍ୟା ପୂରଣ ବ୍ୟବସ୍ଥା। ୩୪୯ ସଦସ୍ୟ ବିଶିଷ୍ଟ ସ୍ୱିଡେନର ସଂସଦ 'ରିକ୍ସଡାଗ'କୁ ମ୍ୟୁନିସିପାଲ କର୍ପୋରେସନ ଓ କାଉଣ୍ଟି ଜରିଆରେ ହେଉଥିବା ଏକକାଳୀନ ନିର୍ବାଚନ ଭଳି ଭାରତରେ ଲୋକ ସଭା ଆଉ ବିଧାନସଭା ନିର୍ବାଚନ ହେବ। ଭାରତରେ ମଧ୍ୟ ସମୟ ଅନ୍ତର କାରଣରୁ 'ନିର୍ବାଚନ ଖର୍ଚ୍ଚ ବିଶ୍ୱରେ ସର୍ବାଧିକ' କଥାଟିରେ ବ୍ରେକ୍ ଲାଗିବ। ଏବେ ଏକକାଳୀନ ନିର୍ବାଚନ ଆୟୋଜନ କରିବା ନେଇ ଆବଶ୍ୟକ ସାମ୍ବିଧାନିକ ପଦକ୍ଷେପକୁ ସରକାର ତ୍ୱରାନ୍ୱିତ କରିଛନ୍ତି। କିଛି ମତ ରଖନ୍ତି ଯେ, ଏକକାଳୀନ ନିର୍ବାଚନ ହେଲେ ଖର୍ଚ୍ଚରେ ଗୁରୁତ୍ୱପୂର୍ଣ୍ଣ ହ୍ରାସ ହୋଇପାରିବ, ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇବ ଏବଂ ଅଧିକ ମତଦାନ ହେବାର ସମ୍ଭାବନା ରହିବ।

ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍ ଭଳି ୩୫ ବର୍ଷରୁ ଅଧିକ ସମୟ ଧରି ଭାରତୀୟ ନିର୍ବାଚନକୁ ଅନୁଧ୍ୟାନ କରୁଥିବା ଏନ୍‌ଜିଓ ଅନୁଯାୟୀ, ୨୦୧୯ ଲୋକ ସଭା ନିର୍ବାଚନରେ ପ୍ରାୟ ୬୦ ହଜାର କୋଟି ଟଙ୍କା ବ୍ୟୟ ହୋଇଥିଲା ବେଳେ ୨୦୨୪ ସାଧାରଣ ନିର୍ବାଚନରେ ପାଖାପାଖି ୧.୩୫ ଲକ୍ଷ କୋଟି ଖର୍ଚ୍ଚ ଅଟକଳ, ପୂର୍ବ ନିର୍ବାଚନ ଅପେକ୍ଷା ଦୁଇ ଗୁଣରୁ ଅଧିକ। ଗତ ନିର୍ବାଚନରେ ୭୦୦ ଟଙ୍କା ନିର୍ବାଚନୀ ବୋଝ ଜଣେ ନାଗରିକ ମୁଣ୍ଡ ଉପରେ ଯାହା ୧୯୫୧-୫୨ ପ୍ରଥମ ସାଧାରଣ ନିର୍ବାଚନ ବେଳେ ମୁଣ୍ଡପିଛା ବ୍ୟୟ ଥିଲା ୩୦ ପଇସା ମାତ୍ର। ଏଥିରେ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା ରାଜନୈତିକ ଦଳଗୁଡ଼ିକ ବହନ କରୁଥିବା ଖର୍ଚ୍ଚ ଓ ନିର୍ବାଚନ ପରିଚାଳନାରେ ଭାରତର ନିର୍ବାଚନ ଆୟୋଗଙ୍କ ଖର୍ଚ୍ଚ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ବାରମ୍ବାର ସୁରକ୍ଷା କର୍ମୀଙ୍କ ମୁତୟନ ଓ ବଦଳି ସହିତ ଯଥେଷ୍ଟ ଖର୍ଚ୍ଚ ଜଡ଼ିତ। ନିର୍ବାଚନୀ କର୍ତ୍ତବ୍ୟ ଓ ଆନୁଷଙ୍ଗିକ କାମ ଯୋଗୁଁ ପ୍ରତି ନିର୍ବାଚନ ସମୟରେ ସରକାରୀ କଳର ନିୟମିତ ଦାୟିତ୍ୱକୁ ଅଣଦେଖା କରାଯାଇଥାଏ। ନିର୍ବାଚନ ବଜେଟରେ ଏହି ଅସଂଖ୍ୟ ମାନବ ଘଣ୍ଟାକୁ ବିଚାରକୁ ନିଆଯାଇ ନାହିଁ। ନିର୍ବାଚନ ବେଳେ ହିଂସା, ବୁଥ୍ ଜବରଦଖଲ ଓ ପୋଲିସ ସହ ମୁହାଁମୁହିଁ ପରିସ୍ଥିତିକୁ ସହଜେ ଏଡ଼ାଇ ହୁଅନ୍ତା, ଯଦି ଏକ ରାଷ୍ଟ୍ର ଏକ ନିର୍ବାଚନକୁ ଡିଜିଟାଲ କରାଯାଆନ୍ତା। ଗୋଟିଏ ମୁହୂର୍ତ୍ତରେ ସରିଯାଆନ୍ତା ନିର୍ବାଚନ, ସରକାରୀ କଳ ସରକାରଙ୍କ ହାତବାରିସି ବୋଲି କହନ୍ତେ ନାହିଁ ବିରୋଧୀ ରାଜନୈତିକ ସଙ୍ଗଠନଗୁଡ଼ିକ। ମୋବାଇଲ ନେଟ୍‌ୱର୍କ ନ ଥିବା ସ୍ଥାନରେ ସରକାର ନେଟ୍‌ୱର୍କ ପାଇଁ ତତ୍ପରତା ଦେଖେଇବା ପାରିଲାପଣିଆ କଥା। ଜିଏସ୍‌ଟି ଯେମିତି ରେକର୍ଡ ସଂଖ୍ୟକ ବଢ଼େଇ ପାରୁଛନ୍ତି ସରକାର, ସେମିତି ଭୋଟସଂଖ୍ୟା



ଆନୁପାତିକ ବଢ଼େଇବା କାମ ସରକାରଙ୍କର।


ଏକକାଳୀନ ନିର୍ବାଚନର ଧାରଣା ୧୯୫୧-୫୨ ମସିହାର ପ୍ରଥମ ସାଧାରଣ ନିର୍ବାଚନରୁ ଆରମ୍ଭ ହୋଇଥିଲା, ଯେତେବେଳ ସମସ୍ତ ବିଧାନସଭା ନିର୍ବାଚନ ହୋଇଥିଲା। ଏହି ପ୍ରଥା ୧୯୬୭ ପର୍ଯ୍ୟନ୍ତ ଜାରି ରହିଥିଲା, ଯେତେବେଳେ ଖୁଲା ବିଧାନସଭା ଏହି ଧାରାରେ ଅନ୍ତରାୟ ହେଲା। ପରବର୍ତ୍ତୀ ବର୍ଷଗୁଡ଼ିକରେ କ୍ରମାଗତ ଭାବରେ ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକୁ ଭଙ୍ଗ କରି ଦିଆଯାଇଥିଲା, ଯାହା ଏକକାଳୀନ ନିର୍ବାଚନ କ୍ୟାଲେଣ୍ଡରକୁ ବାଧାପ୍ରାପ୍ତ କରିଥିଲା। ଏବେ ଯଦି ଏକକାଳୀନ ନିର୍ବାଚନ କଥା ଉଠେ, ତେବେ ସରକାର ସମସ୍ତ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ସେବା ସମୟ ନ ଗଣି ସେମାନଙ୍କ ଅବ୍ୟାହତି ସୁବିଧା ଲାଗୁ କରିଦେବା ଠିକ୍ ହେବ। ଡାକବାଜି ଯନ୍ତ୍ରକୁ ମାତ୍ର ତିନିଦିନ ପାଇଁ ଅନୁମତି ଦେଇ ରାଲି, ମଞ୍ଚ ପ୍ରଚାର ଆଉ ସଭାକୁ ବୁହା ହବା ଗାଡ଼ି ମୋଟରକୁ ସମ୍ପୂର୍ଣ୍ଣ ନା' କହି ସରକାର ଆଦର୍ଶ ହୋଇପାରନ୍ତେ। ବ୍ୟବସ୍ଥା ବଦଳାଇବାକୁ ନ ଚାହିଁଲେ ସରକାରଙ୍କୁ ଭୟ ଅଛି ବୋଲି ଜନମତ ସୃଷ୍ଟି ହେବ। ବେଲଜିଅମ୍, ଦକ୍ଷିଣ ଆଫ୍ରିକା ଓ ସ୍ୱିଡେନ ଆଦି ଦେଶ ଭାରତୀୟ ଭୌଗୋଳିକ ପରିବେଶ ଅପେକ୍ଷା ଯଥେଷ୍ଟ ସାନ। ନିର୍ବାଚନ କମିଶନ ଭାରତରେ ନିରପେକ୍ଷ ହବା ଆଜି ଏକ ପ୍ରଶ୍ନବାଚୀ। ମୁଖ୍ୟ ନିର୍ବାଚନ ଆୟୋଗଙ୍କ ସୁପାରିସରେ ଆଇନ ପ୍ରଣୟକ ଆଦୌ ହସ୍ତକ୍ଷେପ କରିବା ସମୀଚୀନ ନୁହେଁ।

ଏକାସଙ୍ଗେ ନିର୍ବାଚନ କଥାଟିକୁ ୧୯୮୩ରେ ଭାରତ ନିର୍ବାଚନ ଆୟୋଗ (ଇସି) ଆଉ ୧୯୯୯ରେ ଭାରତ ଲ' କମିଶନ ତାଙ୍କ ୧୭୦ତମ ରିପୋର୍ଟରେ ସପକ୍ଷ ମତ ଦେଲେ। ୨୦୧୫ ମସିହାରେ ସଂସଦୀୟ ଷ୍ଟାଣ୍ଡିଂ କମିଟି ଅନୁଧ୍ୟାନ କରି ମତ ରଖିଲେ ଯେ ଏହାଦ୍ୱାରା ନିର୍ବାଚନ ଖର୍ଚ୍ଚ ଯଥେଷ୍ଟ କମ କରାଯିବା ସହ ପ୍ରଶାସନିକ ଦକ୍ଷତାକୁ ବଢ଼ାଯାଇ ପାରିବ। ୨୦୨୩ରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି କେନ୍ଦ୍ର ଆଉ ରାଜ୍ୟସ୍ତରୀୟ ରାଜନୈତିକ ଦଳ, ସାଧାରଣ ନାଗରିକ ଆଉ ଆଇନ ବିଶାରଦମାନଙ୍କଠାରୁ ମତାମତ ନେଲେ। ସମର୍ଥକମାନେ ଯୁକ୍ତି ବାଢ଼ିଛନ୍ତି ଯେ, ଏକାଧିକ ନିର୍ବାଚନ କରିବା ଦ୍ୱାରା ରାଜ୍ୟ ସମ୍ବଳ ଉପରେ ଚାପ ପଡୁଛି, ରାଜନୈତିକ ଦଳଗୁଡ଼ିକ ନିରନ୍ତର ପ୍ରଚାର ମୋଡ୍‌ରେ ରହୁଛନ୍ତି ଏବଂ ଏହା ଦୁର୍ନୀତିକୁ ପ୍ରୋତ୍ସାହିତ କରୁଛି। ତେବେ ସମାଲୋଚକମାନଙ୍କ ଯୁକ୍ତି ହେଉଛି ଏହାଦ୍ୱାରା ଆଞ୍ଚଳିକ ଦଳ ଓ ରାଜ୍ୟ ରାଜନୀତିକୁ ପ୍ରଭାବିତ କରି କେନ୍ଦ୍ର ସରକାର କ୍ଷମତାର ସମ୍ଭାବ୍ୟ ଅପବ୍ୟବହାର କରିପାରନ୍ତି। ସଂଘୀୟ ବ୍ୟବସ୍ଥାକୁ ଚୂରମାର କରି କେନ୍ଦ୍ରୀୟ କ୍ଷମତାରେ ସରକାର ଦୀର୍ଘାୟୁ ହବାର ପ୍ରୟାସ କରିପାରନ୍ତ। ଏକକ ନିର୍ବାଚନରୁ ସୁଫଳ ପାଇବା ଖାଲି ଆର୍ଥିକ ଦୃଷ୍ଟିରୁ ତରବରିଆ ସିଦ୍ଧାନ୍ତ ନେବା ଠିକ୍ ନୁହେଁ। ୪୬% ଦାଗୀ ନେତା ଓ ୨୫% ଅତି ଗର୍ହିତ ଅପରାଧୀଙ୍କୁ ଆଇନ ପ୍ରଣୟକ ଅଭିନୟରୁ ଦୂରେଇରଖିବା ପ୍ରୟାସ ମଧ୍ୟ ହେବା ଉଚିତ।

ସମ୍ଭାବ୍ୟ ଫାଇଦା ସତ୍ତ୍ୱେ ଏହି ପ୍ରସ୍ତାବକୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଏକକାଳୀନ ନିର୍ବାଚନ କାର୍ଯ୍ୟକାରୀ କରିବା ପାଇଁ ସାମ୍ବିଧାନିକ ସଂଶୋଧନ, ସଂସଦରେ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଏବଂ ଅତିକମ୍‌ରେ ଅଧା ରାଜ୍ୟର ଅନୁମୋଦନ ଆବଶ୍ୟକ। ୮୩, ୮୫(୨)(ବି), ୧୭୪(୨)(ବି), ୩୫୬ ଓ ୭୫(୩) ସମେତ ପ୍ରମୁଖ ଧାରାରେ ସଂଶୋଧନ ସହ ଜନପ୍ରତିନିଧି ଆଇନ, ୧୯୫୧ରେ ପରିବର୍ତ୍ତନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପର୍ଯ୍ୟାପ୍ତ ଇଲେକ୍ଟ୍ରୋନିକ ଭୋଟିଂ ମେଶିନ୍ (ଇଭିଏମ୍) ଓ ଭୋଟର ଭେରିଫାଏବଲ ପେପର ଅଡିଟ୍ ଟ୍ରେଲ (ଭିଭିପାଟ୍)ର ଯେଉଁ ଅଭାବ ରହିବ, ତାକୁ ପୂରଣ କରିବାକୁ ଯାଇ ଲୋକଙ୍କ ଅର୍ଥ ସହ ସରକାର ଖେଳିବେ, ଦୁର୍ନୀତି ବଢ଼ିବ। କୌଶଳୀ ପରିଚାଳକଙ୍କ ଉପଲବ୍ଧତା, ପୋଲିଂ ଓ ସୁରକ୍ଷା କର୍ମୀ ସୁନିଶ୍ଚିତ କରିବା ଜଟିଳତାକୁ ଆହୁରି ବଢ଼ାଇବ ବୋଲି ବିରୋଧୀ ଅନୁମାନ କରନ୍ତି। ଡିଜିଟାଲ ଇଣ୍ଡିଆର ନାରା ଦେଉଥିବା ସରକାର କାହିଁକି ଯେ ନିର୍ବାଚନକୁ ଡିଜିଟାଲ କରୁନାହାନ୍ତି, ସେଇ କଥାଟା ଦେଶର ବୁଦ୍ଧିଜୀବୀମାନଙ୍କ ହଜମ ହେଇପାରୁନି। ସମସ୍ତଙ୍କ ପାଇଁ ଆଧାର କାର୍ଡ ଆଉ ମୋବାଇଲ ନମ୍ବର ବାଧ୍ୟତାମୂଳକ କରିବା ପରେ ସରକାର କାହିଁକି ମୋବାଇଲ ଭୋଟିଂ କରୁନାହାନ୍ତି। ନେତା ନୋମିନେଶନକୁ ମଧ୍ୟ ଡିଜିଟାଲ କରିବା ଜରୁରୀ ଆଉ ସମୁଦାୟ ନିର୍ବାଚନ ପଦ୍ଧତି ମାତ୍ର ୭ ଦିନ ଭିତରେ ସରିବା ଜରୁରୀ। ତେବେ ପଇସା, ମଦ, ମଞ୍ଚବନ୍ଧା, ମୂଲଚାଲକୁ ନ ଦେଖି ଲୋକ ଭୋଟ ଦିଅନ୍ତେ ଘରେ ରହି। କାମ କରିଥିବା ନେତା ନିର୍ବାଚନର ବହୁପୂର୍ବରୁ ଲୋକଙ୍କ ନିକଟତର ହବା ଚେଷ୍ଟା କରନ୍ତେ। ବିଶ୍ୱର ପ୍ରମୁଖ ଗଣତନ୍ତ୍ର ବିଶ୍ୱକୁ ଗବାକ୍ଷ ହେଲେ ଅସୁବିଧା କେଉଁଠି ? କେମିତି ହୁଅନ୍ତା ଯଦି ପାଖାପାଖି ଶହେ ପ୍ରତିଶତ ପୋଲିଂ ହୁଅନ୍ତା ଆଉ ଧାଡ଼ିରେ ଛିଡ଼ା ହୋଇ ଭୋଟ ଦବା ଧୈର୍ଯ୍ୟ ନଥିବା ବାବୁମାନଙ୍କୁ ଖସିଯିବାର ବାହାନା ମିଳନ୍ତାନି!

ଡାକ ବଙ୍ଗଳା ଛକ, ପୁରୁଣା ଭୁବନେଶ୍ୱର,
ମୋ: ୮୨୪୯୮୨୭୧୪୮

# ହାରିଲି କେତେ ଜିତିଲି କେତେ



ସଂଗ୍ରାମ କେଶରୀ ପୃଷ୍ଟି

ଜୀବନଟା ଗୋଟେ ଅଡୁଆ ସୂତାର ଖିଅ। କେତେବେଳେ କେମିତି ସେଥିରେ ସେ ନିଜ ଅଜାଣତରେ ଛନ୍ଦି ହୋଇଯାଏ ଯେ ସେଥିରୁ ମୁକୁଳିବା ମୁସ୍କିଲ ହୋଇପଡେ। ସେତେବେଳେ ଭାରି ଆକ୍ରାମାକ୍ରା ଲାଗେ ଜୀବନ। ଅଣନିଃଶ୍ୱାସୀ ମନେହୁଏ ଏକଲାପଣ। ମନେହୁଏ, ସତେଯେମିତି ଦୁନିଆର ଯାବତୀୟ ଦୁଃଖତକ ଭଗବାନ କେବଳ ତା' ମୁଣ୍ଡରେ ହିଁ ଲଦି ଦେଇଛନ୍ତି। ଏଣୁ ବିଚରା ମଣିଷ ଚେଷ୍ଟା କରେ ଦୁଃଖ ସହିତ ଯୁଝିବା ପାଇଁ। ପାରୁ ପର୍ଯ୍ୟନ୍ତ ଜାରିରଖେ ତା' ଲଢେଇ। ସଂଘର୍ଷ ଭିତରେ ଶେଷରେ ପାଇଯାଏ ସଫଳତା। ଶେଷକୁ ସେ ଅଡୁଆ ଭିତରୁ ମୁକୁଳି ଆସିବାକୁ ସମର୍ଥ ହୁଏ। ଏହା ହିଁ ତ ଜୀବନ। ଏଥିରେ ତ ନିହିତ ଥାଏ ସଫଳ ହେବାର ରାହା ଟିକକ। ଆଉ ତା' ସହିତ ବଞ୍ଚିବାର ଆବେଗ।

ଦୁଃଖ ତ ସମସ୍ତେ ଦେଇଜାଣନ୍ତି। କିନ୍ତୁ ଖୁସି ଦେଇପାରୁଛି କିଏ ! ଆମ ପାଖରେ ଖୁସି ବାଣ୍ଟିବାର ସମ୍ବଳ ଥାଇ ସୁଦ୍ଧା ସେଥିରେ ଆମର ଥାଏ କାର୍ପଣ୍ୟଭାବ। କାହିଁକିନା ଅନ୍ୟର ଖୁସି ହିଁ ଆମ ପାଇଁ ସାଜିଥାଏ ଈର୍ଷାର କାରଣ। ଅଧିକାଂଶ ମଣିଷଙ୍କ ପ୍ରକୃତି ଏୟା ଯେ ଏ ଦୁନିଆରେ କେବଳ ସେମାନେ ହିଁ ଖୁସିରେ ରୁହନ୍ତୁ। ଅନ୍ୟମାନଙ୍କ ଖୁସି ସହିତ ମୋର ବା ସମ୍ପର୍କ କ'ଣ ! ଏଇ ଭାବଧାରା ଟିକକ ମଣିଷକୁ ଏମିତି କବଳିତ କରି ରଖିଛି ଯେ ସେ ଚାହିଁଲେ ବି ଏଥିରୁ ମୁକୁଳି ପାରୁନି। ତେବେ ବାସ୍ତବତା ଏଇଆ ଯେ ଅନ୍ୟକୁ ଖୁସି ଟିକିଏ ଦେଇପାରିଲେ ସାର୍ଥକ ହୁଏ ଜୀବନ। ମିଳିଥାଏ ପ୍ରଚୁର ଆତ୍ମସନ୍ତୋଷ।

ଅନେକ କ୍ଷେତ୍ରରେ ମଣିଷ ସ୍ୱାର୍ଥ ଟିକକ ପାଇଁ ଅନ୍ୟ ସହିତ ଝଗଡ଼ା କରି ବସେ। ମତାନ୍ତରରୁ ହୁଏ ମନାନ୍ତର। ସମ୍ପର୍କ ଭଙ୍ଗା ପଡିଯାଏ। ବନ୍ଦ ହୋଇଯାଏ କଥାବାର୍ତ୍ତା। ଘଟଣା ବୋହିଯାଏ ପାଣିପରି, କିନ୍ତୁ କଥାଟାକୁ ଜାବୁଡ଼ି ଧରିଥିବା କାରଣରୁ ପୂର୍ବର ସେ ମଧୁର ସମ୍ପର୍କ ଆଉ ଫେରିପାଏନା। ଗାଳିଗୁଲଜ କରି ତା' ଚଉଦ ପୁରୁଷ ଉଭେଇଥିବା ଖୁସିରେ ଭାବବିହ୍ୱଳ ହୋଇପଡ଼ିଥିବା ମଣିଷଟି ସମ୍ପର୍କ ତୁଟାଇପାରି ଜିତିବାର ଗର୍ବ ଅନୁଭବ କରୁଥାଏ ସତ, କିନ୍ତୁ ପରୋକ୍ଷରେ ସେ ହାରିଯାଇଥାଏ ଦୁନିଆ ଆଖିରେ। ହାରି ଯାଇଥାଏ ବିବେକ ପାଖରେ। ଭାଇ ସହିତ ଲଢ଼େଇ କରି ହଣାକଟା କରି ଭାଇ ଭାଗରୁ ଅଧିକ ସମ୍ପତ୍ତି ଲୁଟି ନେଇଥିବା ସାନଭାଇ ଜିତିଗଲା ବୋଲି ଖୁସିରେ ସିନା ଆତ୍ମବିଭୋର ହୋଇପଡିଥାଏ, ହେଲେ ରକ୍ତ ପାଖରେ ହାରିଯାଇଥାଏ ସେ।

କୋଟି କୋଟି ଟଙ୍କା ରୋଜଗାର କରୁଥିବା ଜଣେ ଅଫିସର ହାଟ ବଜାରରୁ ବାଇଗଣ କିଲେ କିଣି ତିରିଶ ଟଙ୍କା ବଦଳରେ କୋଡ଼ିଏ ଟଙ୍କା ଦେଇଥିଲେ। ଶସ୍ତାରେ ବୁଢ଼ୀ ମାଉସୀଠୁ ବାଇଗଣ ହାତେଇ ଥିବାରୁ ବିଜୟ ସୈନିକ ପରି ଜଣାପଡୁଥିଲେ। କିନ୍ତୁ ପ୍ରକୃତରେ ସେ ହାରିଯାଇଥିଲେ ମଣିଷପଣିଆଠାରୁ। ଅଫିସରେ ସତ୍ କାମକରି ଅସତ୍ ଉପାୟରେ ହିତାଧିକାରୀଙ୍କଠାରୁ ଦିନ ଦ୍ୱିପ୍ରହରରେ ଲାଞ୍ଚ ନେଉଥିବା କିରାଣି କି ବାବୁଜଣକ ସେଦିନ ଜିତିଯାଇଥିଲେ ବୋଲି ସିନା ଗର୍ବ ଅନୁଭବ କରୁଥିଲେ କିନ୍ତୁ ସେ ବିବେକ ପାଖରେ ହାରି ଯାଇଥିଲେ।



ସେଦିନ ଏକ ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନରୁ ସମ୍ମାନିତ ହୋଇଥିବା ଖୁସିରେ ଗର୍ବରେ ପାଦ ତଳେ ଲାଗୁ ନ ଥିଲା ନୂଆ ନୂଆ କବିତା ଲେଖୁଥିବା ଜଣେ କବିଙ୍କର। ଖୁସିରେ ବେଶ୍ କୁଣ୍ଢେମୋଟ ହୋଇଯାଉଥିଲା ତାଙ୍କ ଛାତି। ଚାରିଆଡୁ ତାଙ୍କ ପାଖକୁ ଛୁଟୁଥିଲା ଶୁଭେଚ୍ଛାର ସୁଅ। ଏକ ବିଜୟୀ ସୈନିକ ପରି ସେ ମାନପତ୍ରକୁ ବୁଲି ବୁଲି ସମସ୍ତଙ୍କୁ ଦେଖାଉଥିଲେ। ସ୍ୱାମୀଙ୍କ ପ୍ରତିଭାକୁ ମନେମନେ ପ୍ରଶଂସା କରି ବସିଥିବା ସ୍ତ୍ରୀ ଆଗରେ କବି ସତଟା ଉଗାଳିଦେଲେ - ଆହେ ମାନପତ୍ରଟା ଟିକେ ଯତ୍ନରେ ରଖିବ। ଏଥିପାଇଁ ମୋତେ ପାଞ୍ଚ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡିଛି!

କଳିଙ୍ଗ ଯୁଦ୍ଧରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ବିନିମୟରେ ବିଜୟ ହାସଲ କରିଥିବା ସମ୍ରାଟ ଅଶୋକ ସତରେ କ'ଣ ଜିତିପାରିଥିଲେ! ନା ଜିତିବାର ଛଳନା କରିଥିଲେ। ଜିତିବାର ପରବର୍ତ୍ତୀ ମୁହୂର୍ତ୍ତରେ ସେ ଯେଉଁ ବିଜୟ ଉତ୍ସବ ପାଳନ କରିଥିଲେ, ସେଇଠି ହିଁ ସେ ହୃଦୟଙ୍ଗମ କରିଥିଲେ ଜିତିବାର ସଂଜ୍ଞା ଓ ସ୍ୱରୂପ। ଉପଲବ୍ଧି କରିପାରିଥିଲେ ସେ, ତରବାରିର ଜୟ ପ୍ରକୃତ ଜୟ ନୁହେଁ, ସ୍ନେହ ଓ ପ୍ରେମ ଦ୍ୱାରା ଅନ୍ୟ ହୃଦୟକୁ ଜୟ କରିବା ହିଁ ପ୍ରକୃତ ବିଜୟ। ସୁତରାଂ ସେ ଫିଙ୍ଗି ଦେଇଥିଲେ ତରବାରି। ପାଲଟି ଯାଇଥିଲେ ଚଣ୍ଡାଶୋକରୁ ଧର୍ମାଶୋକ।

ଭରା କୁରୁସଭାରେ କୌରବମାନେ କରିଥିଲେ ସତୀ ସାଧ୍ୱୀ ଦ୍ରୌପଦୀଙ୍କ ବସ୍ତ୍ର ହରଣ। ଭାବିଥିଲେ ଜିତିଯାଇଥିଲେ ସେମାନେ। ହେଲେ ନା, ଏହା ଥିଲା ପ୍ରତିହିଂସାର ଜୟ। ଅନ୍ଧ ଅହମିକାର ଜୟ। ଶାନ୍ତି ଓ ମମତାର ଜୟର ସତ୍ତା ସୁଦ୍ଧା ଏଥିରେ ନ ଥିଲା। ଗାନ୍ଧୀଙ୍କ ଜୟ ଥିଲା ସତ୍ୟ, ଅହିଂସା, ଧର୍ମ ଓ ନ୍ୟାୟର ଜୟ, ଯାହା ଆଗରେ ଶକ୍ତିଶାଳୀ ଇଂରେଜ ସରକାର ମୁଣ୍ଡ ନୁଆଇଁବାକୁ ବାଧ ହୋଇଥିଲା। ଜିତିବାର ଖୁସି ଖାଲି ବିହ୍ୱଳ କରେନାହିଁ ବରଂ ଏହା ଶିରାପ୍ରଶିରାରେ ସ୍ପନ୍ଦନ ଖେଳାଇଦିଏ। ଉତ୍ସାହ ଓ ଆନନ୍ଦ ପ୍ରଦାନ କରେ। ଗୋଟିଏ ପରେ ଗୋଟିଏ ସଫଳତା ପାଇବାର ମାର୍ଗ ଉନ୍ମୋଚନ କରେ।

ମିଛକୁ ମୋହରା କରି ସତକୁ ଜିଣୁଥିବା ମଣିଷ ଜିତିବାର ଖୁସି ଜାହିର କରିପାରେ ସିନା ଅନୁଭବ କରିପାରି ନ ଥାଏ। ମିଛକୁ ଥୋପ ପକାଇ ଜିତିବାକୁ ଜିଦ୍ ଧରିଥିବା ମଣିଷର ଜୟଜୟକାର ଧ୍ୱନି ହୃଦୟରୁ ନୁହେଁ କେବଳ ମୁଖରୁ ହିଁ ଉଚ୍ଚାରିତ ହୋଇଥାଏ। ଯେଉଁଠି ବିଜୟ ଆତ୍ମସନ୍ତୋଷ ଦେଇପାରେନି ସେଠି ଭୋଗିବାକୁ ହୋଇଥାଏ ପରାଜୟର ଗ୍ଲାନି। ସୁତରାଂ ଏହି ମିଛ ବିଜୟର ସାର୍ଥକତା ଆଉ କେଉଁଠି ଯେ! ସନ୍ତୋଷ ଯେଉଁଠି ଆତ୍ମଗୋପନ କରେ, ଖୁସି ଯେଉଁଠି ପ୍ରହେଳିକା ପାଲଟେ ସେଠି ଜିତିବା ଏକ ବିଡ଼ମ୍ବନା ମାତ୍ର। ଏଣୁ ମିଛ ଓ ଅନ୍ୟାୟରେ ଜିତିବାକୁ ପଛରେ ପକାଇ ସତ ଓ ନ୍ୟାୟରେ ହାରିବାରେ ହିଁ ପ୍ରକୃତ ମାନବୀୟ ଚେତନାର ଉତ୍ତରଣ ବୋଲି କୁହାଯାଇପାରେ। କର୍ମ ପ୍ରତି ନିଷ୍ଠା ଓ ଆନ୍ତରିକତା ସହିତ ଏକ ଉତ୍ସର୍ଗୀକୃତ ଭାବନା ହିଁ ଆମକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ପାରିବ।

ଶିକ୍ଷକ, କିଶୋରନଗର ଉଚ୍ଚ ବିଦ୍ୟାଳୟ
ରାଜ କିଶୋରନଗର, ଅନୁଗୋଳ,
ମୋ: ୯୪୩୭୫୪୭୧୪୬

## ଏଇ ଭାରତରେ

ଚାକିରି ନ କରି ମୋତି ଚାଷରେ ସଫଳତା ପାଇବା ଇଞ୍ଜିନିୟର ଗୌରବ ପଟେଲଙ୍କ ପାଇଁ ଏକ ଭିନ୍ନ ଅନୁଭବ। ଜୀବନରେ ନିଷ୍ଠା ଓ କଠିନ ପରିଶ୍ରମ ସଫଳତାର ବାଟ କଢ଼ାଇନିଏ, ତାହା ମଧ୍ୟ ସେ ପ୍ରମାଣିତ କରିଛନ୍ତି। ଗୌରବଙ୍କ ବୟସ ୩୦। ସେ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ସରକାରୀ ଚାକିରି କରିବା ଲାଗି ଆଗକୁ ବଢ଼ିଥିଲେ। ଏଥିପାଇଁ ସେ ଦିଲ୍ଲୀରେ କୋଚିଂ ନେଉଥିଲେ। ଅନେକ ଥର ପ୍ରୟାସ କରି ଚାକିରି ପାଇବା ପାଇଁ ବିଫଳ ହେବା ପରେ ସେ ରାଜସ୍ଥାନ ଫେରି ଆସିଥିଲେ। ସ୍ୱାବଲମ୍ବୀ ହେବା ଲାଗି ସେ ମୋତି ଚାଷ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଜଣେ ଇଞ୍ଜିନିୟରଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ଭିନ୍ନ ଥିଲେ ମଧ୍ୟ ସେ ଏଥିରୁ ଓହରି ନ ଥିଲେ। ଗୌରବ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫ୍ରେଶ ୱାଟର ଆକ୍ୱାକଲଚରରୁ ପ୍ରଶିକ୍ଷଣ ନେବା ପରେ ମୋତି ଚାଷ ଆରମ୍ଭ କରିଥିଲେ। ଚାଷରେ ସେ ପ୍ରଥମେ ୨୧ ଲକ୍ଷ ଟଙ୍କା ନିବେଶ କରିଥିଲେ। ୧୫୦ ଫୁଟ ଲମ୍ବ ଓ ୮୦ ଫୁଟ ଚଉଡ଼ାର ଏକ ପୋଖରୀ ଖୋଳିଥିଲେ ଏବଂ ସେଥିରେ ୧.୫ ଲକ୍ଷ ଶାମୁକା ଛାଡ଼ିଥିଲେ। ପାଖାପାଖି ଦୁଇ ବର୍ଷ ପରେ ଶାମୁକାରୁ ପାଇଥିବା ମୋତି ସଂଗ୍ରହ କରିଥିଲେ। ଏହାକୁ ବିକ୍ରି କରି ସେ ୮୦ ଲକ୍ଷ ଟଙ୍କା ଲାଭ ପାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଡିସେମ୍ବର ୧୯୭୫

- ରାଜ୍ୟର ଆଦିବାସୀ ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ୯ କୋଟି ଟଙ୍କା ଦେବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି।
- ଦୁର୍ଘଟଣାରେ ୨୫ ଜଣ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ସଭ୍ୟ ଓ ସମର୍ଥକଙ୍କ କମ୍ୟୁନିଷ୍ଟ ପାର୍ଟିରେ ଯୋଗଦାନ।
- କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ପାଣ୍ଠିକୁ କମ୍ପାନୀ ଆଇନର ୩ ଧାରା ଅନୁଯାୟୀ ସ୍ୱୀକୃତି ପ୍ରଦାନ କରିଛନ୍ତି।

## ଚିରନ୍ତନୀ

ତାହାରି ସୀମନ୍ତ ଗାର
ଦିଶେ ଚକ୍ରବାଳେ
ଚିତା ସମ ଉଁଏ ତାର
ରବିଶଶି ଭାଲେ
-(ବ୍ୟବଧାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | 3 | | | 2 | | 4 |
| 8 | | 5 | | | | | | |
| | 3 | | | | 8 | 6 | | |
| | 6 | | | 4 | | | 5 | |
| 9 | | | | | 2 | | | |
| | | | | 5 | | 7 | | |
| | | | | | | | | 7 |
| | 9 | 1 | | | | 3 | | |
| | 2 | 7 | 1 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 9 | 7 | 4 | 3 | 5 | 2 | 8 |
| 5 | 8 | 4 | 6 | 2 | 1 | 9 | 7 | 3 |
| 7 | 2 | 3 | 5 | 8 | 9 | 6 | 1 | 4 |
| 4 | 3 | 8 | 1 | 9 | 7 | 2 | 6 | 5 |
| 2 | 9 | 1 | 8 | 6 | 5 | 3 | 4 | 7 |
| 6 | 7 | 5 | 2 | 3 | 4 | 1 | 8 | 9 |
| 9 | 5 | 2 | 4 | 7 | 6 | 8 | 3 | 1 |
| 3 | 4 | 6 | 9 | 1 | 8 | 7 | 5 | 2 |
| 8 | 1 | 7 | 3 | 5 | 2 | 4 | 9 | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପାନୀୟ ଜଳ ସଙ୍କଟ

ମହାଶୟ,

ସରକାର ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇଦେବା ପାଇଁ ଅନେକ ହଜାର କୋଟି ଟଙ୍କାର ଯୋଜନା କରିଛନ୍ତି। ଏହା ସତ୍ତ୍ୱେ ଖରାଦିନେ ଉତ୍କଟ ପାନୀୟ ଜଳାଭାବ ଏବଂ ବର୍ଷାଦିନରେ ଦୂଷିତ ବା ପ୍ରଦୂଷିତ ଜଳ ଦେଶରେ ମୁଖ୍ୟ ସଙ୍କଟ ଭାବେ ଉଭା ହୋଇଛି। ଦୂଷିତ ଜଳ ପିଇ ବାର୍ଷିକ ହଜାର ହଜାର ଲୋକ ମୃତ୍ୟୁବରଣ କରୁଥିବା ବେଳେ ସ୍ୱାସ୍ଥ୍ୟଗତ ସଙ୍କଟକୁ ଘନୀଭୂତ କରୁଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଭୂତଳ ଜଳସ୍ତର ୨ମିଟର ହ୍ରାସ ପାଇସାରିଲାଣି ; ଯାହାର ପରିଣତି ସ୍ୱରୂପ ନଳକୂପରୁ ପାଣି ବାହାରୁ ନାହିଁ। ଯେଉଁଠି ବି ପାଣି ବାହାରୁଛି, ତାହା ବ୍ୟବହାର ଉପଯୋଗୀ ହେଉ ନାହିଁ। ଜଳଶକ୍ତି ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ୨୫ଟି ରାଜ୍ୟର ୨୩୦ଟି ଜିଲାରେ ଭୂତଳ ଜଳରେ ଆର୍ସେନିକ ଠାବ ହୋଇଛି। ସେହିପରି ଅନେକ ଜିଲାରେ ଫ୍ଲୋରାଇଡ୍ ଥିବା ଜଣାପଡ଼ିଛି, । ଏହାକୁ ପାନକରି ଲୋକେ ଦାନ୍ତ, କିଡ୍‌ନୀ ରୋଗରେ ପୀଡ଼ିତ ହେଉଛନ୍ତି। ବିଶୁଦ୍ଧ ପାନୀୟ ଜଳଯୋଗାଣ କେବଳ ଭାରତ ପାଇଁ ନୁହେଁ, ସମଗ୍ର ବିଶ୍ୱରରେ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୨ରେ ମିଳିତ ଜାତିସଂଘର ସାଧାରଣ ପରିଷଦ ଜଳ ଓ ପରିମଳକୁ ମାନବ ଅଧିକାର ଭାବେ ସ୍ୱୀକୃତି ଦେଇଥିଲା। ଏଣୁ ବିଶୁଦ୍ଧ ଜଳଯୋଗାଣ ସୁନିଶ୍ଚିତ କରିବା ଜରୁରୀ।

- ସୌଭାଗ୍ୟ ରଂଜନ ମହାନ୍ତି, ଶିଶୁପାଳଗଡ଼, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପରିବାରକୁ ଭେଟିଲା ଭାଜପା, ବିଜେଡି ଟିମ୍

ଛତ୍ରପୁର,୨୭।୧୨
(ସନ୍ତୋଷ ପାଢ଼ୀ /ଦିଲୀପ ସାମଲ)

■ ଚାଷୀ ଆତ୍ମହତ୍ୟା ଘଟଣା।
■ ଆର୍ଥିକ ସହାୟତା ଦେଲେ ବିଧାୟକ, ଧର୍ଯ୍ୟ ଧରିବାକୁ ପରାମର୍ଶ


ଭାଜପା ପକ୍ଷରୁ ତଥ୍ୟ ସଂଗ୍ରହ

ଅଦିନିଆ ବର୍ଷାରେ ଧାନ ଫସଲ ବ୍ୟାପକ ଭାବେ କ୍ଷତି ହେବାରୁ ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ବଡ଼ମାଧପୁର ପଞ୍ଚାୟତ ବରଙ୍ଗ ଗ୍ରାମର ଚାଷୀ ବନମାଳୀ ପେଣ୍ଟେଇ ନିଜ ପାଇଖାନା ଘରେ ବେକରେ ଦଉଡ଼ି ଦେଇ ଗୁରୁବାର ଆତ୍ମହତ୍ୟା କରିଥିଲେ। ଶୁକ୍ରବାର ମୃତକଙ୍କ ପରିବାରକୁ ପୃଥକ ପୃଥକ ଭାବେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଟିମ୍ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଭେଟି ସମବେଦନା ଜଣାଇଛି। ପୂର୍ବାହ୍ନରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇ ନିଜ ହାତ ପାଣ୍ଠିରୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ଚାଷୀମାନେ ଧୈର୍ଯ୍ୟହରା ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଆପଣମାନଙ୍କ ସହ ସରକାର ଅଛନ୍ତି। ଚାଷୀଙ୍କୁ ସହାୟତା ପ୍ରଦାନ ସହ ଏଫ୍ଏକ୍ୟୁ ମାନ କୋହଳ କରାଯିବ। ଏନେଇ ଉଚ୍ଚସ୍ତରୀୟ ବୈଠକ ହେଉଛି ବୋଲି ବିଧାୟକ ନାୟକ କହିଥିଲେ। ସେ ଏହାର ତଦନ୍ତ କରିବାକୁ ଏବଂ ବନମାଳୀଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହାୟତା ପ୍ରଦାନ କରିବା ଲାଗି ଉପସ୍ଥିତ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଅପରାହ୍ନରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚାର ଏକ ଟିମ୍ ମୃତକଙ୍କ ପରିବାରକୁ ଭେଟି ତଥ୍ୟ ସଂଗ୍ରହ କରିଛନ୍ତି। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁଙ୍କ ସହ ରାଜ୍ୟ ସଂଯୋଜକ ଜଗଦୀଶ ମହାପାତ୍ର,ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ବରଙ୍ଗ ଗ୍ରାମକୁ ଯାଇ ବନମାଳୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଚାଷୀଙ୍କୁ ଧର୍ଯ୍ୟ ଧରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜସ୍ୱ ବିଭାଗ ଏବଂ କୃଷି ବିଭାଗ ଆକଳନ ଅନୁଯାୟୀ ଫସଲ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କହିଛନ୍ତି।

ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଶୁକ୍ରବାର ମୃତ ଚାଷୀ ବନମାଳୀଙ୍କ ପରିବାରଙ୍କୁ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଭେଟିଥିଲେ। ଏହି ଟିମ୍‌ରେ ଭୃଗୁ ବକ୍ସିପାତ୍ର, ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ଛତ୍ରପୁର ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା ଥିଲେ। ମୃତ ଚାଷୀଙ୍କ ପରିବାରଙ୍କୁ କ୍ଷତିପୂରଣ, ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଓ ଏଫ୍ଏକ୍ୟୁ ମାନ ନ ଦେଖି ସମସ୍ତ ଚାଷୀଙ୍କ ସବୁ ଧାନ କିଣିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି।

ସଂକ୍ଷେପରେ

## ଧାନ ଫସଲ ନଷ୍ଟ ନେଇ ଯୋଗାଣ ମନ୍ତ୍ରୀଙ୍କୁ ଜଣାଇଲେ ବିଧାୟକ

ପାରଳାଖେମୁଣ୍ଡି,୨୭।୧୨(ଗିରିଧାରୀ ପରିଛା)
ଅଦିନିଆ ବର୍ଷା ଯୋଗୁ ଗଜପତି ଜିଲାର ୭ଟି ଯାକ ବ୍ଲକରେ ବ୍ୟାପକ ପରିମାଣରେ ଧାନ, କପା ଓ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଛି। ଏନେଇ ଜିଲାର ଚାଷୀମାନେ ବିଭିନ୍ନ ସ୍ଥାନରେ ନିଜ ଅସନ୍ତୋଷ ପ୍ରକାଶ କରି ରାସ୍ତାରୋକୋ କରି ଆନ୍ଦୋଳନ କରିଛନ୍ତି। ଜିଲାପାଳଙ୍କୁ ମଧ ଜଣାଇଛନ୍ତି। ଶୁକ୍ରବାର ସ୍ଥାନୀୟ ବିଧାୟକ ଇଂ. ରୂପେଶ ପାଣିଗ୍ରାହୀ ଜିଲାର ବିଭିନ୍ନ ବ୍ଲକ ଗସ୍ତ କରି ଚାଷୀଙ୍କ ନିକଟରେ ପହଞ୍ଚି ଚାଷୀଙ୍କ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ଫୋନ କରି କଥା ହୋଇ ସମସ୍ୟା ଜଣାଇଛନ୍ତି। ଏହି ସମୟରେ ଜିଲା ପରିଷଦ ଅଧକ୍ଷ ଜି. ତିରୁପତି ରାଓ, କାଶୀନଗର ବ୍ଲକ ଅଧକ୍ଷା ବାଲା ସାଇଆମ୍ମା, ଗୋସାଣି ବ୍ଲକ ଅଧକ୍ଷ ଏସ. ଭିରରାଜୁ ଉପସ୍ଥିତ ଥିଲେ।

## ନେଟୱର୍କ, ରାସ୍ତା ସମସ୍ୟା ଜିଲାପାଳଙ୍କୁ ଅବଗତ କଲେ ଗ୍ରାମବାସୀ

ଖଜୁରୀପଡ଼ା,୨୭।୧୨ (ବିଦୁର ବେହେରା)
କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ବିଲାବାଡ଼ି ପଞ୍ଚାୟତର ନେଟୱର୍କ ଏବଂ ରାସ୍ତା ସମସ୍ୟା ଲାଗିରହିଛି। ଫଳରେ ପଞ୍ଚାୟତବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତ ଘଞ୍ଚ ଜଙ୍ଗଲ ଭିତରେ ଥିବାରୁ ଏଠାକୁ ଯିବାକୁ ହେଲେ ବଣ ପାହାଡ଼ ଡେଇଁ ପଥୁରିଆ ଚଲା ବାଟରେ ଯିବାକୁ ପଡ଼େ। ଦେଶ ସ୍ୱାଧୀନ ହେବାର ଦୀର୍ଘ ବର୍ଷ ପରେ ମଧ ଅଞ୍ଚଳର ବିକାଶ ହୋଇନାହିଁ। ସରପଞ୍ଚ ରବୀନ୍ଦ୍ର ଭୁକ୍ତାଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ଶୁକ୍ରବାର ଜିଲାପାଳଙ୍କୁ ଭେଟି ୨ ଦଫା ଦାବି ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମକୁ ରାସ୍ତା ନିର୍ମାଣ କରିବା ସହିତ ନେଟୱର୍କ ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ୪ଶହ କେଜି ମହୁଲ ଫୁଲ ସହ ଅଟୋ ଜବତ, ଜଣେ ଗିରଫ

ଦାରିଙ୍ଗବାଡ଼ି,୨୭।୧୨(ଅରୁଣ ସାହୁ)
ଦାରିଙ୍ଗବାଡ଼ି ଥାନା ବାଡ଼ାବାଙ୍ଗା ପଞ୍ଚାୟତ ଗଦଡ଼ି ଅଞ୍ଚଳରେ ବେଆଇନ ମହୁଲ ଫୁଲ ଚାଲାଣ ବେଳେ ଅବକାରୀ ବିଭାଗଏହାକୁ ଜବତ କରିଛି । ଏହାର ପରିମାଣ ୪ ଶହ କେଜି। ଏଥିରେ ସମ୍ପୃକ୍ତ ଅଟୋ ଚାଳକ ଶନିଦେବ ପ୍ରଧାନଙ୍କୁ ଗିରଫ କରାଯାଇଥିବା ବିଭାଗୀୟ ଓଆଇସି ପ୍ରକାଶ ଚନ୍ଦ୍ର ମଲିକ କହିଛନ୍ତି। ଏହା କୋଉଁଠୁ ଆସୁଥିଲା ଏବଂ କେଉଁଠିକୁ ଚାଲାଣ ହେଉଥିଲା ସେ ସମ୍ପର୍କରେ ତଦନ୍ତ ଚାଲିଥିବା ଓଆଇସି କହିଛନ୍ତି। ପ୍ରକାଶ ଯେ, ଅଟୋ ନଂ (ଓଡି ୧୨ -୨୩୮୯) ସିମନବାଡ଼ିରୁ ବାଡ଼ାବାଙ୍ଗା ଅଭିମୁଖେ ଯାଉଥିଲା। ସେହି ରାସ୍ତାରେ ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିଲା। ସନ୍ଦେହ ହେବାରୁ ଅଟୋକୁ ଯାଞ୍ଚ କରିବା ବେଳେ ସେଥିରେ ମହୁଲ ଫୁଲ ମିଳିଥିଲା। ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି।

# ବାଛୁରୀକୁ ଖାଇଦେଲା ହେଟା

ଭଞ୍ଜନଗର,୨୭।୧୨(ବାବୁଲା ପ୍ରଧାନ):
ଭଞ୍ଜନଗର ସହରତଳି ଛେଦାଭୂମିରେ ଗୁରୁବାର ରାତିରେ ହେଟାବାଘ ଗୋଟିଏ ବାଛୁରୀକୁ ମାରି ଖାଇଛି। ବାଛୁରୀ ମାଲିକ ବଳରାମ ଗୌଡ ଶୁକ୍ରବାର ଏହା ଜାଣିବା ପରେ ବନ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ବନ କର୍ମଚାରୀମାନେ ସେଠାରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ପ୍ରକାଶ ଯେ, ବଳରାମଙ୍କ ଏକ ଗାଈ କୁଆଁର ଅଛି। ସେ ଗୁରୁବାର ସନ୍ଧ୍ୟାରେ ଶ୍ରୀଅରବିନ୍ଦ ଶକ୍ତିପୀଠ ଆଶ୍ରମ ପଛପଟେ ଗାଈ କୁଆଁର ବାନ୍ଧି ଘରକୁ ଯାଇଥିଲେ। ଶୁକ୍ରବାର ଭୋରରେ ସେ ଆସି ଦେଖିବା ବେଳକୁ ଗୋଟିଏ ବାଛୁରୀ ନ ଥିଲା। ବାଛୁରୀଙ୍କୁ ଘେରାଉ କରି ରଖାଯାଇଥିବା ବାଉଁଶ ବାଡ ଭାଙ୍ଗିଯାଇଥିଲା। ବଳରାମ ଖୋଜାଖୋଜି କରିବା ପରେ କିଛି ଦୂରରେ ଏକ ବୁଦା ମଧ୍ୟରେ ବାଛୁରୀ ଗୋଡ ଓ ଚମଡ଼ା ପଡ଼ିଥିବା ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ଏ ନେଇ ଡିଏଫଓ ହିମାଂଶୁ ଶେଖର ମହାନ୍ତିଙ୍କ ସହ ଯୋଗାଯୋଗ କରିବାରୁ ହେଟାବାଘ ସମେତ ଆଉ କିଛି ବନ୍ୟପ୍ରାଣୀଙ୍କ ମିଳିତ ଆକ୍ରମଣରେ ବାଛୁରୀ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡ଼ିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ୮ ମାସ ପୂର୍ବେ ଏଭଳି ଏକ ବାଛୁରୀ କିଏ ଖାଇ ଦେଇଥିଲେ ମଧ ପ୍ରମାଣ ନାହିଁ କହି ବନ କର୍ମଚାରୀମାନେ ସେ ସମୟରେ ଘଟଣାକୁ ଚାପି ଦେଇଥିଲେ। ଅନ୍ୟପଟେ କିଛି ଦିନ ହେବ ତାରସିଂ, ଜଗନ୍ନାଥପ୍ରସାଦ ସମେତ ଅନ୍ୟ ରେଞ୍ଜରେ ବନ୍ୟପ୍ରାଣୀ ଶିକାର ବଢୁଥିବା ଲକ୍ଷ୍ୟ କରାଯାଉଛି । ଆଗକୁ ନୂଆବର୍ଷ। ତେଣୁ ଜଙ୍ଗଲ ମାଂସ ଲୋଭରେ ଶିକାର ବଢ଼ିବା ସମ୍ଭାବନା ରହିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।


ଶ୍ରୀଅରବିନ୍ଦ ଶକ୍ତିପୀଠ ଆଶ୍ରମ ପଛପଟେ ପଡିଥିବା ବାଛୁରୀର ଗୋଡ଼ ଓ ଅନ୍ୟ ଅଂଶ।

## ମୃତ ଚାଷୀଙ୍କ ପରିବାରକୁ ଭେଟିଲେ ଏଡିଏମ୍

ଛତ୍ରପୁର,୨୭।୧୨
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):
ଛତ୍ରପୁର ବ୍ଲକ ବଡମାଧପୁର ପଞ୍ଚାୟତ ବରଙ୍ଗ ଗାଁର ଚାଷୀ ବନମାଳୀ ପେଣ୍ଟେଇ ଅଦିନିଆ ବର୍ଷାରେ ହୋଇଥିବା ଫସଲ କ୍ଷତିକୁ ସହ୍ୟ କରି ନ ପାରି ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଶୁକ୍ରବାର ଅତିରିକ୍ତ ଜିଲାପାଳ ଶୀତାଂଶୁ କୁମାର ଭୋଇ, ଛତ୍ରପୁର ଉପଜିଲାପାଳ ଦେବବ୍ରତ ମହାନ୍ତ, ଜିଲା କୃଷି ଅଧିକାରୀ, ବ୍ଲକ କୃଷି ଅଧିକାରୀ, ବିଡ଼ିଓ ଏବଂ ପୋଲିସ ଅଧିକାରୀମାନେ ମୃତ ଚାଷୀ ବନମାଳୀଙ୍କ ପରିବାରକୁ ଭେଟି ସମସ୍ତ ତଥ୍ୟ ପଚାରି ବୁଝିଛନ୍ତି। ଉକ୍ତ ପରିବାରକୁ କ୍ଷତିପୂରଣ ସହ ଏଫଏକ୍ୟୁ ମାନ କୋହଳ କରି ଯଥାଶୀଘ୍ର ଧାନ ନେବା ଏବଂ ସମସ୍ତ ଚାଷୀଙ୍କୁ କ୍ଷତିପୂରଣ ସହ ଋଣଛାଡ କରିବାକୁ ଜନ ପ୍ରତିନିଧି ଓ ଚାଷୀ ସଙ୍ଗଠନ ପକ୍ଷରୁ ଏଡିଏମଙ୍କ ନିକଟରେ ଦାବି କରାଯାଇଛି। ଏଥିସହ ରବି ଫସଲ ପାଇଁ ମାଗଣାରେ ବିହନ ଯୋଗାଇବା ପାଇଁ ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ସରପଞ୍ଚ ଅର୍ଚ୍ଚନା କୁମାରୀ ସେଠୀ, ଉପାଧକ୍ଷା ସାଡି ଶାରଦା ରେଢ୍ଡୀ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଏସ କିଶୋର ଚନ୍ଦ୍ର ରେଢ୍ଡୀ, ଚାଷୀ ନେତା ସୀମାଞ୍ଚଳ ନାହାକ, ମହେଶ୍ୱର ପ୍ରଧାନ, ଶିବ ଶଙ୍କର ସେଠୀ ପ୍ରମୁଖ ଦାବି କରିଛନ୍ତି।

## ଫସଲ ସ୍ଥିତି ଅନୁଧ୍ୟାନ କଲେ ତହସିଲଦାର

ଚିକିଟି,୨୭।୧୨(ପ୍ରକାଶ ଚନ୍ଦ୍ର ସାହୁ): ଅଦିନିଆ ବର୍ଷା ଯୋଗୁ ଚିକିଟି ତହସିଲ ଅଧିନସ୍ଥ ୧୭ଟି ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରେ ବ୍ୟାପକ ପରିମାଣରେ ଧାନଫସଲ ନଷ୍ଟ ହୋଇଛି। କେତେଜଣ ଚାଷୀ ଧାନ କାଟି ସାରିଥିବା ବେଳେ ଆଉ କେତେ ଚାଷୀଙ୍କ ଧାନ ଜମିରେ ଭିଜି ଗଜା ହୋଇ ସେଥିରୁ ଗଜା ବାହାରିଲାଣି ଏହାକୁ ନେଇ ଚାଷୀ ମୁଣ୍ଡରେ ହାତ ଦେଇ ଚିନ୍ତାରେ ବସିଛନ୍ତି । ଏ ନେଇ ବାରମ୍ବାର ଖବର ପ୍ରସାର ହେବାପରେ ଗତ ୩ ଦିନ ଧରି ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହର ଏବଂ ଏକ ଟିମ ସମସ୍ତ ଅଞ୍ଚଳକୁ ଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିବା ସହ ଧାନ ବିଲ ଗୁଡିକ ବୁଲି ଦେଖିଛନ୍ତି। ସମସ୍ତ କ୍ଷୟ କ୍ଷତି ଆକଳନ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ବ୍ଲକରେ ୯୮୭୦ ହେକ୍ଟର ଧାନ ଚାଷ ହୋଇଥିଲା । ସେଥିମଧ୍ୟରୁ ୮୫ପ୍ରତିଶତ କ୍ଷତିଗ୍ରସ୍ତ ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି।

## ବ୍ରାହ୍ମଣୀଗାଁରେ ନେଟୱର୍କ ଅଚଳ, ହନ୍ତସନ୍ତ ଲୋକେ



ଦାରିଙ୍ଗବାଡ଼ି /ବ୍ରାହ୍ମଣୀଗାଁ,୨୭/୧୨(ଅରୁଣ ସାହୁ /ମନୋରଞ୍ଜନ ରଣା)
ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳ ବ୍ରାହ୍ମଣୀଗାଁରେ ନେଟୱାର୍କ ଅଚଳ ପାଇଁ ସରକାରୀ ଓ ବେସରକାରୀ କାର୍ଯ୍ୟରେ ବାଧା ସୃଷ୍ଟିହୋଇଛି। ସରକାର ଏବେ ସୁଭଦ୍ରା ଯୋଜନା ପାଇଁ ହିତାଧିକାରୀଙ୍କୁ ଅନୁଦାନ ପ୍ରଦାନ କରୁଥିବା ବେଳେ ଏଥିପାଇଁ ବ୍ୟାଙ୍କରେ ଇ-କେୱାଇସି କରିବାକୁ ପଡୁଛି। ସେହିପରି ସାଧାରଣ ବଣ୍ଟନ ଚାଉଳ ମିଳୁଥିବା ହିତାଧିକାରୀ ଇ-କେୱାଇସି କରିବା ବାଧ୍ୟତାମୂଳକ ଓ ଏହା ସମୟସୀମା ମଧ୍ୟରେ ସାରିବାକୁ ସରକାର ଗୁରୁତ୍ୱ ଦେଉଥିବା ବେଳେ ବ୍ରାହ୍ମଣୀଗାଁରେ ଏକମାତ୍ର ନେଟୱାର୍କ ବିଏସ୍‌ଏନ୍‌ଏଲ ରହିଥିବା ବେଳେ ତାହା ବାରମ୍ବାର ଅଚଳ ହେବା ସହ ବହୁ ସମୟରେ ଏହା ଲୋକଙ୍କ କାର୍ଯ୍ୟରେ ଲାଗୁନାହିଁ। ଫଳରେ ଅଞ୍ଚଳରେ ଘରୋଇ କିମ୍ବା ଅନ୍ୟ ନେଟୱାର୍କର ବିକଳ୍ପ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି। ଦାରିଙ୍ଗବାଡ଼ି ବ୍ଲକ ହେଡକ୍ୱାଟର ଠାରୁ ବ୍ରାହ୍ମଣୀଗାଁ ସମେତ ୮ ପଞ୍ଚାୟତବାସୀ ବ୍ରାହ୍ମଣୀଗାଁ ଆସି ବ୍ୟାଙ୍କ, ଲ୍ୟାମ୍ପସକୁ ଇ-କେୱାଇସି କରିବାକୁ ଆସି ନିରାଶ ହୋଇ ଘରକୁ ଫେରିବା ସହ କୌଣସି କାର୍ଯ୍ୟ ସୁବିଧାରେ ହେଉନଥିବାରୁ ସରକାରୀ ଯୋଜନା ପାଇବାରୁ ବଞ୍ଚିତ ହେବା ସମ୍ଭାବନା ରହିଥିବା ନେଇ ଲୋକଙ୍କ ଚିନ୍ତା ବଢ଼ିଛି। ଗୋଟିଏ ପଟେ ଫିଙ୍ଗରପ୍ରିଣ୍ଟ ଦେଇ ଚାଉଳ ପାଇବାକୁ ରହିଥିବା ବେଳେ ହିତାଧିକାରୀ ନିଜ ଇ-କେୱାଇସି ସମ୍ପୂର୍ଣ୍ଣ ନ କରିପାରି ଚିନ୍ତାରେ ପଡିଛନ୍ତି। ବ୍ରାହ୍ମଣୀଗାଁ ସ୍ଥିତ ଥିବା ବୃହଦାକାର ବହୁମୁଖୀ ସମବାୟ ସମିତି ଲିଃ ଅଫିସ ସମ୍ମୁଖରେ ଇ-କେୱାଇସି କରିବା ପାଇଁ ଲୋକଙ୍କ ଗହଳି ଦେଖିବାକୁ ମିଳିଛି।

# ବାହାଡ଼ାପଦର ଟିମ୍‌କୁ ହରାଇଲା ପୋଲସରା

ଭଞ୍ଜନଗର,୨୭।୧୨(ବାବୁଲା ପ୍ରଧାନ)
ଭଞ୍ଜନଗର ବ୍ଲକ ମୁଜାଗଡ ମିନି ଷ୍ଟାଡିୟମ ଠାରେ ଶୁକ୍ରବାରଠାରୁ ପଞ୍ଚମ ଏମସିସି ଚାମ୍ପିୟନଶିପ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏହାକୁ ପୂର୍ବତନ ସରପଞ୍ଚ ତଥା ଜିଲା ପରିଷଦ ଏମ୍‌ପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଟୁର୍ନାମେଣ୍ଟରେ ମୋଟ ୮ ଟିମ ଭାଗ ନେଇଛନ୍ତି। ଉଦଘାଟନୀ ମ୍ୟାଚ ଡ୍ରିମ ଏକାଦଶ, ପୋଲସରା ଏବଂ ବାହାଡ଼ାପଦର ଟିମ୍ ମଧ୍ୟରେ ହୋଇଥିଲା। ବାହାଡ଼ାପଦରକୁ ୮ ଉଇକେଟରେ ହରାଇଥିଲା ପୋଲସରା ଟିମ୍ । ଦଳ ପକ୍ଷରୁ ମୋହନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଯୁବ ସଂଗଠକ ରାକେଶ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଟିମ ତରଫରୁ ବ୍ରଜବନ୍ଧୁ ସାହୁ ଓ ସୁମନ୍ତ ସାହୁ ମ୍ୟାଚ ପରିଚାଳନା କରିଥିବା ବେଳେ ଆଦିତ୍ୟ ବେହେରା, ଦୀପକ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

## ମୁଜାଗଡ଼ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ଡକାୟତି ମାମଲାରେ ଦୁଇଜଣଙ୍କୁ ୫ ବର୍ଷ ଜେଲ

ବାଲିଗୁଡ଼ା,୨୭।୧୨(ସଞ୍ଜୟ କୁମାର ପାଣିଗ୍ରାହୀ)
ଜଣେ ବ୍ୟବସାୟୀଙ୍କ ଘରେ ପଶି ୫ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଘରୁ ସୁନା, ରୁପା ଗହଣା ଓ ଟଙ୍କା ଲୁଟିଥିବା ମାମଲାର ବିଚାର କରି ୨ଜଣଙ୍କୁ ୫ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ଏନେଇ କେ.ରାମକୃଷ୍ଣ ପାତ୍ରଙ୍କ ଅଭିଯୋଗକ୍ରମେ ବାଲିଗୁଡ଼ା ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ଏଥିରେ ଜଡିତ ୪ ଜଣଙ୍କୁ ଗିରଫ ହୋଇଥିଲେ। ଡକାୟତି ଘଟଣାରେ ଥାନାଧିକାରୀ ଆଶୁତୋଷ ମିଶ୍ର ତଦନ୍ତ କରୁଥିବା ବେଳେ ସରକାରୀ ଏପିପି ସୁରେଶ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ। ବାଲିଗୁଡ଼ା ସହକାରୀ ଦୌରାଜଜ୍ ଅପୂର୍ବ ରାୟ ସାକ୍ଷ ପ୍ରମାଣକୁ ଭିତ୍ତି କରି ରାକେଶ ରୁଲୁ କୁମାର ନାୟକ ଓ ରଞ୍ଜିତ କୁମାର ନାୟକଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ଦେଇଥିଲେ ।

# ୩୦ ବଦଳରେ ଜାନୁଆରୀ ୭ରେ ଧାନମଣ୍ଡି

ଗଜପତି ଜିଲ୍ଲା

ପାରଳାଖେମୁଣ୍ଡି,୨୭।୧୨(ଗିରିଧାରୀ ପରିଛା)
ଅଦିନିଆ ଲଗାଣ ବର୍ଷା ଚାଷୀଙ୍କ ବ୍ୟାପକ ଫସଲ ନଷ୍ଟ କରିଛି। ଧାନ ଅମଳ ପରେ ଏହାକୁ ମଣ୍ଡିରେ ବିକି କରଜ ଶୁଝିବାକୁ ଚିନ୍ତା କରିଥିବା ଚାଷୀ ଅଦିନିଆ ବର୍ଷାରେ ଧାନ ସହ ଅନ୍ୟ ଫସଲ ଉଜୁଡି ଯିବାରୁ ସଙ୍କଟରେ ପଡିଛି। ତେବେ ମଣ୍ଡି ଖୋଲିବା ବିଳମ୍ବ ହେଉଥିବାରୁ ଚାଷୀ ବାହାର ବ୍ୟବସାୟୀଙ୍କୁ ଧାନ ବିକିବାକୁ ବାଧ ହେଉଛି। ପାରଳାଖେମୁଣ୍ଡି ଜିଲାରେ ଡିସେମ୍ବର ୩୦ରେ ମଣ୍ଡି ଖୋଲିବାକୁ ଥିବା ବେଳେ ଏହା ସପ୍ତାହେ ଘୁଞ୍ଚିଯାଇଛି। ଜାନୁୟାରୀ ୭ରେ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ହୋଇଛି। ଏନେଇ ଶୁକ୍ରବାର ଜିଲାସ୍ତରୀୟ ପ୍ରକ୍ୟୁରମେଣ୍ଟ କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ବସିଥିଲା। ଜିଲାପାଳ ବିଜୟ କୁମାର ଦାସ ଅଧକ୍ଷତା କରିଥିଲେ। ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ଗଜପତି ଜିଲା ପରିଷଦ ଅଧକ୍ଷ ଜି. ତିରୁପତି ରାଓ, ଉପଜିଲାପାଳ ଅନୁପ ପଣ୍ଡା, ଜିଲା ଯୋଗାଣ ଅଧିକାରୀ ପ୍ରଫୁଲ ବେହେରା, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ଚାଷୀନେତା ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଓ ମିଲ ମାଲିକମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ଜିଲାରେ ଡିସେମ୍ବର ୩୦ ବଦଳରେ ଜାନୁୟାରୀ ୭ରେ ମଣ୍ଡି ଖୋଲିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏ ନେଇ ପାରଳାଖେମୁଣ୍ଡି ବିଧାୟକ ପାଣିଗ୍ରାହୀ କହିଛନ୍ତି, ଏପରି ତାରିଖ ପରିବର୍ତ୍ତନ କରିବା ଇଚ୍ଛା ନ ଥିଲେ ମଧ ତାରିଖ ପରିବର୍ତ୍ତନ କରିବାକୁ ପଡିଛି। ଅଦିନିଆ ବର୍ଷା ହେତୁ ଚାଷୀଙ୍କ ଧାନ ଭିଜିଯାଇଛି। ଶୀଘ୍ର ମଣ୍ଡି ଖୋଲିଲେ ଓଦା ଧାନ ଆଣି ଚାଷୀ ମଣ୍ଡିରେ ଦେବେ। ଫଳରେ ଧାନର ମାନଦଣ୍ଡ କମିଯିବ। ଆଉ ସାତ ଦିନ ଅଧିକ ସମୟ ପାଇଲେ ଚାଷୀ ଧାନକୁ ଶୁଖାଇ ମଣ୍ଡିରେ ଦେବେ। ସେମାନେ ସେମାନଙ୍କ ଉପଯୁକ୍ତ ପ୍ରାପ୍ୟ ପାଇପାରିବେ। ଏଥିସହ ଧାନମଣ୍ଡି ଖୋଲିବା ପାଇଁ ଅନ୍ୟାନ୍ୟ ସମସ୍ୟା କିଛି ରହିଛି। ତେଣୁ ଜାନୁୟାରୀ ୭ ତାରିଖରେ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିବା ବିଧାୟକ ପାଣିଗ୍ରାହୀ କହିଛନ୍ତି। ସୂଚନାଯୋଗ୍ୟ, ବୈଠକରେ ଜିଲାର ଗୋସାଣି ଓ କାଶୀନଗର ବ୍ଲକର ଅଧିକାଂଶ ଚାଷୀ ତେଲୁଗୁ ସମ୍ପ୍ରଦାୟର ହୋଇଥିବାରୁ ପୋଙ୍ଗଲ ବା ମକର ସଂକ୍ରାନ୍ତି ପାଳନ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

SALES AND MARKETING STAFF REQUIREMENT
Portable container sales and marketing experienced staff requirement in Bhubaneswar.
CONTACT
6370860262 / 9777264796

ହାଉସିଂ ଆଣ୍ଡ ଅର୍ବାନ୍ ଡେଭଲପମେଣ୍ଟ କର୍ପୋରେଶନ୍ ଲିଃ
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର, ୩ୟ ମହଲା, ଦୀନଦୟାଲ ଭବନ, ଜନପଥ, ଭୁବନେଶ୍ୱର - ୭୫୧୦୦୯, ମେଲ୍- bbro@hudco.org
hudco A NAVRATNA CPSE
ବିଡ୍ ଆମନ୍ତ୍ରଣ
ଇ-ସଂଗ୍ରହଣ ସରକାରୀ ଟେଣ୍ଡର ଆଇଡି: ୨୦୨୪_ହୁଡ୍‌କୋ_୭୮୩୦୩୬_୧
୪ର୍ଥ ମହଲା, ଦୀନଦୟାଲ ଭବନ, ଅଶୋକ ନଗର, ଜନପଥ, ଭୁବନେଶ୍ୱର-୭୫୧୦୦୯ର ଅଟକଳ ମୂଲ୍ୟ ଟ.୧୧,୬୪,୬୦୮/-ରେ ମରାମତି ଏବଂ ନବୀକରଣ ପାଇଁ ଏଜେନ୍ସି/କଣ୍ଟ୍ରାକ୍ଟରମାନଙ୍କଠାରୁ ସରକାରୀ ଇ-ପବ୍ଲିଶିଂ ସିଷ୍ଟମ୍ ଜରିଆରେ ବିଡ୍ ଆହ୍ୱାନ କରାଯାଉଛି । ଅଧିକ ବିବରଣୀ ପାଇଁ ହୁଡ୍‌କୋ ୱେବ୍‌ସାଇଟ୍ www.hudco.org ଏବଂ ସରକାରୀ ଇ-ପବ୍ଲିଶିଂ ସିଷ୍ଟମ୍ https://eprocure.gov.in ପରିଦର୍ଶନ କରନ୍ତୁ ।
ସ୍ୱା./- ଆଞ୍ଚଳିକ ମୁଖ୍ୟ, ହୁଡ୍‌କୋ, ଭୁବନେଶ୍ୱର

JOB VACANCY

| Sr.No. | Post | Qualification | Sex | Experience | Nos | Salary |
|---|---|---|---|---|---|---|
| 1 | Office Coordinator cum computer operator | Graduate with PGDCA | F | 1 Year/ Fresher | 3 | 12,000 |
| 2 | Care Taker | | M | 1 Year/ Fresher | 3 | 10,000 |

Cont. Details: KM Convention (Wedding Hall), Bhubaneswar
Send Your Resume by mail or Whatsapp (Whatsapp No-9556924496)
Mail Id: khatamitha717@gmail.com
Cont. No- 8249579908 (Cont. between 11.30 AM to 5.30 PM)

ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି
ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୪-୨୯ ତାରିଖ: ୨୬।୧୨।୨୦୨୪
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ websiteରେ ଅଧିସୂଚିତ ହୋଇଛି । ବର୍ଗ: ପାର୍ସଲ । କାଟାଲଗ୍ ନଂ.: ଲିଜ୍-କେଜିପି-୨୪-୨୯। ଇ-ନିଲାମ ତାରିଖ: ୧୦।୦୧।୨୦୨୫। ନିଲାମ ଆରମ୍ଭ ସମୟ: ୧୦.୦୦ ଘଟିକା। ନିଲାମ ସମାପ୍ତି ସମୟ: ୧୦.୪୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-953) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

यूनियन बैंक ऑफ इंडिया Union Bank of India
କୋର୍ଟପେଟା ଶାଖା, ବ୍ରହ୍ମପୁର
ସଂଶୋଧନ ପତ୍ର
ତା.୨୭.୧୨.୨୦୨୪ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ "ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ" ସ୍ତମ୍ଭରେ ଦର୍ଶିତ 'ପ୍ଲଟ୍ ନଂ. ୧୮୦ର ଉତ୍ତରପାର୍ଶ୍ୱରେ' ପରିବର୍ତ୍ତେ 'ପ୍ଲଟ୍ ନଂ. ୧୪୮୦ର ଉତ୍ତରପାର୍ଶ୍ୱରେ' ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ।
ତା.୨୭.୧୨.୨୦୨୪ / କ୍ଷମତାପ୍ରାପ୍ତ ଅଧିକାରୀ

INTERNATIONAL INSTITUTE FOR POPULATION SCIENCES, MUMBAI
Walk-in Interview for 12 Female field investigators and 2 field Supervisors for data collection from households and health facilities in Odisha. **Duration:** 45-60 days. **Qualification:** Bachelor's Degree in Social Science, Proficiency in Odia and English and 2+ years of experience in household & facility surveys. **Venue:** Panthanivas, Bhubaneswar, **Jan. 2, 2025 at 2 P.M.**

OFFICE OF THE ENGINEER IN CHIEF
PUBLIC WORKS DEPARTMENT, NAVA RAIPUR, ATAL NAGAR
(CENTRAL TENDER CELL) E-Procurement Tender Notice
Main Portal : https://eproc.cgstate.gov.in
Tenders are invited for the Following works :

| S. No. | System Tender No. / Date | Name of Work | PAC Amount (Rupees in lacs) |
|---|---|---|---|
| 1 | 163133 First Call 19.12.2024 | Construction Of High Level Bridge and Approach Road Across Sukhnaiya Nala on Tanjara to Thakurhatthi Road. | 264.250 |
| 2 | 163134 First Call 20.12.2024 | Construction Of High Level Bridge and Approach Road Across Maniyari River on Rehuta-Putupara-Lapti Road | 334.84 |
| 3 | 163202 First Call 20.12.2024 | 1. CONSTRUCTION OF VILLAGE CHANDAGARH BHAISAMUDA BASTI TO BATURABAHAR CHANDRAPUR APPROACH ROAD LENGTH 4.00 KM. DIST - JASHPUR (C.G.) 2. CONSTRUCTION DOKDA TO KORNGABAHLA APPROACH ROAD LENGTH 4.00 K.M. OF DIST. - JASHPUR (C.G.) | 805.39 |
| 4 | 163211 First Call 20.12.2024 | CONSTRUCTION OF KOTANPANI CHOWK TO TILANGA CHIKNIPANI APPROACH ROAD LENGTH 6.60 K.M.) DISTT. - JASHPUR (C.G.) (Work code - W29110) | 751.79 |

Last Date of Tender Downloading S.No. 01 To S.No. 04 date 10.01.2025. For more details on the tender and bidding process please visit the above mentioned portal.
Sd./- Chief Engineer
(Central Tender Cell)
Office of Engineer In Chief
P.W.D. Nava Raipur Atal Nagar
G-242504867/2

OFFICE OF NAGAR PANCHAYAT, DOMCHANCH (KODERMA)
Letter No........................DATE: -.........................
E-Tender Notice
(Through E-Procurement mode only https:/Jharkhandtenders.gov.in)
E- Retender reference no. UDD/KODERMA/DNP/11/2024-25

| Sl.No. | Particulars | Details |
|---|---|---|
| 1 | Name Of Work | Construction Of 9 KLD Faecal Sludge Management in Municipal Area of Domchanch Nagar Panchayat |
| 2 | Estimated Cost (INR) | 3,78,37,600.00 |
| 3 | EMD Fee (INR) | 3,78,376.00 |
| 4 | Tender Fee (INR) | 10,000.00 |
| 5 | Time Of Completion | 1year Of Construction Which Comprises 9 Months of Construction and 3 Months of Defect Liability Period Including One Month of Trial Run and 5 Year Of O&M Post DLP |
| 6 | Date Of Publication of Tender on Website | 30.12.2024 AT 5:00 PM |
| 7 | Document Downloading a Start Date | 30.12.2024 AT 5:00 PM |
| 8 | Last Date/Time for Receipt Bid on Online | 16.01.2025 AT 5:00 PM |
| 9 | Date Of Opening Tender | 17.01.2025 AT 5:00 PM |
| 10 | Mode Of Submission of Bids | e-Tendering (https://jharkhandtenders.gov.in) |
| 11 | Name And Address of Office Inviting Tender | Executive Officer, Nagar Panchayat Domchanch |
| 12 | Helpline Number | 9939465016 |

PR 343008 Urban Development(24-25)#D
ADMINISTRATOR
NAGAR PANCHAYAT, DOMACHANCH

## ବ୍ୟାଟେରି ଶର୍ଟ ସର୍କିଟରୁ ଶୋ'ରୁମ ଜଳିଗଲା

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ)ବାରାକ ଥାନା ଅନ୍ତର୍ଗତ ଆସ୍କାରୋଡ ରେଡ଼ୀ ଗ୍ୟାରେଜ ନିକଟସ୍ଥ ଅନ୍ନପୂର୍ଣ୍ଣା ବ୍ୟାଟେରି ଗାଡି ଶୋରୁମରେ ଭୟାଭୟ ଅଗ୍ନିକାଣ୍ଡ ଘଟିଛି। ୩ ମହଲା ବିଶିଷ୍ଟ ଶୋରୁମରେ କୋମାକୀ କମ୍ପାନୀର ବିକ୍ରି ପାଇଁ ଥିବା ଏକାଧିକ ନୂଆ ଓ ପୁରୁଣା ଗାଡି ଜଳିଯାଇଛି। ଖବରପାଇ ବ୍ରହ୍ମପୁର ଅଗ୍ନିଶମ ଅଧିକାରୀ ପି.କେ. ପଟ୍ଟନାୟକ ଓ ତାଙ୍କ ଟିମ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶୋରୁମ ମାଲିକ ପ୍ରଶାନ୍ତ ମହାପାତ୍ର ମଧ୍ୟ ପହଞ୍ଚିଥିଲେ। ଶୋରୁମରେ ମହଜୁଦ ଥିବା ଗାଡି ବ୍ୟାଟେରି ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଘଟଣାର ତଦନ୍ତ ଜାରି ରହିଛି।



## ସଂକ୍ଷେପରେ

### ଗଞ୍ଜାମ ମହାବିଦ୍ୟାଳୟକୁ ନାକ୍ ମାନ୍ୟତା

ଗଞ୍ଜାମ,୨୭।୧୨(ବିଦ୍ୟାଧର ସାହୁ): ଗଞ୍ଜାମ ମହାବିଦ୍ୟାଳୟକୁ ନାକ୍ ବି ଗ୍ରେଡ ମାନ୍ୟତା ମିଳିଛି। ଗତ ୧୮ ଓ ୧୯ ତାରିଖରେ ନାକ୍ ଗ୍ରେଡେଶନର ୪ ଜଣିଆ ଟିମ୍ ପରିଦର୍ଶନରେ ଆସି ବିଭିନ୍ନ ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ଉଚ୍ଚଶିକ୍ଷା ବିଭାଗ ଏବଂ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ବାରମ୍ବାର ତାଗିଦ୍ ପରେ ଗତ ମେ ମାସରେ ମହାବିଦ୍ୟାଳୟକୁ ନାକ୍ ମାନ୍ୟତା ପାଇଁ ପ୍ରଚେଷ୍ଟା ଆରମ୍ଭ ହୋଇଥିଲା। ୭ ଜଣ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ନେଇ ଏକ ଟିମ୍ ଗଠନ ହୋଇଥିଲା। କଲେଜ ଅଧ୍ୟକ୍ଷ ସୀମାଞ୍ଚଳ ଭୋଳଙ୍କ ନେତୃତ୍ୱରେ ୧୪ ଜଣିଆ ଟିମ ଆଇଆଇକ୍ୟୁଏ ଏବଂ ଏସଏସଆର ଦାଖଲ ହୋଇଥିଲା। ସୂଚନାଯୋଗ୍ୟ, ୧୯୬୯ରେ ସ୍ଥାପିତ ଏହି ମହାବିଦ୍ୟାଳୟ ନାକ୍ ମାନ୍ୟତା ପାଇଁ ୩ ଥର ଏସଏସଆର ଦାଖଲ କରିଥିଲେ ମଧ୍ୟ ବିଭିନ୍ନ କାରଣରୁ ତାହା ଫଳପ୍ରଦ ହୋଇ ନ ଥିଲା।

### ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର

ବୁଗୁଡା,୨୭।୧୨(କାଳିଚରଣ ଦାଶ)– ସ୍ଥାନୀୟ ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସମ୍ମିଳନୀ କକ୍ଷରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁରସ୍ଥ କିଟ୍ ୟୁନିଭରସିଟିର ପ୍ରଫେସର ହିମାଂଶୁ ଶେଖର ତ୍ରିପାଠୀ ଯୋଗ ଦେଇ ପାଠଚକ୍ରର ବିଷୟବସ୍ତୁ ଦି ଲାଙ୍ଗୁଏଜ୍ ଅଫ୍ ସକସେସ୍ ମାଷ୍ଟରିଂ କମ୍ୟୁନିକେଟିଭ୍ ଇଂଲିଶ ଫର୍ ଏ ବେଟର ଫ୍ୟୁଚର ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ଦାଶ, ପବିତ୍ର ଖଣ୍ଡୁଆଳ ଓ ଲୋକନାଥ ବେହେରା ପ୍ରମୁଖ ମଞ୍ଚାସୀନ ରହି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ର ଅମର ନାୟକ ଓ ସଞ୍ଜୟ ନାୟକଙ୍କ ଦ୍ୱାରା ସନ୍ଦର୍ଭ ପାଠ କରାଯାଇଥିଲା। ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ଏବଂ ଛାତ୍ରୀ ରେସ୍ମା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଦିଗପହଣ୍ଡି,୨୭।୧୨(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ସହର ସମେତ ଆଖପାଖ ଗ୍ରାମାଞ୍ଚଳ ଚାଷୀଙ୍କ ବ୍ୟାପକ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଛି।ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଚାଷୀ ଓ ଭାଗଚାଷୀଙ୍କୁ କ୍ଷତିପୂରଣ ଦାବିରେ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଗପହଣ୍ଡି ତହସିଲଦାର ଅନୀତା କୁମାରୀ ସାହୁଙ୍କୁ ଓଡ଼ିଶା କୃଷକ ସଭା ଦିଗପହଣ୍ଡି ବ୍ଲକ ଶାଖା ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। କୃଷକ ସଭା ଶାଖା ସଭାପତି ସୁଶାନ୍ତ କୁମାର ଷଡଙ୍ଗୀଙ୍କ ନେତୃତ୍ୱରେ ବହୁସଂଖ୍ୟକ ଚାଷୀ ନଷ୍ଟ ହୋଇଥିବା ଧାନକେଣ୍ଡା ଧରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଧାନ ସବୁ ପାଣିରେ ବୁଡି ବର୍ତ୍ତମାନ ଗଜା ହୋଇଯାଇଛି। ତେଣୁ ଚାଷୀଙ୍କ ଉତ୍ପାଦିତ ଧାନର ଏଫଏକ୍ୟୁ ମାନଦଣ୍ଡକୁ ଛାଡ କରିବା , କୁଇଣ୍ଟାଲ ପିଛା ୩୧ ଶହ ଟଙ୍କାରେ ଧାନ କ୍ରୟ କରାଯିବା, ଚାଷୀଙ୍କ ଟୋକନ ଅବଧି ବୃଦ୍ଧି କରିବା ଆଦି ଦାବି ସ୍ମାରକପତ୍ର ରେ ଉଲ୍ଲେଖ ରହିଛି। ସ୍ମାରକପତ୍ର ପ୍ରଦାନ ବେଳେ ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, କୃଷକ ନେତା କୈଳାସ ଷଡଙ୍ଗୀ, ଆଇନଜୀବୀ କୁରେଶ୍ଣୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ପାଚିକା, ସହାୟିକାଙ୍କୁ ତାଲିମ

ଚିକିଟି/ ଶେରଗଡ଼ ୨୭।୧୨(ପ୍ରକାଶ ଚନ୍ଦ୍ର ସାହୁ/ ସୂର୍ଯ୍ୟ ନାରାୟଣ ଦାଶ) ଚିକିଟି ବ୍ଲକ ଗିରିସୋଲା ସ୍ଥିତ ମଦନ ମୋହନ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗିରିସୋଲା କ୍ଲଷ୍ଟରସ୍ତରୀୟ ପାଚିକା ଓ ସହାୟିକାମାନଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଇଓ ବସନ୍ତ କୁମାର ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତ୍ରିନାଥ ମଲ୍ଲିକ ଓ ଗିରିସୋଲା ସିଆରସିସି ବି.ଭେଙ୍କଟ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ସୁନାପୁର ସିଆରସିସି ତଥା ଜିଲାସ୍ତରୀୟ ତାଲିମ ପ୍ରଶିକ୍ଷକ ମଞ୍ଜନ ବେହେରା ସମ୍ବଳ ଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ବିଦ୍ୟାଳୟ ସହକାରୀ ଶିକ୍ଷକ ନରସିଂହ ପତି ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ପାଚିକା ସହାୟିକାଙ୍କୁ ନେଇ ଶେରଗଡ଼ ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ସଭା ଗୃହରେ ତାଲିମ ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ବିଇଓ କୋରେଶ ସେଠୀ ଶୁଭାରମ୍ଭ କରିଥିଲେ। ୧୦୦ ଜଣ ପାଚିକା ସହାୟିକା ତାଲିମ ନେଇଥିଲେ।

# ଅଧାରେ ଅଟକିଛି ପୋଖରୀ ଉନ୍ନତୀକରଣ

ବ୍ରହ୍ମପୁର,୨୭।୧୨(ସ୍ମୃତି ରଞ୍ଜନ ମହାଲିକ): ସହରର ଜଳାଶୟଗୁଡିକୁ ବ୍ୟବହାର ଉପଯୋଗୀ କରିବା ଓ ଭୂତଳ ଜଳସ୍ତର ବୃଦ୍ଧି ନେଇ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଏହି ମର୍ମରେ ଆମ ପୋଖରୀ ଯୋଜନାରେ ବ୍ରହ୍ମପୁର ସହରରେ ରହିଥିବା ୪୨ଟି ପୋଖରୀର ଉନ୍ନତୀକରଣ ପାଇଁ ବିଏମ୍‌ସି ପକ୍ଷରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କିନ୍ତୁ ଉକ୍ତ କାର୍ଯ୍ୟ ଅଧାରେ ଅଟକି ରହିଥିବା କାରଣରୁ ବର୍ତ୍ତମାନ ପୋଖରୀ ପାଣି ଦୂଷିତ ହୋଇପଡିଛି। ଯାହାକି,ବ୍ୟବହାର ଉପଯୋଗୀ ହୋଇପାରୁନାହିଁ।

ଜଳାଶୟଗୁଡିକର ପୁନରୁଦ୍ଧାର ପାଇଁ ବିଏମ୍‌ସି ପକ୍ଷରୁ ୨୦୨୩ ଡିସେମ୍ବର ୨୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୯ଟି ପୋଖରୀର ଉନ୍ନତୀକରଣ ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହାର କିଛି ମାସ ପରେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୩୧ଟି ପୋଖରୀର ଉନ୍ନତୀକରଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇ କାର୍ଯ୍ୟ

**ବ୍ୟବହାର ଉପଯୋଗୀ ହେଉନି ପାଣି**



ଅଧାପନ୍ତରିଆ ଗଣେଶ ବନ୍ଧ ପୋଖରୀ।

ଆରମ୍ଭ ହୋଇଥିଲା। କିନ୍ତୁ ପୋଖରୀ ଖନନ କାର୍ଯ୍ୟରେ ଅନିୟମିତତା ଓ ମାଟିକୁ ବେଆଇନ ଚାଲାଣ ନେଇ ଅଭିଯୋଗ ହୋଇଥିଲା। ତଥାପି କାର୍ଯ୍ୟ ଚାଲିଥିଲା। ପରେ ନିଗମ ବର୍ଷାଋତୁ ଆଳ ଦେଖାଇ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଥିଲା। ଯାହାଫଳରେ ବର୍ତ୍ତମାନ ସହରର ଅଧିକାଂଶ ପୋଖରୀରେ ନର୍ଦ୍ଦମା ପାଣି ପଶି ଦୂଷିତ ହୋଇଥିବା ଅଭିଯୋଗ ହୋଇଛି। ଯାହାର ସଦ୍ୟ ଉଦାହରଣ ନିଗମର ୩୮ ନଂ ୱାର୍ଡ ଅନ୍ତର୍ଗତ ଲାଞ୍ଜିପଲୀ ଗଣେଶ ବନ୍ଧ। ଉକ୍ତ ଜଳାଶୟର ପରିସୀମା ୨.୫୭ ଏକର ରହିଥିବା ବେଳେ ୪୦.୩୬ ଲକ୍ଷ ଟଙ୍କା ବ୍ୟୟରେ ଉନ୍ନତୀକରଣ ପାଇଁ ଲକ୍ଷ୍ୟ ରଖାଯାଇଥଲା। ଗତ ଫେବୃଆରୀ ୨ରେ ପୋଖରୀ କାର୍ଯ୍ୟ ଆରମ୍ଭ ହୋଇଥିଲା। ରଘୁବୀର ଏସଏଚଜିକୁ ବିଏମସି ପକ୍ଷରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ହେଲେ କେବଳ ପଙ୍କ ଉଦ୍ଧାର ପରେ କାର୍ଯ୍ୟ ସଂପୂର୍ଣ୍ଣ ବନ୍ଦ ଥିବା ଅଭିଯୋଗ ହୋଇଛି। ପୋଖରୀ ଖୋଳାଯାଇ କାର୍ଯ୍ୟ ବନ୍ଦ ହୋଇଥିବାରୁ ତାହା ବର୍ଷା ପାଣିରେ ଭରିଯାଇଛି। ସାମାନ୍ୟ ବର୍ଷା ହେଲେ ପୋଖରୀ ପାଣି ରାସ୍ତାରେ ଉଛୁଳୁଛି। ଏପରିକି ୩ଟି ଗୁଠ ସଂପୂର୍ଣ୍ଣ ବୁଡିଯାଇଛି। ୨ଟି ଗୁଠରେ କୁଢ କୁଢ ଆବର୍ଜନା ଜମି ରହିଛି। ସେହିପରି କ୍ଷେତ୍ରରେ ମଧ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ପୂର୍ବରୁ ନିକଟରେ ରହିଥିବା ମନ୍ଦିରଗୁଡିକରେ ପୋଖରୀ ପାଣି ବ୍ୟବହାର ହେଉଥିଲା। କିନ୍ତୁ ଏବେ ଆବର୍ଜନା ପଡି ଦୂଷିତ ହୋଇଥିବାରୁ ପାଣି ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ବିଏମସି ପକ୍ଷରୁ କେଉଁଠି କାର୍ଯ୍ୟାଦେଶ ମିଳିଥିବା ବେଳେ ଏଗ୍ରିମେଣ୍ଟ ହୋଇ ନ ଥିବା କାରଣରୁ କାମ ବନ୍ଦ ରହିଥିବା ନେଇ ଅଭିଯୋଗ ହୋଇଥିଲା। ଏଥିସହ ଅନେକ ପୋଖରୀ ଉନ୍ନତୀକରଣ ପାଇଁ କାର୍ଯ୍ୟାଦେଶ ଠିକ ଭାବେ ନ ମିଳିବା କାରଣରୁ କାମ ଅଧାରୁ ବନ୍ଦ ହୋଇଥିବା ନେଇ ଅନେକ ସ୍ୱୟଂ ସହାୟିକା ଗୋଷ୍ଠୀ ଅଭିଯୋଗ କରିଛନ୍ତି। ଗତ ୩ ତାରିଖରେ ବିଏମସି କମିଶନର ଭବାନୀ ପ୍ରସାଦ ମିଶ୍ର ଗୃହ ଓ ନଗର ଉନ୍ନୟନ ବିଭାଗ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ବିଭାଗ ପକ୍ଷରୁ ପୂର୍ବତନ ନିର୍ବାହୀ ଯନ୍ତ୍ରୀଙ୍କୁ ପୋଖରୀ ଉନ୍ନତୀକରଣ କାର୍ଯ୍ୟର କାଗଜ ପତ୍ର ଅନୁଧ୍ୟାନ ପାଇଁ ପଠାଯାଇଛି। କିନ୍ତୁ କେତେ ଦିନ ମଧ୍ୟରେ ଅଧାପନ୍ତରିଆ କାର୍ଯ୍ୟ ଆରମ୍ଭ ହେବ ସେ ନେଇ ବିଏମସି ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଅନ୍ୟପଟେ ୩୦ କୋଟି ଟଙ୍କାରେ ବେଢାବନ୍ଧ, ୧୧.୪୫ କୋଟିରେ ଆଗୁଳ ବନ୍ଧ, ୧୦.୪୩ କୋଟିରେ ଆଇନା ବନ୍ଧ ଓ ୧୩.୨୬ କୋଟିରେ ହରିଡାଖଣ୍ଡି ବନ୍ଧକୁ ପ୍ରାକୃତିକ ଉପାୟରେ ପୁନରୁଦ୍ଧାର ପାଇଁ ଡିପିଆର ପ୍ରସ୍ତୁତ କରାଯାଇଥିଲା। କିନ୍ତୁ ତାହା ମଧ ଅଧାପନ୍ତରିଆ ଭାବେ ପଡି ରହିଛି।

## ନିୟମ ଉଲ୍ଲଂଘନ କରି ହିନ୍ଦୀ ଶିକ୍ଷକ ନିଲମ୍ବିତ

ବ୍ରହ୍ମପୁର,୨୭।୧୨ (ସ୍ୱାଧୀନ ଶେଖର ପାଢ଼ୀ) ନିୟମ ଉଲ୍ଲଂଘନ କରିବା ସହ ରାଜନୈତିକ କାର୍ଯ୍ୟକ୍ରମରେ ଯୋଗଦେଇ ଜଣେ ହିନ୍ଦୀ ଶିକ୍ଷକ ଶୁକ୍ରବାର ନିଲମ୍ବିତ ହୋଇଛନ୍ତି। ସେ ହେଲେ ବେଗୁନିଆପଡା ବ୍ଲକ ବି. ନୂଆଗାଁ ବାଳକ ନାୟକ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଭାଗବତ ମହାନ୍ତି। ଭାଗବତ ବ୍ଲକର ପ୍ରବାସୀ ଶ୍ରମିକଙ୍କୁ ଭତ୍ତା ଓ ରାଶନ କାର୍ଡ ବଣ୍ଟନ କାର୍ଯ୍ୟରେ ଯୋଗ ଦେଇଥିଲେ। ଜଣେ ସରକାରୀ କର୍ମଚାରୀ ହୋଇ ନିୟମ ଉଲ୍ଲଂଘନ କରି ରାଜନୈତିକ କାର୍ଯ୍ୟକ୍ରମରେ ଯୋଗ ଦେବା ନେଇ ଖବର ପ୍ରକାଶ ପରେ ଏହାର ଅନୁଧ୍ୟାନ କରି ଜିଲ୍ଲା ଶିକ୍ଷାଧିକାରୀ ତାଙ୍କ ପତ୍ରସଂଖ୍ୟା ୨୩ ୧୩୩, ତା-୨୭।୧୨।୨୦୨୪ରେ ତାଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ନିଲମ୍ବନ ସମୟ ସୀମାରେ ଭାଗବତ ବେଗୁନିଆପଡା ଗୋଷ୍ଠୀ ଶିକ୍ଷାକାରୀଙ୍କ ନିକଟରେ ହାଜିରା ଦେବେ। ଏଥିସହ ସେ ବିନା ଅନୁମତିରେ ସଦର ମହକୁମା ଛାଡି ଅନ୍ୟତ୍ର ଯାଇପାରିବେ ନାହିଁ ବୋଲି ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

## ଯାତ୍ରା ପୂର୍ବରୁ ସରିବ ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ଉନ୍ନୟନ କାର୍ଯ୍ୟ

ବ୍ରହ୍ମପୁର,୨୭।୧୨(ସ୍ମୃତିରଞ୍ଜନ ମହାଲିକ) ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀ ମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ଶୁକ୍ରବାର ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର କରିଛନ୍ତି। ଏହି ଅବସରରେ ସେ ଗର୍ଭ ଗୃହ ନିର୍ମାଣର ଶୁଭ ଦେଇଥିଲେ। ପରିଦର୍ଶନ ସମୟରେ ବିଧାୟକ ୨୦୨୫ରେ ମା'ଙ୍କ ଦ୍ୱିବାର୍ଷିକ ଯାତ୍ରା ପୂର୍ବରୁ ମୁଖ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ସାରିବାକୁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରା ପାଇଁ ଶୁଭଖୁଣ୍ଟି ପଡିବା ପୂର୍ବରୁ ମା'ଙ୍କ ମନ୍ଦିର, ପ୍ରବେଶ ଦ୍ୱାର, ଦୀପ ଗୃହ, ପାର୍ଶ୍ୱ ମନ୍ଦିର, ଯଜ୍ଞ ମଣ୍ଡପ ଓ ସେବାୟତ ଘର ସମେତ ମନ୍ଦିର ଚତୁଃପାର୍ଶ୍ୱ ପାଚେରି ନିର୍ମାଣ କାର୍ଯ୍ୟ ସାରିବାକୁ ବିଧାୟକ କହିଥିଲେ। ପାଚେରି ନିର୍ମାଣ ପାଇଁ କିଛି ଅଞ୍ଚଳକୁ ଉଚ୍ଛେଦ କରିବା ଆବଶ୍ୟକ ପଡୁଥିବାରୁ ଏନେଇ ବିଏମସି, ପୂର୍ତ୍ତ ବିଭାଗ ଓ ବିଧାୟକଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ। ୨୦୨୩ ଡିସେମ୍ବର ୧୬ରେ ମନ୍ଦିରର



ବିଧାୟକ ମନ୍ଦିର ପରିଦର୍ଶନ କରି ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରୁଛନ୍ତି।

ସୌନ୍ଦର୍ଯ୍ୟକରଣ ନେଇ ରୂପରେଖ ପ୍ରସ୍ତୁତ ହୋଇ ୨୦୨୪ ଜାନୁଆରୀରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ବର୍ତ୍ତମାନ ୫୦ ପ୍ରତିଶତ କାର୍ଯ୍ୟ ସରିଛି। ପ୍ରଥମ ପର୍ଯ୍ୟାୟରେ ପଥର କାର୍ଯ୍ୟ, ମୁଖ୍ୟ ମନ୍ଦିର କାର୍ଯ୍ୟ, ମାର୍କେଟ କଂପ୍ଲେକ୍ସ, କାର୍ଯ୍ୟାଳୟ, ବଗିଚା, ପ୍ରବେଶ ଦ୍ୱାର ଓ ବିଦ୍ୟୁତ ବ୍ୟବସ୍ଥା କାର୍ଯ୍ୟ କରାଯାଉଛି। ଏଥିପାଇଁ ୯କୋଟି ୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ବିଧାୟକଙ୍କ ପରିଦର୍ଶନ ସମୟରେ ଗଞ୍ଜାମ-୧ କୋଠାବାଡି ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ସୋମନାଥ ତ୍ରିପାଠୀଙ୍କ ସହ ଅନ୍ୟ ପଦାଧିକାରୀ, ଠିକାଦାର ଓ ସେବାୟତମାନେ ଉପସ୍ଥିତ ଥିଲେ।

## ଶିଶୁମାନେ ଆଦର୍ଶ ହେଲେ ସମାଜର ପରିବର୍ତ୍ତନ ହେବ

ବ୍ରହ୍ମପୁର,୨୮।୧୨(ସ୍ମୃତି ରଞ୍ଜନ ମହାଲିକ)–ଗୋସାଣୀ ନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୬ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ସଭାପତି ପ୍ରଦୀପ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଯାଜପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବିନାୟକ ଦାଶ ଯୋଗ ଦେଇ ଶିଶୁମାନେ ଆଦର୍ଶ ହୋଇ ଛାତ୍ର ସମାଜକୁ ପରିବର୍ତ୍ତନ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ବିଜୁ ପଟ୍ଟନାୟକ ହୋମିଓପାଥି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ପ୍ରଶାନ୍ତ ପତି ଯୋଗ, ମୁଖ୍ୟବକ୍ତା ରୂପେ ଶିକ୍ଷା ବିକାଶ ସମିତିର କୋଷାଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଯୋଗ ଦେଇ ଶିଶୁଙ୍କୁ ମାର୍ଗ ଦର୍ଶନ କରିଥିଲେ । ବିଦ୍ୟାଳୟ ସଂପାଦକ ପ୍ରକାଶ ଚନ୍ଦ୍ର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ନାରାୟଣ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ସରକାରୀ ବୃତ୍ତି, ମେଧା ବୃତ୍ତି ଓ ସଂସ୍କୃତ ପ୍ରଶ୍ନ ମଂଚରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ୫୫୩ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ



ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି ବିଧାୟକ।

ଭଞ୍ଜନଗର,୨୭।୧୨ (ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ୫୫୩ ନୂଆଁ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଏଥିରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ଭାଜପା ସରକାର ଗରିବ ଲୋକଙ୍କ ଉନ୍ନତି ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଦିନ ଥିଲା ଧନୀ ଭତ୍ତା ପାଉଥିଲେ। ଗରିବ ଲୋକେ ଯୋଜନାରୁ ବଞ୍ଚିତ ହେଉଥିଲେ। କିନ୍ତୁ ଏଣିକି ଯୋଗ୍ୟ ହିତାଧିକାରୀ ହିଁ ଭତ୍ତା ସହ ସରକାରଙ୍କ ଅନ୍ୟାନ୍ୟ ସୁବିଧା ପାଇବେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ସରପଞ୍ଚ ଶିବରାମ ସାହୁ, ଭାଜପା ନେତା ଧୋବା ଗୌଡ଼, ଜିଲା ପରିଷଦ ଏମ୍‌ପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ରବୀନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ସଭା ସଂଯୋଜନା କରିଥିଲେ।

## ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବ୍ରହ୍ମପୁର,୨୭।୧୨(ସ୍ୱାଧୀନ ଶେଖର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖା ପକ୍ଷରୁ ନୂତନ ସମ୍ମିଳନୀ କକ୍ଷରେ ଶୁକ୍ରବାର ବିଶ୍ୱବିଦ୍ୟାଳୟ ସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ବିଶ୍ୱବିଦ୍ୟାଳୟ ଅଧୀନ ବିଭିନ୍ନ କଲେଜରୁ ଶତାଧିକ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣା କ୍ରମେ ଆୟୋଜିତ ଶିବିରରେ ହରିୟାଣା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ପ୍ରମୋଦ କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରି ସ୍ୱେଚ୍ଛାସେବୀମାନଙ୍କ ବ୍ୟକ୍ତିତ୍ୱର ବିକାଶ ସହ ଯୁବ ନେତୃତ୍ୱ ସୃଷ୍ଟି କରିବାରେ ଏହି ଶିବିର ବେଶ ସହାୟକ ହେବ ବୋଲି କହିଥିଲେ। ଅନ୍ୟତମ ପ୍ରଶିକ୍ଷକ ନିରୋଦ ବରଣ





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ

ଖୁଣ୍ଟିଆ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସ୍ୱେଚ୍ଛାସେବୀ ମାନେ ଦେଶ ଗଠନରେ କିପରି ପ୍ରମୁଖ ଭୂମିକା ଗ୍ରହଣ କରିବେ ସେନେଇ ନିଜ ମତ ଦେଇଥିଲେ। ଏନଏସଏସର ଲକ୍ଷ୍ୟ ଓ ସମାଜ ସେବାର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ। ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ସମାଜ ସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିବା ପାଇଁ କହିଥିଲେ । ଏନଏସଏସ ବ୍ୟୁରୋ ସଂଯୋଜକ ପ୍ରଫେସର ଜୟନ୍ତ କୁମାର ପଣ୍ଡା ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ କିପରି ଲୋକେ ଉପକୃତ ହୋଇପାରିବେ ସେ ନେଇ ନିଜ ମତ ରଖିଥିଲେ । ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡ଼.ଶଙ୍କର୍ଷଣ ମଲ୍ଲିକ, ଗଣେଶ ସାହୁ, ଡ଼. ଭାଗ୍ୟଶ୍ରୀ ମିଶ୍ର, ସୁଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଡ଼. ଦୀପକ ନାୟକ ଧନ୍ୟବାଦ ଦେଇଥିଲେ।

## ଚାଷଜମି ବୁଲି ଫସଲ କ୍ଷତି ଦେଖିଲେ ବିଧାୟକ

ବ୍ରହ୍ମପୁର, ୨୭।୧୨(ସୁବାସ ଚନ୍ଦ୍ର ପାଢ଼ୀ) ଚାଷୀ ପୂର୍ବରୁ କାଟି ଥିବା ଧାନ ପାଣିରେ ଭିଜି ଧାନରୁ ଗଜା ବାହାରିଲାଣି। ଏନେଇ ସ୍ଥିତି ଅନୁଧ୍ୟାନ ପାଇଁ ବିଧାୟକ ସିଦ୍ଧାନ୍ତ ମହାପାତ୍ର ଶୁକ୍ରବାର ବିଭିନ୍ନ ଚାଷ ଜମି ବୁଲି ଫସଲ କ୍ଷତି ଅନୁଧ୍ୟାନ କରିଛନ୍ତି। କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଦକ୍ଷିଣପୁର ପଞ୍ଚାୟତ ଓ ବାଲିପଡା ପଞ୍ଚାୟତର ବିଭିନ୍ନ ଚାଷ ଜମି ବୁଲି ସେ ଚାଷୀଙ୍କ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ। କ୍ଷୟକ୍ଷତି ଆକଳନ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଯିବ। ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳିବ ବୋଲି ବିଧାୟକ କହିଛନ୍ତି। ଏଫଏକ୍ୟୁ ମାନରେ କୋହଳ କରି ୩୧ଶହ ଟଙ୍କାରେ ଚାଷୀଙ୍କ ଧାନ କ୍ରୟ କରିବାକୁ ସରକାରଙ୍କୁ ଅବଗତ କରାଯିବ ବୋଲି ବିଧାୟକ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।
ଚାଷୀ ଅମଳ ହୋଇଥିବା ଧାନ ମଣ୍ଡିକୁ



ବିଧାୟକ ଚାଷଜମି ବୁଲି ଦେଖୁଛନ୍ତି।

ନେଇ ବିକ୍ରି କରି ଅର୍ଥ ପାଇବା ଆଶାରେ ଥିବା ବେଳେ ଅଦିନିଆ ବର୍ଷା ଚାଷୀଙ୍କୁ କ୍ଷତି ପହଞ୍ଚାଇଛି। ଘୋଷଣା ହୋଇଥିବା ଧାନ କୁଇଣ୍ଟାଲ ପ୍ରତି ୩୧ଶହ ଟଙ୍କା ନ ମିଳିଲେ ଏବଂ ଏଫଏକ୍ୟୁ ମାନରେ କୋହଳ ନ କଲେ କିପରି କରଜ ଶୁଝିବେ ସେହି ଚିନ୍ତାରେ ଚାଷୀଙ୍କ ଆଖିରୁ ନିଦ ହଜିଯାଇଛି। ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ଅନୁରୋଧ କରିଥିଲେ। ବିଧାୟକଙ୍କ ସହ ଗଞ୍ଜାମ ଜିଲା ସମବାୟ ସଂଘର ପୂର୍ବତନ ସଭାପତି ସନାତନ ସଂଗ୍ରାମ ସିଂ, ମଣ୍ଡଳ ସଭାପତି ଅଦଳନନ୍ଦ କିଶୋର, କୃଷକ ମୋର୍ଚ୍ଚା ସଭାପତି ଚିନ୍ମୟ ନନ୍ଦ ମହାରାଜ, ଯୁବ ନେତା ଗୌତମ ମହାରଣା,ବାପି ପ୍ରଧାନ, କିଶୋର ସାହୁ, ସ୍ଥାନୀୟ ସରପଞ୍ଚ ଦେବାଶିଷ ସେଠୀଙ୍କ ସହ ଚାଷୀମାନେ ଉପସ୍ଥିତ ଥିଲେ।

## ମୁଗ, ଧାନ ସହ ପରିବା ଚାଷ ନଷ୍ଟ

### କ୍ଷତି ପୂରଣ ମିଳିବା ନେଇ ଚିନ୍ତାରେ ଚାଷୀ

ସୋରଡା, ୨୭।୧୨ (ରଜନୀ ମହାପାତ୍ର) ଲଗାଣ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ହଜାର ହଜାର ହେକ୍ଟର ଜମିରେ ମୁଗ, ଧାନ ଓ ପରିବା ଚାଷ ନଷ୍ଟ ହୋଇଛି। କେବେ ସର୍ଭେ ହେବ ଏବଂ କ୍ଷତିପୂରଣ ମିଳିବ ସେହି ଚିନ୍ତାରେ ଏବେ ଚାଷୀ ରହିଛନ୍ତି। ବର୍ଷାରେ ଟମାଟୋ, ଫୁଲକୋବି, ବନ୍ଧାକୋବି, ବିନ୍ସ ଓ ବାଇଗଣ ଫସଲ ବ୍ୟାପକ ବ୍ୟାପକ ଭାବେ କ୍ଷତି ହୋଇଛି। ଗଞ୍ଜାମ ଜିଲା ସୋରଡା ବ୍ଲକରେ ଅଧିକାଂଶ ପରିବାର ଚାଷ କାର୍ଯ୍ୟ କରନ୍ତି । ବର୍ଷା ଅଭାବରୁ ଯାହା କ୍ଷତି ହୋଇଥିଲା ପରିବାେ ଚାଷରେ ତାହା ପୂରଣ କରିବାକୁ ଆଶା ରଖିଥିବା ଚାଷୀ ଲଗାଣ ବର୍ଷା ଯୋଗୁ ବହୁଭାବେ କ୍ଷତିଗ୍ରସ୍ତ ହୋଇଛି। ସୋରଡା ବ୍ଲକର ଗେଞ୍ଜା, ଗାଜଲବଡି, ଗୋଛା, ସରାବାଡି, କୋଟିବାଡି, ବରାଡି, ରାମଚନ୍ଦ୍ରପୁର, ହୁକୁମା, ନୂଆଗଡ, ସୁରମଣି, ବଡଗଡ, ପାଲକାଟୁ, ବାଖରା, ପେରଜୁ, ସାମନ୍ତରାପଲ୍ଲୀ, କୈଳାସପୁର, ନିମପଲ୍ଲୀବଞ୍ଜର,ହାତୀଗୋଡା, ମୂଳିଆପଲ୍ଲୀ ,ପାଳକାଟୁ , ଗୋଛା ଆଦି ଗ୍ରାମର ଚାଷୀ ପରିବା ଚାଷ କରିଥାନ୍ତି। ଏବେ ପାଗରେ ପରିବର୍ତ୍ତନ ହୋଇ ଶୃଙ୍ଖଳା ହୋଇଥିଲେ ମଧ୍ୟ କୁହୁଡି ଯୋଗୁ ବଳକା ପରିବା ନଷ୍ଟ ହୋଇଯିବା ଆଶଙ୍କାରେ ଚାଷୀ ଚିନ୍ତାରେ ରହିଛି। ଏଯାଏ କ୍ଷୟକ୍ଷତି ସର୍ଭେ ହୋଇନ ଥିବାରୁ ଚାଷୀ ଚିନ୍ତାରେ ପଡିଛନ୍ତି। ଭାଲିଆଗୋଛାର ଚାଷୀ କହନ୍ତି ଚଳିତବର୍ଷ ଯାହା ଆଦାୟ ହେବାର ଥିଲା ସବୁକ୍ଷେତରେ ପଡି ଗଜା ହୋଇଗଲାଣି। ସରାବଡି ପଞ୍ଚାୟତର ଚାଷୀ ବନମାଳୀ ସାଇଁ କହିଛନ୍ତି ତାଙ୍କ ପଞ୍ଚାୟତଟ୍‌ରେ ୨୦୦ରୁ ଅଧିକ ଏକର ଜମିରେ ଧାନ ଫସଲ ନଷ୍ଟ ହୋଇଛଇ। ମୁଗ ମଧ ବାଦ ପଡିନି। ଜାନୁୟାରୀ ୩ରୁ ମଣ୍ଡି ଆରମ୍ଭ ହେବ। ସବୁ ତ' ନଷ୍ଟ ହୋଇଗଲା ଆଉ କ'ଣ ଅଛି ଯେ ମଣ୍ଡିରେ ବିକ୍ରିବୁ ବୋଲି ଅଞ୍ଚଳର ଚାଷୀ ବନମାଳୀ ସାଇଁ, ରବି ସାହୁ, ମନୁ ଅଧିକାରୀ କହିଛନ୍ତି।

## ଦୁର୍ଘଟଣା: ମା' ଆଗରେ ପୁଅ ଜୀବନ ଚାଲିଗଲା

ଗୋପାଳପୁର,୨୭।୧୨(ନବୀନ ରାଜ ଆଚାରୀ): ଗୋଳନ୍ଥରା ଥାନା ଅଧୀନ ଗୋବିନ୍ଦନଗରର ଏକ ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ଏକ ବାଇକ୍‌କୁ ପିକ୍‌ଅପ ଭ୍ୟାନ ଧକ୍କା ଦେବାରୁ ମା'ଙ୍କ ସମ୍ମୁଖରେ ପୁଅର ଜୀବନ ଚାଲିଯାଇଛି। ମୃତକ ହେଲେ କେ. ନୂଆଗାଁ ଥାନା ଅଧିନସ୍ଥ ଦେଉଳ ମାଦୁଳି ଗ୍ରାମର ବି. ପୁରୁଷୋତ୍ତମ (୩୮)। ତାଙ୍କ ମା ବି . ଆଚାମ୍ମା ଗୁରୁତର ଆହତ ହୋଇଛନ୍ତି। ସୂଚନା ପ୍ରକାରେ, ପୁରୁଷୋତ୍ତମ ଓ ତାଙ୍କ ମା' ବାଇକ୍ (ନଂ.ଓଡି୦୭ ଜେଡ଼ -୮୭୬୦)ରେ ମଦନମୋହନପୁର ଆସୁଥିବା ବେଳେ ୧୬ ନଂ ଜାତୀୟ ରାଜପଥ ଗୋବିନ୍ଦନଗର ପେଟ୍ରୋଲ ପମ୍ପ ଠାରେ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ପିକ୍‌ଅପ ଭ୍ୟାନ୍ (ନଂ ଓଡି ୦୭-ଏୟୁ -୧୩୫୯) ଧକ୍କା ଦେଇଥିଲା । ଫଳରେ ମା' ପୁଅ ରାସ୍ତାରେ ଛିଟିକି ପଡିଥିଲେ ଓ ଘଟଣାସ୍ଥଳରେ ପୁଅ ପୁରୁଷୋତ୍ତମଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଆଚାମ୍ମାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପୋଲିସ ନଂ.୫୮୧/୨୪ ଏକ ମାମଲା ରୁଜୁ କରିଛି।

## ଫସଲ କ୍ଷତିପୂରଣ, ଏଫ୍‌ଏକ୍ୟୁ ମାନ ଉଚ୍ଛେଦ ଦାବି

### ବାଣୀଲିଙ୍ଗେଶ୍ୱର କୃଷକ ସଂଘର ଦାବିପତ୍ର

ଛତ୍ରପୁର,୨୭।୧୨(ଦିଲ୍ଲୀପ ସାମଲ): ଗତ ଅଦିନିଆ ଲଗାଣ ବର୍ଷାରେ ଫସଲ କ୍ଷୟକ୍ଷତିର ଭରଣା, ଧାନର ଏଫ୍‌ଏକ୍ୟୁ ମାନ ଉଚ୍ଛେଦ, ଟୋକନ ଅବଧି ବୃଦ୍ଧି ଏବଂ କୃଷକଙ୍କୁ ଫସଲବୀମା ଅର୍ଥ ପୈଠ କରିବା ବ୍ୟବସ୍ଥା ନିମନ୍ତେ ଶୁକ୍ରବାର ପୋଚ୍ଚଳାମପୁର ପଞ୍ଚାୟତ ବାଣୀଲିଙ୍ଗେଶ୍ୱର କୃଷକ ସଂଘ ପକ୍ଷରୁ ଦାବି ହୋଇଛି । ସରପଞ୍ଚ ନିରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ପୂର୍ବତନ ସରପଞ୍ଚ ଭଗବାନ ନାହାକ, ବିଜୟ ପ୍ରଧାନ, ଲଡୁ ପ୍ରଧାନ, ଉପେନ୍ଦ୍ର ପ୍ରଧାନ, ପ୍ରମୋଦ କୁମାର ସାହୁ, ଭାସ୍କର ନାୟକ, ଶତ୍ରୁଘନ ବିଶ୍ୱାଳ ଓ ପାଣି ପଞ୍ଚାୟତର ସଭାପତି ରାଜେନ୍ଦ୍ର ନାହାକଙ୍କ ସମେତ କୃଷକ ସଂଘର ବହୁ ଚାଷୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସରକାର ତଥା ଜିଲା ପ୍ରଶାସନ ଦାବି ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ନ ନିଅନ୍ତି ତେବେ ବାଣୀଲିଙ୍ଗେଶ୍ୱର କୃଷକ ସଂଘ ପକ୍ଷରୁ ଆନ୍ଦୋଳନ ପନ୍ଥା ଗ୍ରହଣ କରିବାକୁ ବାଧ ହେବ ବୋଲି ଚେତାବନୀ ଦେଇଛି ।

## ଗୋଦାବରୀଶ ଶିକ୍ଷା ଉତ୍କର୍ଷ ପୁରସ୍କାର

ହିଞ୍ଜିଳିକାଟୁ, ୨୭।୧୨(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ଲକ୍ଷ୍ମୀ ନୃସିଂହ କଳା ମଣ୍ଡପରେ ଗୋଦାବରୀଶ ଶିକ୍ଷା ଫାଉଣ୍ଡେଶନ ତରଫରୁ ଶିକ୍ଷା ଉତ୍କର୍ଷ ପୁରସ୍କାର କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ବିଷ୍ଣୁ ଚନ୍ଦ୍ର ଚୌଧୁରୀ ମୁଖ୍ୟଅତିଥି, ପ୍ରଫେସର ରମେଶ ଚନ୍ଦ୍ର ଚୌଧୁରୀ, ଡ. ଅରବିନ୍ଦ ପଣ୍ଡା ଓ ବ୍ରହ୍ମପୁର ଡିଗ୍ରୀ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ମହନ୍ତ ହରିହର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭୁପ୍ରସାଦ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ଗୀତାଞ୍ଜଳି ପାଣିଗ୍ରାହୀ ସଂଯୋଜନା କରିଥିଲେ। ହିଞ୍ଜିଳିକାଟୁ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଏସ୍. ଗିରିଧରଙ୍କ ସହ ଶିକ୍ଷୟିତ୍ରୀ ସଙ୍ଗୀତା ପାଣିଗ୍ରାହୀ, ସନ୍ଧ୍ୟାରାଣୀ ବେହେରା, ଶିକ୍ଷକ ଉଲ୍ଲାସ ବେହେରା, ସୀମାଞ୍ଚଳ ମହାରଣା, ଲାଲମୋହନ ସାହୁ, ଅମିତା କୁମାରୀ ଦାସ, ମମତା କୁମାରୀ ପଣ୍ଡା ଓ ଅଙ୍ଗନୱାଡି କର୍ମୀ ମାମିନି ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଅଞ୍ଚଳର ବହୁ ଶିକ୍ଷାବିତ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ନୂଆବର୍ଷ ତୋରଣ ସ୍ଥାନ ଲାଗି ବିଜେଡି-ଭାଜପା ଟଣାଓଟରା

ଆଳି, ୨୭।୧୨ (ବନମାଳୀ ସେନାପତି)



ତୋରଣ ଲାଗିବା ସ୍ଥାନରେ ପୋଲିସ ମୁତୟନ ହୋଇଛି।

ନୂଆବର୍ଷ ୨୦୨୫ ଆଉ ମାତ୍ର ୪ ଦିନ ବାକି ରହିଲା। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲାର ଆଳି ନୂଆବଜାରର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନୂଆବର୍ଷ ତୋରଣ ଲଗାଇବାକୁ କେନ୍ଦ୍ର କରି ବିଜେଡି ଭାଜପା ମଧ୍ୟରେ ୨ଦିନ ହେବ ଟଣାଓଟରା ଲାଗିରହିଛି। ଫଳରେ ଉକ୍ତ ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇବାରୁ ଆଳି ଥାନା ପୋଲିସକୁ ମୁତୟନ କରାଯାଇଛି।

ସୂଚନା ଅନୁଯାୟୀ, ୨୦୨୫ ନୂତନ ବର୍ଷର ଅଭିନନ୍ଦନ ଦେବା ନିମନ୍ତେ ଆଳି ନୂଆବଜାର ମଧ୍ୟଭାଗରେ ଥିବା ଦୁର୍ଗାମଣ୍ଡପ ଛକରେ ଭାଜପା ପକ୍ଷରୁ ଗୁରୁବାର ତୋରଣ ବନ୍ଧା ଚାଲିଥିଲା। ଏହାକୁ ବିଜେଡି କର୍ମୀ ବିରୋଧ କରିଥିଲେ। ଭାଜପା ଏହି ସ୍ଥାନରେ ଚଳିତବର୍ଷ ଅଭିନନ୍ଦନ ତୋରଣ ବାନ୍ଧିବାକୁ ଅଡ଼ି ବସିଥିବା ବେଳେ ବିଜେଡି ଏଠାରେ ଦୀର୍ଘ ୨୫ ବର୍ଷ ହେବ ତୋରଣ ବାନ୍ଧୁଥିବାରୁ ଚଳିତବର୍ଷ ମଧ୍ୟ ତୋରଣ ବାନ୍ଧିବ ବୋଲି ଯୁକ୍ତି କରିଥିଲା। ଉଭୟ କର୍ମୀଙ୍କ ମଧ୍ୟରେ ଯୁକ୍ତିତର୍କ ବଢ଼ି ମୁହାଁମୁହିଁ ପରିସ୍ଥିତି ଉପୁଜିବାରୁ ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଥିଲା। ସାରା ରାତି ପୋଲିସ ଘଟଣାସ୍ଥଳରେ ମୁତୟନ ରହି ପରିସ୍ଥିତି ଉପରେ କଡ଼ା ନଜର ରଖିଛି। ଶୁକ୍ରବାର ଘଟଣାକୁ ନେଇ ଉଭୟ ପକ୍ଷଙ୍କୁ ନେଇ ଥାନାରେ ବୈଠକ ହୋଇଥିଲେ ମଧ୍ୟ ସମାଧାନର ବାଟ ବାହାରି ନ ଥିଲା। ବୈଠକ ପରେ ଘଟଣାସ୍ଥଳରେ ବିଜେଡି କର୍ମୀ ପହଞ୍ଚି ଭାଜପା ବାନ୍ଧିଥିବା ତୋରଣର ସମାନ୍ତରାଳରେ ବାଉଁଶ ପୋତିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଘଟଣାସ୍ଥଳରେ ଆଳି ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ରାଜକନିକା ଥାନା ଆଇଆଇସି ସଞ୍ଜୟ ମଲିକ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି। ଖବର ଲେଖାଯିବା ସୁଦ୍ଧା ଉଭୟ ଭାଜପା ବିଜେଡି ମଧ୍ୟରେ ତୋରଣ ବନ୍ଧାକୁ ନେଇ ଛକାପଞ୍ଝା ଲାଗିରହିଛି।

# ମାଡ଼ ନୁହେଁ କେବଳ କହୁଣି ମାରିଥିଲେ: ବିଧାୟକ ଦେବୀରଞ୍ଜନ

**ଈପ୍‌ସିତାଙ୍କୁ ମହିଳା କର୍ମୀ ଚାପୁଡ଼ା ମାରିବା ପ୍ରସଙ୍ଗ**

କଟକ, ୨୭।୧୨ (ଶିଲ୍ପା ପ୍ରିୟଦର୍ଶିନୀ)



ବିଧାୟକ ଦେବୀରଞ୍ଜନ ତ୍ରିପାଠୀ

ଭୁବନେଶ୍ୱର ଶଙ୍ଖ ଭବନରେ ଗୁରୁବାର ବିଜେଡିର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ୨ ମହିଳା କର୍ମୀ ମାଡ଼ ମରାମରି ହୋଇଥିଲେ। ଏନେଇ ବାଙ୍କୀ ବିଧାୟକ ତଥା ବିଜେଡି ନେତା ଦେବୀରଞ୍ଜନ ତ୍ରିପାଠୀ ଶୁକ୍ରବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି, ଏହା ଅତ୍ୟନ୍ତ ଛୋଟ ଘଟଣା। ଉଭୟ କର୍ମୀଙ୍କ ମଧ୍ୟରେ ବିବାଦ ନାହିଁ। ପରିବାର ଭଳି ଦଳରେ ମଧ୍ୟ କର୍ମୀଙ୍କ ମଧ୍ୟରେ ମନାନ୍ତର ଓ ମତାନ୍ତର ଥାଏ। କେହି କାହାକୁ ମାଡ଼ ମାରି ନାହାନ୍ତି। ଚେୟାର ଖଣ୍ଡେ ନ ମିଳିବାରୁ କେବଳ କହୁଣି ମାରିଦେଲେ। ସେ ଖବରକୁ ଗଣମାଧ୍ୟମ ଓଲଟା ଭାବେ ପ୍ରତିପାଦିତ କରିଛି। ବିଜେଡି ପ୍ରତିଷ୍ଠା ଦିବସକୁ ଲୋକଲୋଚନରୁ ଦୂରେଇ ଦେବାକୁ ଗଣମାଧ୍ୟମରେ ଏଭଳି ଭାବେ ଖବର ପ୍ରକାଶ କରାଯାଇଛି। ବିଜେଡି ସମନ୍ୱୟ କମିଟିର ମୁଖ୍ୟ ତଥା ପୂର୍ବତନ ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଏହି ଘଟଣାର ସମାଧାନ କରାଯାଇଛି। ବିଜେଡି ଏକ ଶୃଙ୍ଖଳିତ ଦଳ। ଏଠାରେ ବିଶୃଙ୍ଖଳାର କୌଣସି ପ୍ରଶ୍ନ ନାହିଁ ବୋଲି ତ୍ରିପାଠୀ କହିଛନ୍ତି। ସୂଚନାଯୋଗ୍ୟ, ଶଙ୍ଖଭବନରେ ବିଜେଡିର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଷ୍ଟେଜ୍ ସମ୍ମୁଖରେ ବିଜେଡି ନେତ୍ରୀ ଈପ୍‌ସିତା ସାହୁ କିଛି ଚେୟାର ପକାଉଥିଲେ। ଏହାକୁ ନେଇ କେତେଜଣ ମହିଳା କର୍ମୀ ଆପତ୍ତି କରିଥିଲେ। ପରିସ୍ଥିତି ଏମିତି ହୋଇଥିଲା ଯେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ହାତାହାତି ପର୍ଯ୍ୟନ୍ତ କଥା ପହଞ୍ଚିଥିଲା। ଈପ୍‌ସିତାଙ୍କୁ ଜଣେ ମହିଳା କର୍ମୀ ଚାପୁଡ଼ା ମାରିଥିବା ଜଣାପଡିଥିଲା।

# ଜନମତ ବଦଳିବା ପରେ ଦଳ ଛାଡୁଛନ୍ତି

ଯାଜପୁର/ଦଶରଥପୁର (ହର୍ଷବର୍ଦ୍ଧନ ବେହେରା/ସୁଶାନ୍ତ ବେହୁରିଆ), ୨୭।୧୨

ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ଏବେଠାରୁ ବିଞ୍ଝାରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ତତ୍ପରତା ପ୍ରକାଶ ପାଇଲାଣି। ବିଞ୍ଝାରପୁର ବ୍ଲକ ଓ ଦଶରଥପୁର ବ୍ଲକର ୧୫ ଗ୍ରାମ ପଞ୍ଚାୟତକୁ ନେଇ ଗଠିତ ସଂରକ୍ଷିତ ବିଞ୍ଝାରପୁର କ୍ଷେତ୍ରରୁ ବିଜେଡି ୨୦୦୦ରୁ ବଡ ବ୍ୟବଧାନରେ ବାଜିମାତ କରିଆସୁଛି। ତେବେ ଗତ ସାଧାରଣ ନିର୍ବାଚନରେ ପ୍ରମିଳା ମଲ୍ଲିକ ଭାଜପାର ବବିତା ମଲ୍ଲିକଙ୍କ ଠାରୁ କଡା ଟକ୍କରର ସମ୍ମୁଖୀନ ହୋଇଥିଲେ। ସେ ମାତ୍ର ୨୮୫୬ ଭୋଟ ବ୍ୟବଧାନରେ ବିଜୟୀ ହୋଇ ଲଗାତାର ୬ଥର ବିଧାୟିକା ହୋଇଛନ୍ତି।

ତେବେ ସେଠାରେ ବିଧାୟିକାଙ୍କ ଭୋଟ କମିବା ଭାଜପାକୁ ଉତ୍ସାହିତ କରିଥିବାବେଳେ ବିଜେଡିର ପାଲଟା ଆକ୍ରମଣ ଏଯାବତ୍ ଦେଖିବାକୁ ମିଳିନାହିଁ। ବଦଳୁଥିବା ଜନମତକୁ ଦୃଷ୍ଟିରେ ରଖି ପଞ୍ଚାୟତସ୍ତରୀୟ ବିଜେଡି ଓ କଂଗ୍ରେସ ସମର୍ଥିତ ନେତାମାନେ ଭାଜପା ଆଡକୁ ଢଳୁଥିବା ଦେଖିବାକୁ ମିଳିଛି। ଗୁରୁବାର ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦଶରଥପୁର ବ୍ଲକ ଜାଫରପୁର ପଞ୍ଚାୟତର ସମିତି ସଭ୍ୟ ଶୈଳେନ୍ଦ୍ର ସାମଲ ବିଜେଡି ତ୍ୟାଗକରି ରାଜ୍ୟ କାର୍ଯ୍ୟାଳୟରେ ଭାଜପାରେ ସାମିଲ ହୋଇଛନ୍ତି। ତାଙ୍କ ସହ ବରିଷ୍ଠ ବିଜେଡି କର୍ମୀ ସୁବାସ ମଲିକ, ଶଶାଙ୍କ ଶେଖର ନାୟକ, ସତ୍ୟରଞ୍ଜନ କୁଅଁର, କଳ୍ପତରୁ ଭୂୟାଁ, କାହ୍ନୁଚରଣ ଦାସ, ରାଧୁଚରଣ ସାହୁ, ରବୀନ୍ଦ୍ର ନାୟକ, କାର୍ତ୍ତିକ ଦାଶ, ସୁରେନ୍ଦ୍ର ମଲ୍ଲିକ, ବିରଞ୍ଚି ସାହୁ, ମନୋରଞ୍ଜନ ସାହୁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ବିଞ୍ଝାରପୁର ବ୍ଲକ ଅଧୀନ ବିଡନା ପଞ୍ଚାୟତର ସରପଞ୍ଚ ରମେଶ ମଲିକ ମଧ୍ୟ ବିଜେଡି ପରିତ୍ୟାଗ କରି ଭାଜପାରେ ସାମିଲ ହୋଇଛନ୍ତି।ତାଙ୍କ ନେତୃତ୍ୱରେ ନାଏବ ସରପଞ୍ଚ ନିରୁପମା ରାଉତ, ୱାର୍ଡ ସଭ୍ୟ ବଟକୃଷ୍ଣ ସାହୁ, ମୀନାରାଣୀ ବେହେରା, ମିନତି କାଣ୍ଡିଙ୍କ ସମେତ ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଏହା ବ୍ୟତୀତ ବାଙ୍ଗରା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଗଗନ ଚନ୍ଦ୍ର ମଲିକ, ଜରୀ ସମବାୟ ସମିତିର ନିର୍ଦ୍ଦେଶକ କୃତିବାସ ମଲିକ, ପୂର୍ବତନ ନିର୍ଦ୍ଦେଶକ ଶରତ ଚନ୍ଦ୍ର ପାତ୍ର ଓ କାଳିନ୍ଦୀ ଚରଣ ପତି ପ୍ରମୁଖ ଭାଜପାରେ ଯୋଗଦାନ କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବରିଷ୍ଠ ନେତା ଅଶୋକ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭାପତି ମନମୋହନ ସାମଲ, ଯାଜପୁର ସଭାପତି ଗୌତମ ରାୟ, ଧର୍ମଶାଳା ବିଧାୟକ ହିମାଂଶୁ ସାହୁ, ବିଜେଡି ନେତ୍ରୀ ବବିତା ମଲ୍ଲିକ, ବରୀ ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ଉମେଶ ଜେନା ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ଯାଜପୁର ଜିଲାକୁ ସମ୍ପୂର୍ଣ୍ଣ ଭାବେ ପଦ୍ମମୟ କରିବା ପାଇଁ ଶପଥ ନେବାକୁ ସମସ୍ତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀରେ ସୋମବାର ୯ ଜଣ ବିଜେଡି ସମର୍ଥିତ ସରପଞ୍ଚ ଓ ୪ ଜଣ ସମିତିସଭ୍ୟ ଭାଜପାରେ ମିଶିଥିଲେ। ବିଗତ ଦିନରେ ଧର୍ମଶାଳା, ବଡ଼ଚଣା ନିର୍ବାଚନମଣ୍ଡଳୀରୁ ମଧ୍ୟ ଶତାଧିକ ବିଜେଡି କର୍ମୀ ଭାଜପା ଟୋପି ପିନ୍ଧିଛନ୍ତି। ତେବେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟିକା ବିଜୟୀ ହୋଇଥିବାବେଳେ ସେଠାରୁ ବିଜେଡି ସମର୍ଥିତ ଛାମୁଆ ନେତା ଭାଜପାରେ ସାମିଲ ହେବା ଜିଲାବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି।

# ଶାହାଙ୍କ ୨ ଦିନିଆ ରାଜ୍ୟ ଗସ୍ତ ବାତିଲ

ଭୁବନେଶ୍ୱର, ୨୭।୧୨ (ସୁନିତ୍ ମିଶ୍ର)

କେତେକ ସରକାରୀ କାର୍ଯ୍ୟକ୍ରମ ଏବଂ ଦଳୀୟ ବିଧାୟକ ଓ ମନ୍ତ୍ରୀମାନଙ୍କ ସହ ବୈଠକ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ୨ ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରହିଛି। ଶାହା ଶନିବାର ସନ୍ଧ୍ୟାରେ ଓଡିଶା ଆସିବାର ଥିଲା। ଆସନ୍ତା ୨୯ରେ କିଛି ସରକାରୀ କାର୍ଯ୍ୟକ୍ରମ ସାଙ୍ଗକୁ ଦଳୀୟ ନେତାଙ୍କ ପ୍ରଦର୍ଶନର ସମୀକ୍ଷା କରିବେ ବୋଲି ସୂତ୍ରରୁ ଜଣାପଡିଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପରଲୋକ ଯୋଗୁ କେନ୍ଦ୍ର ସରକାର ୭ ଦିନିଆ ରାଷ୍ଟ୍ରୀୟ ଶୋକ ପାଇଁ ଘୋଷଣା କରିଛନ୍ତି। ଏଥିଲାଗି କୌଣସି ସରକାରୀ କାର୍ଯ୍ୟକ୍ରମ ଏହି ସମୟ ଭିତରେ ହେବାର ନାହିଁ। ଏହାକୁ ଦୃଷ୍ଟିରେ ରଖି ଶାହାଙ୍କ କାର୍ଯ୍ୟକ୍ରମ ବାତିଲ ହୋଇଥିବା ଭାଜପା ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ସେ ମନମୋହନ ସିଂଙ୍କ ଅନ୍ତ୍ୟେଷ୍ଟି କାର୍ଯ୍ୟକ୍ରମରେ ସାମିଲ ହେବାକୁଥିବା ଯୋଗୁ ଆସିପାରିବେ ନାହିଁ ବୋଲି ବରିଷ୍ଠ ଭାଜପା ନେତା ଗୋଲକ ମହାପାତ୍ର କହିଛନ୍ତି।

# ଚା'ଖଟିରେ ଅଞ୍ଚଳର ସମସ୍ୟା ବୁଝିଲେ ବିଧାୟକ

ରାୟଗଡ଼ା, ୨୭।୧୨ (ଆଶିଷ ରଞ୍ଜନ ପଣ୍ଡା)



ଚା' ଦୋକାନରେ ବିଧାୟକ ଆପଲସ୍ୱାମୀ କାଡ୍ରାକାଙ୍କ ସହ ଅନ୍ୟ ରାଜନେତା।

ଚା' ଖଟିରେ ଲୋକଙ୍କ ସମସ୍ୟା ବୁଝିଲେ ଏବଂ ମତାମତ ସଂଗ୍ରହ କଲେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା। ରାୟଗଡ଼ା ସହରସ୍ଥିତ କାଳୀପୂଜା ଛକ ନିକଟରେ ଥିବା ଚା'ଖଟିରେ ଶୁକ୍ରବାର ବିଧାୟକ ଆପଲସ୍ୱାମୀ ବସି ଜିଲାର ବିଭିନ୍ନ ରାଜନେତା, ଲୋକ ପ୍ରତିନିଧି ଏବଂ ସାଧାରଣ ଲୋକଙ୍କଠାରୁ ଅଞ୍ଚଳର ସମସ୍ୟା ବୁଝିବା ସହ ସାଧାରଣ ଲୋକଙ୍କ ମତାମତ ସଂଗ୍ରହ କରୁଥିବା ଦେଖିବାକୁ ମିଳିଥିଲା। ଏହି ଚା'ଖଟିରେ ଅଞ୍ଚଳର ବିକାଶଠାରୁ ଆରମ୍ଭ ହୋଇ ରାଜନୀତି କ୍ଷେତ୍ର ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଗୁରୁବାର ଆରମ୍ଭ ହୋଇଥିବା ଜିଲାସ୍ତରୀୟ ମହୋତ୍ସବ ଚଇତିଠାରୁ ଆରମ୍ଭ କରି ନିର୍ବାଚନ ମଣ୍ଡଳୀରେ ରହିଥିବା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ଓ ବାସଗୃହ ଆଦି ଉପରେ ବିସ୍ତୃତ ଭାବେ ଉପସ୍ଥିତ ଲୋକଙ୍କ ସହିତ ଆଲୋଚନା କରିଥିଲେ ବିଧାୟକ ଆପଲସ୍ୱାମୀ।

ରାୟଗଡ଼ା ଜିଲାରେ ବିଭିନ୍ନ ଖଣିଜ କମ୍ପାନୀ ରହିଥିବା ବେଳେ ମୋଟା ଅଙ୍କର ରାଜସ୍ୱ ମଧ୍ୟ ଆଦାୟ ହେଉଛି। ହେଲେ ଆଜି ବି ରାୟଗଡ଼ା ଜିଲା ଧନୀ ମା'ର ଗରିବ ଛୁଆ ହୋଇ ରହିଛି ବୋଲି କହିଥିଲେ ବିଧାୟକ। ଆଗାମୀ ଦିନରେ ନିଜ ନିର୍ବାଚନ ମଣ୍ଡଳୀର ବିକାଶକୁ ଗୁରୁତ୍ୱ ଦେଇ ଲୋକଙ୍କ ସମସ୍ୟାର ସମାଧାନ କରିବା ପାଇଁ ସମସ୍ତଙ୍କୁ ସହଯୋଗ କରିବାକୁ କହିଥିଲେ। ରାୟଗଡ଼ା ନିର୍ବାଚନମଣ୍ଡଳୀର ବହୁ ଗରିବ ଖଟିଖିଆ ଲୋକେ ଅର୍ଥ, କାମ ଧନ୍ଦା ଅଭାବରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲି ଯାଉଛନ୍ତି। ତେଣୁ ସେମାନଙ୍କ ଆର୍ଥିକ ବିକାଶ ହେଲେ ହିଁ ଅଞ୍ଚଳର ବିକାଶ ହେବ ବୋଲି ବିଧାୟକ କାଡ୍ରାକା କହିଛନ୍ତି। ବିଶେଷ ଭାବେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗ କିଭଳି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେଥିପ୍ରତି ସମସ୍ତେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ। ଚା'ଖଟିରେ ବିଧାୟକଙ୍କ ସହିତ ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ହାଲୁଆ ସରପଞ୍ଚ ତାମାରାଓ ବିଡ଼ିକା, ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ କୁଲେସିକା, ବରିଷ୍ଠ ଆଦିବାସୀ ନେତା କାମେଶ୍ୱର ପିଡ଼ିକା, କଂଗ୍ରେସ ଯୁବନେତା ହରିଶ ପଟ୍ଟନାୟକ, କିଶୋର କୁଶୁଲିଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ନିର୍ବାଚନମଣ୍ଡଳୀର ସମସ୍ତ ସମସ୍ୟା ଦୂର ପାଇଁ ଲୋକଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କରିବି ବୋଲି କଂଗ୍ରେସ ବିଧାୟକ ଆପଲସ୍ୱାମୀ କହିଛନ୍ତି। ଆଗାମୀ ଦିନରେ ଅଞ୍ଚଳର ବିକାଶ ପାଇଁ ଯାହା ଆବଶ୍ୟକ ପଡ଼ିବ ସମସ୍ତେ ସହଯୋଗ କରିବେ ବୋଲି ଗଙ୍ଗାଧର ପୁଆଲା, ତାମାରାଓ ବିଡ଼ିକା ଓ ଅନ୍ୟମାନେ ପ୍ରକାଶ କରିଛନ୍ତି।

## Business

# ଏମ୍‌ପିସିଇରେ ଉଲ୍ଲେଖନୀୟ ଅଭିବୃଦ୍ଧି

ନୂଆଦିଲ୍ଲୀ, ୨୭।୧୨



କ୍ରମାଗତ ଭାବେ ଦେଶର ମାସିକ ମୁଣ୍ଡ ପିଛା ଉପଯୋଗ ବ୍ୟୟ (ଏମ୍‌ପିସିଇ)ର ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ଗତ ୧ ଦଶନ୍ଧି ମଧ୍ୟରେ ଦେଶରେ ଏମ୍‌ପିସିଇ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି।

ଉଲ୍ଲେଖଯୋଗ୍ୟ, ୨୦୧୧-୧୨ ଆର୍ଥିକ ବର୍ଷ ତୁଳନାରେ ହୋଇଥିବା ବୃଦ୍ଧି ଏବଂ ୨୦୨୩-୨୪ ଆର୍ଥିକ ବର୍ଷର ବୃଦ୍ଧି ଉନ୍ନତି ପରିଲକ୍ଷିତ ହୋଇଛି। ଏହି ପରିପ୍ରେକ୍ଷୀରେ ଭାରତର ଗ୍ରାମାଞ୍ଚଳରେ ୧୮୮% ଏବଂ ସହରାଞ୍ଚଳରେ ୧୬୬% ବୃଦ୍ଧି ହୋଇଥିବା ପାରିବାରିକ ଉପଭୋକ୍ତା ବ୍ୟୟ ସର୍ବେକ୍ଷଣ ବା ଏଚ୍‌ସିଇଏସ୍ ୨୦୨୩-୨୪ ରିପୋର୍ଟରୁ ବିସ୍ତୃତ ଭାବେ ସୂଚନା ମିଳିଛି। ବର୍ତ୍ତମାନ ଭାରତର ଗ୍ରାମାଞ୍ଚଳରେ ଏମ୍‌ପିସିଇ ହାର ୪,୧୨୨ ଟଙ୍କା ଥିବାବେଳେ ସହରାଞ୍ଚଳରେ ୬,୯୯୬ ଟଙ୍କା ରହିଛି। ସେହିପରି ଗତ ୧ଦଶନ୍ଧି ଉପଯୋଗ ବ୍ୟୟ ମଧ୍ୟରେ ହୋଇଥିବା ସୁଧାରକୁ ନେଇ ସକାରାତ୍ମକ ଧାରା ଦେଖିବାକୁ ମିଳିଥିବା ସର୍ବେକ୍ଷଣରେ ଆଲୋକପାତ କରାଯାଇଛି। ଏପରିକି ପାରିବାରିକ ଉପଭୋକ୍ତା ବ୍ୟୟ ସର୍ବେକ୍ଷଣ (ଏଚ୍‌ସିଇଏସ୍) ପରିବାରଗୁଡ଼ିକ ଦ୍ୱାରା ଦ୍ରବ୍ୟ ଏବଂ ସେବାର ମୁଣ୍ଡ ପିଛା ଉପଯୋଗ ବିଷୟରେ ସୂଚନା ସଂଗ୍ରହ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏଚ୍‌ସିଇଏସ୍‌ରେ ସଂଗୃହୀତ ସୂଚନା ପରିବାରର ଉପଯୋଗ ଏବଂ ବ୍ୟୟ ଢାଞ୍ଚା, ଜୀବନଧାରଣର ମାନ ଓ କଲ୍ୟାଣ ବୁଝିବାରେ ସହାୟକ ହୋଇଥାଏ। ଗତ ୧ ଦଶନ୍ଧି ମଧ୍ୟରେ ଭାରତର ଆର୍ଥିକ ପରିଦୃଶ୍ୟରେ ଦ୍ରବ୍ୟ ଓ ସେବାର ଉପଯୋଗ କ୍ଷେତ୍ରରେ ରୂପାନ୍ତରଣକାରୀ ପରିବର୍ତ୍ତନ ଦେଖିବାକୁ ମିଳିଛି। ୨୦୧୧-୧୨ ଆର୍ଥିକ ବର୍ଷ ତୁଳନାରେ ୨୦୨୩-୨୪ଆର୍ଥିକ ବର୍ଷର ଏଚ୍‌ସିଇଏସ୍‌ରେ ଏହାର ସ୍ପଷ୍ଟଚିତ୍ର ଦେଖିବାକୁ ମିଳିଛି। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବର୍ତ୍ତମାନର ଦରଦାମରେ ଦ୍ରବ୍ୟ ଓ ସେବା ଉପଯୋଗ ବାବଦ ବ୍ୟୟ ୩ଗୁଣ ବୃଦ୍ଧି ପାଇଛି। ଏହି ଉଲ୍ଲେଖନୀୟ ଅଭିବୃଦ୍ଧି ଆର୍ଥିକ ସଶକ୍ତୀକରଣ ଏବଂ ସାରା ଦେଶରେ ଭାରତୀୟ ଉପଭୋକ୍ତାଙ୍କର କ୍ରୟ ଶକ୍ତି ସୁଦୃଢ ହେବାକୁ ଦର୍ଶାଉଛି। କେବଳ ସେତିକି ନୁହେଁ, ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ରହିଥିବା ଏମ୍‌ପିସିଇ ବ୍ୟବଧାନ ୨୦୧୧-୧୨ ଆର୍ଥିକ ବର୍ଷରେ ୮୪% ଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୭୦% କୁ ହ୍ରାସ ପାଇଛି। ଏଥିରେ ୧୬% ହ୍ରାସ ଦେଖିବାକୁ ମିଳିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ସହରାଞ୍ଚଳ-ଗ୍ରାମାଞ୍ଚଳ ଏମପିସିଇ ବ୍ୟବଧାନ ୭୧% ଥିଲାବେଳେ ଏହା ଗ୍ରାମାଞ୍ଚଳରେ ଉପଭୋକ୍ତା ଅଭିବୃଦ୍ଧିର ନିରନ୍ତର ପ୍ରଗତିକୁ ପ୍ରତିଫଳିତ କରିଛି।

# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ, ୨୭।୧୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୨୭ (୨୨୬.୫୯) ପଏଣ୍ଟ ବଢି ୭୮,୬୯୯ (୭୮,୬୯୯.୦୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୬୩ (୬୩.୨୦) ପଏଣ୍ଟ ବୃଦ୍ଧି ଘଟି ୨୩,୮୧୩ (୨୩,୮୧୩.୪୦) ଅଙ୍କରେ କାରବାର ଶେଷ ହୋଇଥିଲା।

# ଗ୍ରୀନ୍ ଚିଲିଜ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



ଭୁବନେଶ୍ୱର, ୨୭।୧୨ (ଅଭୟ ଦାଶ)

ରାଜ୍ୟର ଅଗ୍ରଣୀ ଫୁଡ୍ ପ୍ଲାଟ୍‌ଫର୍ମ 'ଗ୍ରୀନ୍ ଚିଲିଜ'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶୁକ୍ରବାର ବ୍ରହ୍ମପୁରର ରୁକ୍ମିଣୀ ସିନେମା ହଲ୍ ରୋଡ଼ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଗ୍ରୀନ୍ ଚିଲିଜ କାଫେ ଆଣ୍ଡ କ୍ୟାଟରିଂ'ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଗ୍ରୀନ୍ ଚିଲିଜ୍‌ର ପ୍ରତିଷ୍ଠାତା ଏମ୍.କେଶବ ରାଓ, ଏମ୍. ଜୟପ୍ରସାଦ ରାଓଙ୍କ ସମେତ ବ୍ରହ୍ମପୁର ଡେପୁଟି ମେୟର ଇଂ. ବିବେକ ରେଡ୍ଡୀ, ଅର୍ବାନ ବ୍ୟାଙ୍କ ସଭାପତି ଆର.ମୁରଲୀ ମୋହନ, କର୍ପୋରେଟର ଟି. କିଶୋର, ବିଧାୟକ ପ୍ରତିନିଧି ଅଶୋକ କୁମାର ଶୁକ୍ଳା, ସାମାଜିକ କର୍ମୀ ଟି. ଗୋପୀ, ଦୁର୍ଗା ପଣ୍ଡା,ଅଜୟ ମହାରଣା, ସନ୍ତୋଷ ପାଣିଗ୍ରାହୀ ଓ ଦିନେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଗ୍ରୀନ୍ ଚିଲିଜର ନିର୍ଦ୍ଦେଶକ ଏମ୍.ତେଜେଶ୍ୱର ରାଓ କହିଛନ୍ତି, ବ୍ରହ୍ମପୁର ସହରରେ ଆମେ ଆମର ପ୍ରଥମ ରେଷ୍ଟୁରାଣ୍ଟ ଆଣ୍ଡ କାଫେକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏଠାରେ ଚାଇନିଜ୍, ତନ୍ଦୁରି, ବିରିଆନି ଓ ବାମ୍ବୋ ଚିକେନର ବିଭିନ୍ନ ଭେରାଇଟିର ଖାଦ୍ୟ ସହ ଗୁଣାତ୍ମକ ଓ ଉନ୍ନତମାନର ପରିବେଶରେ ଗ୍ରାହକଙ୍କୁ ସୁସ୍ୱାଦ୍ଧ ଖାଦ୍ୟ ପସରା ଯୋଗାଇଦେବା ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତି ଅଛୁ। ଅପରପକ୍ଷରେ ଏଠାରେ ପ୍ରଦାନ କରାଯାଉଥିବା ଖାଦ୍ୟ ସହ ସେବା ସଭିଙ୍କୁ ସୁହାଇଲା ଭଳି ଏବଂ ସୁଲଭ ଦର ରଖାଯାଇଛି ବୋଲି ସେ ମତବ୍ୟକ୍ତ କରିଥିଲେ।

# କରେଣ୍ଟ ଆକାଉଣ୍ଟ ଡେଫିସିଟ୍‌ରେ ହ୍ରାସ

ଭୁବନେଶ୍ୱର, ୨୭।୧୨ (ଅନୁରାଧା ମହାରଣା)

୨୦୨୪-୨୫ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଭାରତର ଚଳନ୍ତି ଆକାଉଣ୍ଟ ନିଅଣ୍ଟ ବା କରେଣ୍ଟ ଆକାଉଣ୍ଟ ଡେଫିସିଟ୍ (ସିଏଡି) ୧୧.୨ ବିଲିୟନ ଡଲାରକୁ ହ୍ରାସ ପାଇ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୧.୨% ରେ ରହିଛି। ଅନ୍ୟପଟେ ବୈଦେଶିକ ମୁଦ୍ରା ଭଣ୍ଡାରରେ ମଧ୍ୟ ହ୍ରାସ ଘଟିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗୁରୁବାର ଏହି ସମ୍ବନ୍ଧୀୟ ତଥ୍ୟ ପ୍ରକାଶ କରିଛି। ଦେଶର ସାମ୍ପ୍ରତିକ ଆକାଉଣ୍ଟ ନିଅଣ୍ଟ ବୈଦେଶିକ ବାଣିଜ୍ୟରେ ରପ୍ତାନି ଏବଂ ଆମଦାନୀ ମଧ୍ୟରେ ହେଉଥିବାବେଳେ ଏଥିରେ ବୈଦେଶିକ ବାଣିଜ୍ୟ, ବିଦେଶୀ ପୁଞ୍ଜି ବିନିଯୋଗ ଏବଂ ଅନ୍ୟାନ୍ୟ ବୈଦେଶିକ କାରବାର ଅନ୍ତର୍ଭୁକ୍ତ ରହିଛି। ୨୦୨୩-୨୪ର ଦ୍ୱିତୀୟ ତ୍ରୈମାସିକରେ ଏହା ୧୧.୩ ବିଲିୟନ ଡଲାର ବା ଜିଡିପିର ୧.୩ % ରହିଥିଲା। ୧ ବର୍ଷ ପୂର୍ବେ ସିଏଡି ୩୯.୯ ବିଲିୟନ ଆମେରିକୀୟ ଡଲାର ଥିଲା। ପ୍ରମୁଖ ବର୍ଗରେ ସେବା ରପ୍ତାନି ଯେପରିକି କମ୍ପ୍ୟୁଟର ସେବା, ବ୍ୟବସାୟ ସେବା, ଭ୍ରମଣ ସେବା ଏବଂ ପରିବହନ ସେବା ବର୍ଷକୁ ବର୍ଷ ବୃଦ୍ଧି ପାଇଛି। ଏହା ସହ ବ୍ୟକ୍ତିଗତ ସ୍ଥାନାନ୍ତର ରସିଦ, ଯାହା ମୁଖ୍ୟତଃ ବିଦେଶରେ କାର୍ଯ୍ୟ କରୁଥିବା ଭାରତୀୟଙ୍କଠାରୁ ପଠାଯାଇଥିବା ଅର୍ଥ, ୨୦୨୪-୨୫ରେ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ୩୧.୯ ବିଲିୟନ ଡଲାରରେ ପହଞ୍ଚିଛି । ୨୦୨୩-୨୪ର ଦ୍ୱିତୀୟ ତ୍ରୈମାସରେ ଏହା ୨୮.୧ ବିଲିୟନ ଡଲାର ଥିଲା। ଆର୍ଥିକ ବିବରଣୀରେ ଆର୍‌ବିଆଇ କହିଛି, ନେଟ୍ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ବିନିଯୋଗ ଦୃଷ୍ଟିରୁ ୨୦୨୪-୨୫ ଦ୍ୱିତୀୟ ତ୍ରୈମାସରେ ୨.୨ ବିଲିୟନ ଆମେରିକୀୟ ଡଲାରର ପ୍ରବାହ ହୋଇଛି। ୨୦୨୩-୨୪ ର ସମାନ ଅବଧିରେ, ୦.୮ ବିଲିୟନ ଆମେରିକୀୟ ଡଲାର ପ୍ରତ୍ୟାହାର କରାଯାଇଥିଲା। ବୈଦେଶିକ ପୋର୍ଟଫୋଲିଓ ବିନିଯୋଗ ଅଧୀନରେ ନେଟ୍ ପ୍ରବାହ ୧ବର୍ଷ ପୂର୍ବେ ୪.୯ ବିଲିୟନ ଡଲାରରୁ ୨୦୨୪-୨୫ର ଦ୍ୱିତୀୟ ତ୍ରୈମାସରେ ୧୯.୯ ବିଲିୟନ ଡଲାରରେ ପହଞ୍ଚିଛି। ଅନ୍ୟପଟେ ୧ ବର୍ଷ ପୂର୍ବେ ୨୦.୭ ବିଲିୟନ ଡଲାର ତୁଳନାରେ ଏଫ୍‌ପିଆଇଗୁଡ଼ିକ ୨୦୨୪-୨୫ର ପ୍ରଥମାର୍ଦ୍ଧରେ ୨୦.୮ ବିଲିୟନ ଡଲାରର ନେଟ୍ ରେକର୍ଡ କରିଛି।

# ଟିପିସିଓଡିଏଲ୍‌କୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ସମ୍ମାନ




ଭୁବନେଶ୍ୱର, ୨୭।୧୨


ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)କୁ ନିକଟରେ ଆଉ ଏକ ସମ୍ମାନ 'କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର' ପ୍ରଦାନ କରାଯାଇଛି। ଏପରିକି ୧୫ତମ ଜାତୀୟ ସୁରକ୍ଷା କନ୍‌କ୍ଲେଭ-୨୦୨୪ ଅବସରରେ କମ୍ପାନୀକୁ ଏହି ପୁରସ୍କାର ରୌପ୍ୟ ବର୍ଗରେ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ମ୍ୟାନେଜମେଣ୍ଟ ଆଣ୍ଡ୍ ଏନ୍‌ଭରମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମ୍‌ଏସ୍) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟିପିସିଓଡିଏଲ୍‌କୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ସମ୍ମାନ ଦିଆଯାଇଛି। ଏପରିକି କର୍ମକ୍ଷେତ୍ରରେ ସୁରକ୍ଷା ଓ ନବସୃଜନ ପ୍ରତି ଉଲ୍ଲେଖନୀୟ ଅବଦାନକୁ ପାଳନ କରୁଛି। ଏହି ପୁରସ୍କାର ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟିପିସିଓଡିଏଲ୍ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି, ଏହି ମାନ୍ୟତା ଏକ ସୁରକ୍ଷିତ ଓ ସୁସ୍ଥ କର୍ମକ୍ଷେତ୍ର ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏପରିକି ଡିଜିଟାଲ ଉପକରଣର ଉପଯୋଗ ଏବଂ ଶୂନ ଆଘାତ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହ ଆମକୁ ପରିଚାଳନାଗତ ଉତ୍କର୍ଷ ହାସଲ କରିବାରେ କମ୍ପାନୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ସମ୍ମାନକୁ ଆମେ ଆମର କର୍ମଚାରୀ ଏବଂ ଅଂଶୀଦାରମାନଙ୍କୁ ଉତ୍ସର୍ଗ କରୁଛୁ,ଯେଉଁମାନଙ୍କ ନିରାପତ୍ତା ପ୍ରତି ନିରନ୍ତର ସମର୍ପଣ ଆମକୁ ପ୍ରତିଦିନ ପ୍ରେରଣା ଯୋଗାଉଛି। ସେହିଭଳି ଜାତୀୟ ସୁରକ୍ଷା କନ୍‌କ୍ଲେଭ-୨୦୨୪ରେ କର୍ମକ୍ଷେତ୍ରର ନିରାପତ୍ତା ବୃଦ୍ଧି ପାଇଁ ବିଭିନ୍ନ ରଣନୀତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ମୁଖ୍ୟ ଆକର୍ଷଣ ଥିଲା 'ଶୂନ ଆହତ ଲକ୍ଷ୍ୟ: ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପରିବେଶ (ଏଚ୍‌ଏସ୍‌ଇ) ପରିଚାଳନାରେ ଡିଜିଟାଲ ପ୍ରଯୁକ୍ତି ଗ୍ରହଣ' ଶୀର୍ଷକ ଅଧିବେଶନ ରହିଥିଲା।

# ନେକ୍ସସ୍ ଏସ୍‌ପ୍ଲାନେଡ୍‌ର ବାର୍ଷିକ ସେଲ୍

ଭୁବନେଶ୍ୱର, ୨୭।୧୨

ଦେଶର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ତଥା ମଲ୍ ଚେନ୍ 'ନେକ୍ସସ୍ ଏସ୍‌ପ୍ଲାନେଡ୍'ର ବାର୍ଷିକ ସେଲ୍ ପ୍ରୋଗ୍ରାମ ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ଏପରିକି ୨୦୨୪ବର୍ଷକୁ ମଲଚେନ ଧମାକାଦାର ଭାବେ ଏହାକୁ ଶେଷ କରିବାକୁ ଯାଉଛି। ଏହି ସେଲ୍ ୨୦୨୪ ଡିସେମ୍ବର ୨୭ରୁ ୨୯ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ବର୍ଷର ଅନ୍ତିମ ବିକ୍ରୟ କାର୍ଯ୍ୟକ୍ରମ (ଇଭେଣ୍ଟ) ସମୟରେ ଗ୍ରାହକମାନେ ୫୦% ର ଆକର୍ଷଣୀୟ ରିହାତି ଏକ ଅତୁଳନୀୟ ଶପିଂ ଅଭିଜ୍ଞତା ହାସଲ କରିପାରିବେ। ସେହିଭଳି ଫ୍ୟାଶନ, ଜୀବନଶୈଳୀ, ଇଲେକ୍ଟ୍ରୋନିକ୍ସ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ୧୦୦ ରୁ ଅଧିକ ପ୍ରିମିୟମ ବ୍ରାଣ୍ଡ ଉପରେ ଅତୁଳନୀୟ ରିହାତି ପ୍ରଦାନ କରାଯିବ। ଫଳରେ ଏହା ସର୍ବୋତ୍ତମ ଡିଲ୍ ହାସଲ କରିବାର ଏକ ଉପଯୁକ୍ତ ସୁଯୋଗ ହେବ ବୋଲି ମଲ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଏହି ବିଶାଳ ବିକ୍ରୟ ଅବଧି ମଧ୍ୟରେ ଗ୍ରାହକ ବିଭିନ୍ନ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଓ ସଞ୍ଚୟ କରିପାରିବେ। କେବଳ ଏତିକି ନୁହେଁ, ଅସ୍ଲି ହାପିନେସ୍ ୱାଲା ସେଲ୍ ସମୟରେ ଗ୍ରାହକ ନେକ୍ସସ୍ ଏସ୍‌ପ୍ଲାନେଡ୍‌ର ପ୍ରତ୍ୟେକ କ୍ରୟ ଉପରେ ଏକ ସେଭ୍ ଆଣ୍ଡ୍ ୱିନ୍ ଅଫର ଜରିଆରେ ଆକର୍ଷଣୀୟ ପୁରସ୍କାର ମଧ୍ୟ ପାଇପାରିବେ। ସେହିପରି ଫ୍ଲାଟ୍ ୫୦% ଏବଂ ଚମତ୍କାର ପୁରସ୍କାର ଜିତିବାର ସୁଯୋଗ ସହ ନେକ୍ସସ୍ ଏସ୍‌ପ୍ଲାନେଡ୍ ଗ୍ରାହକମାନଙ୍କୁ ବର୍ଷର ଶେଷ ଶପିଂ ଇଭେଣ୍ଟର ସର୍ବାଧିକ ଫାଇଦା ଉଠାଇବାକୁ ଆମନ୍ତ୍ରଣ କରୁଛି।

୨୦୨୪ ବିଦାୟୀ ବର୍ଷରେ ଶ୍ରୀମନ୍ଦିରରେ ଏଭଳି କିଛି କାର୍ଯ୍ୟ ଛାପ ଛାଡ଼ିଯାଇଛି, ଯାହା ସ୍ୱର୍ଣ୍ଣିମ ଅକ୍ଷରରେ ସବୁବେଳ ପାଇଁ ଲିପିବଦ୍ଧ ହୋଇରହିବ। ବର୍ଷ ପ୍ରାରମ୍ଭରେ ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ଏକ ନୂଆ ରୂପ ଦେଇଥିଲା। ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବେଶକୁ ସହଜ କରିବା ପାଇଁ ୪ଦ୍ୱାର ଖୋଲାଯିବା ସହ ଦୀର୍ଘ ୪୬ ବର୍ଷ ପରେ ରତ୍ନଭଣ୍ଡାର ଖୋଲାଯାଇଥିଲା। ଏପରି କି ଏହି ବର୍ଷ ବିରଳ ରଥଯାତ୍ରା ମଧ୍ୟ ପଡ଼ିଥିଲା। ଗୋଟିଏ ଦିନରେ ନେତ୍ରୋତ୍ସବ, ନବ ଯୌବନ ଏବଂ ରଥଯାତ୍ରା ସମ୍ପନ୍ନ ହୋଇଥିଲା। ତେବେ ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିରକୁ ପହଣ୍ଡି ସମୟରେ ବଳଭଦ୍ର ଠାକୁରଙ୍କୁ ତଳେ ପକାଇ ଦିଆଯିବା ଏବଂ ଅର୍ପଣ ଚାଉଳକୁ ନେଇ ବିବାଦ ଉପୁଜିବା ଆଦି ପ୍ରସଙ୍ଗ ଭକ୍ତ ମହଲରେ ମଧ୍ୟ ଅସନ୍ତୋଷ ସୃଷ୍ଟି କରିଥିଲା।



## ୪୬ ବର୍ଷ ପରେ ଖୋଲିଲା ରତ୍ନଭଣ୍ଡାର

ଶେଷରେ ଦୀର୍ଘ ୪୬ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଥିଲା। ଚଳିତବର୍ଷ ଜୁଲାଇ ୧୪ରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିଥିଲା। ରାଜ୍ୟ ସରକାରଙ୍କ ମଞ୍ଜୁରୀ ପରେ ଜାରି ଏସ୍‌ଓପି ଅନୁଯାୟୀ ବାହାର ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାରଗୁଡ଼ିକୁ ଷ୍ଟ୍ରଙ୍ଗ୍‌ରୁମ୍‌କୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଟ୍ରେଜେରିରେ ଥିବା ଚାବିରେ ତାଲାଗୁଡ଼ିକ ନ ଖୋଲିବାରୁ କଟର ମେଶିନ ଦ୍ୱାରା କଟାଯାଇଥିଲା। ପରେ ଧାର୍ଯ୍ୟ ଶୁଭ ସମୟରେ ରତ୍ନଭଣ୍ଡାର ତଦାରଖ କମିଟିର ସଦସ୍ୟମାନେ ବାହାର ରତ୍ନଭଣ୍ଡାର ଖୋଲି ଭିତରକୁ ପ୍ରବେଶ କରିଥିଲେ। ଭିତରରତ୍ନଭଣ୍ଡାର ତାଲା କଟାଯାଇଥିଲେ ମଧ୍ୟ ସମୟ ଅଭାବରୁ ଭିତରକୁ କେହି ନ ଯାଇ ଫେରିଆସିଥିଲେ। ରତ୍ନଭଣ୍ଡାରରେ ପ୍ରବେଶ ପୂର୍ବରୁ ତଦାରଖ କମିଟିର ସଦସ୍ୟମାନେ ଗୁଣ୍ଡିଚା ମନ୍ଦିର ଯାଇ ମହାପ୍ରଭୁଙ୍କ ନିକଟରେ ଶରଣାପନ୍ନ ହୋଇଥିଲେ। ସେହିପରି ରତ୍ନଭଣ୍ଡାର ରକ୍ଷକ ପ୍ରଭୁ ଶ୍ରୀଲୋକନାଥଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଉଲ୍ଲେଖ ଥାଉ କି, ଶେଷଥର ପାଇଁ ୧୯୭୮ ମସିହାରେ ରତ୍ନଭଣ୍ଡାର ଖୋଲାଯାଇଥିଲା। ଚଳିତ ବର୍ଷ ଭାଜପା ଓଡ଼ିଶାରେ ସରକାର ଗଠନ କରିବା ପରେ ରତ୍ନଭଣ୍ଡାର ଖୋଲିବା ନେଇ ପୂର୍ବ ପ୍ରତିଶ୍ରୁତି ପାଳନ କରିଥିଲା।



## ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ ଚର୍ଚ୍ଚା

ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ ଓ କୋଠରି ଥିବା ନେଇ ଜନତା ଏବଂ ସେବାୟତଙ୍କ ମନରେ ଆଶଙ୍କା ରହିଥିଲା। ଏହାକୁ ନେଇ ଅନେକ ଦିନ ହେବ ଚର୍ଚ୍ଚା ମଧ୍ୟ ଲାଗିରହିଥିଲା। ତେବେ ରତ୍ନଭଣ୍ଡାର ଯାଞ୍ଚ ରିପୋର୍ଟ ଆସିବା ପରେ ସମସ୍ତ ଚର୍ଚ୍ଚାର ଅନ୍ତ ଘଟିଥିଲା। ରତ୍ନଭଣ୍ଡାରରେ କୌଣସି ଗୁପ୍ତ ସୁଡ଼ଙ୍ଗ କିମ୍ବା ଗୁପ୍ତ କୋଠରି ନ ଥିବା ଯାଞ୍ଚ ରିପୋର୍ଟରୁ ସ୍ପଷ୍ଟ ହୋଇଥିବା ନେଇ ନଭେମ୍ବର ୧ରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ। ସୂଚନାଯୋଗ୍ୟ, ଜୁଲାଇ ୧୪ରେ ବାହାର ରତ୍ନଭଣ୍ଡାର ଖୋଲାଯିବା ସହ ଭିତର ରତ୍ନଭଣ୍ଡାର ତାଲା କଟାଯାଇ ନୂତନ ତାଲା ପକାଯାଇଥିଲା। ତେବେ ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ ଓ ଗୁପ୍ତ କୋଠରି ଥିବା ନେଇ ସନ୍ଦେହ ପ୍ରକାଶ ପାଇଥିଲା। ଫଳରେ ଏଏସ୍‌ଆଇ ଏବଂ ଏନ୍‌ଜିଆର୍‌ଆଇ ପକ୍ଷରୁ ଯାଞ୍ଚ କରାଯାଇଥିଲା।





## ବଡ଼ଠାକୁରଙ୍କୁ ପକାଇଦେଲେ

ଚଳିତବର୍ଷର ରଥଯାତ୍ରା ଅବସରରେ ଜୁଲାଇ ୯ରେ ଆଡ଼ପ ମଣ୍ଡପ ପହଣ୍ଡିବେଳେ ଏକ ବଡ଼ ଅଘଟଣ ଘଟିଥିଲା। ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କୁ ରଥରୁ ପହଣ୍ଡି କରି ଅଣାଯାଉଥିବା ବେଳେ ଚାରମାଳ ଉପରେ ସେବକମାନେ ପକାଇ ଦେଇଥିଲେ। ତେବେ ପରେ ଠାକୁରଙ୍କୁ ଉଠାଯାଇ ପୁଣି ପହଣ୍ଡି ହୋଇଥିଲା। ବଡ଼ଠାକୁରଙ୍କ ସେନାପଟା ଲାଗୁଥିବା ପାଟଡୋର ଖସିଯିବାରୁ ଏଭଳି ଅଘଟଣ ଘଟିଥିଲା। ଏହି ଘଟଣାରେ ୯ଜଣ ସେବାୟତ ଆହତ ହୋଇଥିଲେ। ଏନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଭଳି ଘଟଣା ପ୍ରଥମ ଥର ଘଟିଥିବା ନେଇ ଅନେକ ଭକ୍ତ ଓ ସେବାୟତ ମତ ଦେଇଥିଲେ।

## ଭକ୍ତଙ୍କ ପ୍ରବେଶ ପାଇଁ ଶ୍ରୀମନ୍ଦିରର ୪ ଦ୍ୱାର


କୋଭିଡ୍‌ଠାରୁ ଦୀର୍ଘ ୪ବର୍ଷ ଧରି ବନ୍ଦ ରହିଥିବା ଶ୍ରୀମନ୍ଦିର ୪ ଦ୍ୱାର ଭକ୍ତଙ୍କ ନିମନ୍ତେ ଜୁନ୍ ୧୩ରେ ଖୋଲିଥିଲା। ରାଜ୍ୟରେ ନୂତନ ଭାଜପା ସରକାର ଗଠନ ହେବାର ୧୨ଘଣ୍ଟା ମଧ୍ୟରେ ଏହି ପଦକ୍ଷେପ ନିଆଯାଇଥିଲା। ସକାଳ ୬ଟା ୩୦ରେ ମହାପ୍ରଭୁଙ୍କ ମଙ୍ଗଳଆଳତି ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ାଙ୍କ ସମେତ ମନ୍ତ୍ରିପରିଷଦର ସଦସ୍ୟ, ଭାଜପା ଏମ୍‌ପି ଓ ବିଧାୟକମାନଙ୍କ ଉପସ୍ଥିତିରେ ଭକ୍ତଙ୍କ ପାଇଁ ସମସ୍ତ ୪ଦ୍ୱାର ଖୋଲାଯାଇଥିଲା। ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟମାନେ ଅରୁଣସ୍ତମ୍ଭକୁ ମୁଣ୍ଡିଆ ମାରିବା ପରେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ପାଇଁ ୫ଶହ କୋଟି ଟଙ୍କାର କର୍ପସ ପାଣ୍ଠି ସମ୍ପର୍କରେ ସୂଚନା ଦେଇଥିଲେ।

## ପରିକ୍ରମା ପ୍ରକଳ୍ପ ଲୋକାର୍ପିତ



ଜାନୁଆରୀ ୧୭ତାରିଖ ପୌଷ ଶୁକ୍ଳ ସପ୍ତମୀ ତିଥିରେ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହୋଇଥିଲା। ଏହା ଶ୍ରୀକ୍ଷେତ୍ର ଐତିହ୍ୟରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଦେଇଥିଲା। ବୈଦିକ ମନ୍ତ୍ରପାଠ ଓ ବେଦଧ୍ୱନି ମଧ୍ୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରିଥିଲେ। ସେହିପରି ଏହି ଉପଲକ୍ଷେ ୩ଦିନ ଧରି ଚାଲିଥିବା ମହାଯଜ୍ଞରେ ଗଜପତି ମହାରାଜା ଦିବ୍ୟସିଂହଦେବ ପୂର୍ଣ୍ଣାହୁତି ଦେଇଥିଲେ। ପରିକ୍ରମା ପ୍ରକଳ୍ପ ପରିସରରେ ଆକର୍ଷଣୀୟ କଳାକୃତି ଓ ସୁନ୍ଦର ବଗିଚା ପ୍ରଭୃତି ରହିଛି।

## ବିରଳ ରଥଯାତ୍ରା



ଦୀର୍ଘ ୫୩ ବର୍ଷ ପରେ ବିରଳ ସଂଯୋଗ କ୍ରମେ ଚଳିତବର୍ଷ ଜୁଲାଇ ୭ତାରିଖ ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥଯାତ୍ରା ପଡ଼ିଥିଲା। ଫଳରେ ନବଯୌବନ ଦର୍ଶନ ବନ୍ଦ ରହିଥିଲା। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ତିନିରଥ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଗଡ଼ିଥିଲା। ତେବେ ସନ୍ଧ୍ୟା ହୋଇଯିବାରୁ କୌଣସି ରଥ ଶରଧାବାଲିରେ ପହଞ୍ଚିପାରି ନ ଥିଲା। ତାଳଧ୍ୱଜ ରଥ ମରୀଚିକୋଟ ଛକ, ଦର୍ପଦଳନ ରଥ ରାଜନଅର ଏବଂ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ନିକଟରେ ଅଟକି ରହିଥିଲା। ପରଦିନ ସକାଳେ ପୁଣି ରଥଟଣା ହୋଇଥିଲା। ସେହିପରି ଏହି ରଥଯାତ୍ରାରେ ଅଘଟଣ ଘଟିଥିଲା। ରଥଟଣାବେଳେ ପ୍ରବଳ ଭିଡ଼ରେ ଠେଲାପେଲା ଯୋଗୁ ପ୍ରାୟ ୭ଶହ ଭକ୍ତ ଆହତ ଓ ଅସୁସ୍ଥ ହୋଇଥିବାବେଳେ ଅଣନିଃଶ୍ୱାସୀ ହୋଇ ଜଣଙ୍କ ଜୀବନ ଯାଇଥିଲା।

## ଗଡ଼ିଲା ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍



ଜାନୁଆରୀ ୧୮ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍ଷ୍ମୀ ଯୋଜନା ଅନ୍ତର୍ଗତ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ର ଶୁଭାରମ୍ଭ କରିଥିଲେ। ପରେ ୧୯ ତାରିଖରେ ପ୍ରାଥମିକ ପର୍ଯ୍ୟାୟରେ ୧୨ଟି ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ୧୦ହଜାର ଭକ୍ତଙ୍କୁ ନେଇ ପୁରୀ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା। ସେମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ସେମାନେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ବୁଲି ଏକ ନିଆରା ଅନୁଭବ ସାଉଁଟିଥିଲେ। ପର୍ଯ୍ୟାୟକ୍ରମେ ୩୦ଟି ଜିଲାରୁ ଭକ୍ତମାନେ ଆସିଥିଲେ। ଶ୍ରୀକ୍ଷେତ୍ର ସହିତ ପ୍ରତି ଜିଲାକୁ ଯୋଡ଼ିବା ପାଇଁ ରାଜ୍ୟ ସରକାର ଏହି ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା କରିଥିଲେ।

## ଫାଟ ପାଇଁ ଚିନ୍ତା

ରତ୍ନଭଣ୍ଡାର ଉତ୍ତରପାର୍ଶ୍ୱ କାନ୍ଥରେ ଫାଟଥିବା ଏଏସ୍‌ଆଇ ରିପୋର୍ଟରୁ ସୂଚନା ମିଳିବା ପରେ ଶ୍ରୀମନ୍ଦିର ପ୍ରଶାସନର ଚିନ୍ତା ବଢ଼ିଥିଲା। ସେହିପରି ଫେବୃୟାରୀ ୪ରେ ଶ୍ରୀମନ୍ଦିର ଉତ୍ତରଦ୍ୱାର ତଥା ହସ୍ତୀଦ୍ୱାର ଗୁମୁଟରେ ଫାଟ ନଜରକୁ ଆସିଥିଲା। ସେପ୍ଟେମ୍ବର ୧୮ରେ ଶ୍ରୀମନ୍ଦିର ମେଘନାଦ ପାଚେରିରେ ଫାଟ ଦେଖିବାକୁ ମିଳିଥିଲା। ସିଂହଦ୍ୱାର ପାର୍ଶ୍ୱ ଅର୍ଥାତ ନଙ୍ଗୁଳି ମଠ ନିକଟ ଏବଂ ଆଖପାଖ ସ୍ଥାନର ମେଘନାଦ ପାଚେରିରେ ଅନେକ ଫାଟ ସୃଷ୍ଟି ହୋଇ ପାଣି ଗଳୁଥିବା ପରିଲକ୍ଷିତ ହୋଇଥିଲା। ଏ ନେଇ ମଠର ସାଧୁସନ୍ଥଙ୍କ ସମେତ ଜଗନ୍ନାଥପ୍ରେମୀ ଅସନ୍ତୋଷ ବ୍ୟକ୍ତ କରିଥିଲେ।



## ବିବାଦରେ ଅର୍ପଣ ଚାଉଳ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ସମୟରେ ସାରା ରାଜ୍ୟରୁ ଅର୍ପଣ ରଥ ପରିକ୍ରମା ମାଧ୍ୟମରେ ଭକ୍ତଙ୍କଠାରୁ ଗୁଆ ଓ ଚାଉଳ ସଂଗ୍ରହ କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି କ୍ରମେ ଫେବୃଆରୀ ୫ରେ ଉକ୍ତ ଚାଉଳରେ ଖେଚୁଡ଼ି ଓ କାନିକା ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ବଣ୍ଟାଯାଇଥିଲା। ତେବେ ଅର୍ପଣ ଚାଉଳରୁ ଉଷୁନା ବାହାରିଥିବା ନେଇ ସୁଆର ମହାସୁଆର ନିଯୋଗ ପକ୍ଷରୁ ଅଭିଯୋଗ ହୋଇଥିଲା। ସାଧାରଣ ନିର୍ବାଚନ ପରେ ସରକାର ପରିବର୍ତ୍ତନ ହେବାରୁ ଅର୍ପଣ ଚାଉଳରୁ ପ୍ରସ୍ତୁତ କାନିକା ଓ ଖେଚୁଡ଼ି ହଠାତ୍ ବନ୍ଦ କରିଦିଆଯାଇଥିଲା। ଶ୍ରୀମନ୍ଦିର ଉତ୍ତର ଓ ଦକ୍ଷିଣ ଦ୍ୱାରଠାରେ ଗଚ୍ଛିତ ରହିଥିବା ଅର୍ପଣ ଚାଉଳ ନଷ୍ଟ ହୋଇ ଗନ୍ଧ ହୋଇଥିଲା। ଏ ନେଇ ଭକ୍ତମାନେ ଅସନ୍ତୋଷ ବ୍ୟକ୍ତ କରିବା ପରେ ସୁଆର ମହାସୁଆର ନିଯୋଗ ପକ୍ଷରୁ ଚାଉଳକୁ ମିଲ୍‌କୁ ପଠାଯାଇଥିଲା। ଅଗଷ୍ଟ ୨୧ରେ ଗୋପ ବ୍ରାଞ୍ଚ କେନାଲରେ ଏକ ମିନିଟ୍ରକ ଯୋଗେ କୁଇଣ୍ଟାଲ କୁଇଣ୍ଟାଲ ଚାଉଳ ପାଣିକୁ ଫିଙ୍ଗିଦିଆଯାଇଥିଲା। ଏହା ଅର୍ପଣ ଚାଉଳ ବୋଲି ଚର୍ଚ୍ଚା ହେବାରୁ ଜିଲା ପ୍ରଶାସନ ତଦନ୍ତ ନିର୍ଦ୍ଦେଶ ଦେଇଥିଲା। ତାହା ଅର୍ପଣ ଚାଉଳ ନୁହେଁ ପ୍ରଶାସନ ପକ୍ଷରୁ ସଫେଇ ଦିଆଯିବା ସହ ପରବର୍ତ୍ତୀ ସମୟରେ ଟେଣ୍ଡର ଡାକି ନିଲାମ କରାଯାଇଥିଲା।

## ଶ୍ରୀସେତୁ ଲୋକାର୍ପିତ



ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶ୍ରୀସେତୁ ଲୋକାର୍ପିତ ହୋଇଥିଲା। ତୁରୀ ଆକୃତିର ଏହି ସେତୁ ରାଜ୍ୟର ସର୍ବପ୍ରଥମ ଟ୍ରମ୍ପେଟ୍ ବ୍ରିଜ। ସେହିପରି ପୁରୀ ଜିଲାର ସବୁଠାରୁ ବଡ଼ ସେତୁ। ଶ୍ରୀସେତୁ ନିର୍ମାଣରେ ୧୬୧ କୋଟି ୪୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହି ସେତୁ ପୁରୀ-ବ୍ରହ୍ମଗିରି ରାସ୍ତା ଓ ମାଟିତୋଟା ଦେଇ ଜଗନ୍ନାଥବଲ୍ଲଭକୁ ସଂଯୋଗ କରୁଛି। ସେତୁ ଦୁଇ ପାର୍ଶ୍ୱରେ ପଥର କାରୁକାର୍ଯ୍ୟ ଓ ଝୋଟି ଚିତା ଶୋଭାପାଉଛି। ଲୋକେ ଗାଡ଼ି ନେଇ ଆସିବାବେଳେ ଶ୍ରୀସେତୁ ପ୍ରବେଶ ପଥରେ ପ୍ରଥମେ ଏକ ଶଙ୍ଖାକୃତି ଉଦ୍ୟାନ ଦେଖିବାକୁ ପାଇବେ। ସେତୁ ଉଭୟ ପାର୍ଶ୍ୱରେ ବୃକ୍ଷବନାନି ରହିଛି। ଏସବୁ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି।

# ବନ୍ଧୁକ ତିଆରି କାରଖାନା ଠାବ

**୨ ଭାଇ ସମେତ ୩ ଗିରଫ**

ନୀଳଗିରି (ପ୍ରଶାନ୍ତ ବିଶ୍ୱାଳ)/ଉଦଳା (ସନ୍ତୋଷ କୁମାର ବାଛିନୀ), ୨୭।୧୨

ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ବନ ବିଭାଗ ଶୁକ୍ରବାର ଏକ ବନ୍ଧୁକ ତିଆରି କାରଖାନା ଠାବ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ ଭାଇ ରହିଛନ୍ତି। ସେମାନଙ୍କଠାରୁ ବ୍ୟାପକ ପରିମାଣର ବାରୁଦ, ବନ୍ଧୁକ, ବନ୍ଧୁକ ତିଆରି ସରଞ୍ଜାମ ଓ ୫ଟି ଟ୍ରାପ୍ କ୍ୟାମେରା ଜବତ ହୋଇଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ନୀଳଗିରିର କୁଲଡିହା ଅଭୟାରଣ୍ୟ ଅନ୍ତର୍ଗତ ସାଲୁଗଡ଼ିଆ ଘଞ୍ଚଜଙ୍ଗଲ ମଧ୍ୟରେ ବନ ବିଭାଗ ପକ୍ଷରୁ ଖଞ୍ଜା ହୋଇଥିବା ୨ଟି ଟ୍ରାପ୍ କ୍ୟାମେରା ୬ ଦିନ ପୂର୍ବେ ଚୋରି ହୋଇଥିଲା। ଏହି କ୍ୟାମେରା ଲେନ୍ସରେ ଉତ୍ତୋଳନ ହୋଇଥିବା ଶିକାରୀଙ୍କ ଫଟୋକୁ ଆଧାର କରି ଉଭୟ ଜିଲାର ବନ ବିଭାଗ କପ୍ତିପଦା ଥାନା ଅଧୀନ ଖଡ଼ିଖାଣିଆ ଗାଁର କୁନା ସିଂ(୨୫)ଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ବାରୁଦ, ଗୋଟିଏ ଗୁଳି ଭର୍ତ୍ତି ଦେଶୀବନ୍ଧୁକ ଏବଂ ଚୋରି ହୋଇଥିବା ୨ଟି ଟ୍ରାପ୍ କ୍ୟାମେରା ସହ ପୂର୍ବରୁ ଚୋରି ହୋଇଥିବା ଅନ୍ୟ ୩ଟି କ୍ୟାମେରା ଜବତ ହୋଇଥିଲା। ଗିରଫ କୁନାଙ୍କଠାରୁ ସମସ୍ତ ତଥ୍ୟ ହାସଲ ପରେ କପ୍ତିପଦା ପୋଲିସ, କୁଲଡିହା, କପ୍ତିପଦା ଓ ଉଦଳା ବନ ବିଭାଗ ମାଙ୍କଡ଼ପଡ଼ା ଗାଁରେ ଥିବା ବନ୍ଧୁକ ତିଆରି କାରଖାନା ଉପରେ ମିଳିତ ଚଢ଼ାଉ କରିଥିଲେ। ସେଠାରୁ ଲୁହାରଡ୍, ସ୍ପ୍ରିଙ୍ଗ ପାଇପ୍, ହାତୁଡ଼ି, ଚିମୁଟା, ବାରୁଦ, ଗୁଳି, ମୋବାଇଲ ସହ ବନ୍ଧୁକ ତିଆରି ସରଞ୍ଜାମ ଜବତ କରାଯାଇଥିଲା। କାରଖାନା ମାଲିକ ରବୀନ୍ଦ୍ର ଲୋହାର ଓ ତାଙ୍କ ଭାଇ ଦୁଃଶାସନ ଲୋହାରଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଶିକାରୀ କୁନାଙ୍କୁ ବାଲେଶ୍ୱର କୋର୍ଟ ଓ କାରଖାନା ମାଲିକଦ୍ୱୟଙ୍କୁ ବାରିପଦା କୋର୍ଟ ଚାଲାଣ କରାଯାଇଛି। ଉଲ୍ଲେଖଯୋଗ୍ୟ, ସହଜ ଓ ଶସ୍ତାରେ ଦେଶୀ ବନ୍ଧୁକ ମିଳିପାଉଥିବାରୁ ନୀଳଗିରି ଜଙ୍ଗଲ ସଂଲଗ୍ନ ଅଞ୍ଚଳ ସମେତ ଔପଦା, କପ୍ତିପଦା, ଯଶିପୁର, କରଞ୍ଜିଆ, ଉଦଳା, ଖୁଣ୍ଟା ଓ ବାରିପଦା ପ୍ରଭୃତି ଅଞ୍ଚଳରେ ବିକ୍ରି କରାଯାଉଥିବା ସୂଚନା ମିଳିଛି। ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ଅଭିଯୁକ୍ତ କୁନା ସିଂଙ୍କ ନାମରେ ଥାନାରେ ଅନ୍ୟ ଏକ ଏତଲା ଦିଆଯିବ ବୋଲି ନୀଳଗିରି ରେଞ୍ଜର ସୁବ୍ରତ କୁମାର ବେହେରା କହିଛନ୍ତି।



ଗିରଫ ୩ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

# ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଅଖାବସ୍ତାରୁ ଜବତ

**ସିସିଟିଭି ଫୁଟେଜକୁ ଭିତ୍ତି କରି ପୋଲିସର ତଦନ୍ତ ଜାରି**

ପାରଳାଖେମୁଣ୍ଡି, ୨୭।୧୨ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ଗତ ୩ଦିନ ଧରି ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଅଖା ଭିତରେ ବନ୍ଧା ଅବସ୍ଥାରେ ସ୍ଥାନୀୟ ସାତାସାଗରରୁ ଶୁକ୍ରବାର ମିଳିଛି। ମୃତକ ହେଲେ ନୂଆ କ୍ୟାମ୍ପସାଇଡ଼ କୃଷ୍ଣଚନ୍ଦ୍ର ପଣ୍ଡା। ବସ୍ତାରେ ବନ୍ଧା ହୋଇ ସାତାସାଗରରୁ ତାଙ୍କ ମୃତଦେହ ମିଳିଥିବାରୁ ଏହା ଏକ ପୂର୍ବ ପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଛି। ସିସିଟିଭି ଫୁଟେଜ ଓ ପାରିପାର୍ଶ୍ୱିକ ସ୍ଥିତିକୁ ଭିତ୍ତିକରି ଏକହତ୍ୟାମାମଲା (ନଂ.୪୦୫/୨୪) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

କୃଷ୍ଣଚନ୍ଦ୍ର ଗତ ୨୫ତାରିଖରେ ବାହାରକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଗୁରୁବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ କୃଷ୍ଣଚନ୍ଦ୍ରଙ୍କ ମୋବାଇଲ ଟ୍ରାକିଂ କରି ତଦନ୍ତ ଆରମ୍ଭ କରିଥିଲା। ଏପରି କି ନିଖୋଜ ହେବା ରାତିରେ କୃଷ୍ଣଚନ୍ଦ୍ର ଜଗନ୍ନାଥ ସାହିର ଏକ ଖୋଲା ଘର ଭିତରକୁ ଯାଇଥିବା ସୂଚନା ପାଇବା ପରେ ପୋଲିସ ସେହି ଅଞ୍ଚଳର ସିସିଟିଭିକୁ ଯାଞ୍ଚ କରି ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲେ। ତେବେ ସେହି ଅଞ୍ଚଳକୁ କୃଷ୍ଣଚନ୍ଦ୍ରଙ୍କୁ କେହି ଦେଖି ନ ଥିବା ଲୋକେ କହିଥିଲେ। ଶୁକ୍ରବାର ଅପରାହ୍ନରେ ଜଗମ ସାହି ନିକଟସ୍ଥ ସାତାସାଗରରେ ଗୋଟିଏ ବସ୍ତାରେ କିଛି ବନ୍ଧାହୋଇ ପଡ଼ିଥିବା ଖବର ପାଇ ପୋଲିସ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଖୋଲି ଦେଖିଥିଲେ। ସାଗର ଭିତରୁ ବସ୍ତାକୁ ବାହାର କରି ଦେଖିବା ବେଳକୁ ସେଥିରେ ନିଖୋଜ କୃଷ୍ଣଚନ୍ଦ୍ରଙ୍କ କ୍ଷତବିକ୍ଷତ ଗଳିତ ମୃତଦେହ ଥିଲା। ହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପରିବାର ଲୋକେ ମଧ୍ୟ ଏନେଇ କିଛି କହିପାରୁନାହାନ୍ତି। ମୃତଦେହ ଜବତ ପରେ ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ହସ୍ପିଟାଲକୁ ପଠାଇଛି। ଗତ ୨୫ତାରିଖରେ କୃଷ୍ଣଚନ୍ଦ୍ର ମୋବାଇଲରେ କାହା ସହ କଥାବାର୍ତ୍ତା ହୋଇଥିଲା ତାକୁ ନେଇ ପୋଲିସ ଯାଞ୍ଚ କରୁଛି। ଏପରି କି କୃଷ୍ଣଚନ୍ଦ୍ର ନିଖୋଜ ରାତିରେ ଶେଷଥର ପାଇଁ ଯେଉଁ ଘରକୁ ଯାଇଥିଲେ, ସେଠାରେ କିଏ ରହୁଥିଲେ ତାକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ପାରଳାଖେମୁଣ୍ଡି ଜଗମ ସାହି ଏବେ ଅପରାଧୀଙ୍କ ଆଖଡ଼ାସ୍ଥଳୀ ପାଲଟିଛି। ଗତ ଦୁଇ ମାସ ମଧ୍ୟରେ ଦୁଇଟି ହତ୍ୟାକାଣ୍ଡ ଏବଂ ଗୋଟିଏ ଏସିଡ୍ ମାଡ଼ ଭଳି ଘଟଣା ଉକ୍ତ ଅଞ୍ଚଳରେ ଘଟିଛି।



# ଭିଜିଲାନ୍ସ ଧରିବା ପୂର୍ବରୁ ଚମ୍ପଟ ମାରିଲେ ଏଏସ୍ଆଇ

**ଗ୍ରାମରକ୍ଷୀ ଗିରଫ**



ଫେରାର ଏଏସ୍ଆଇ ମୁକୁନ୍ଦ ଖେମୁଣ୍ଡୁ

ଭବାନୀପାଟଣା, ୨୭।୧୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଏଏସ୍ଆଇ ମୁକୁନ୍ଦ ଖେମୁଣ୍ଡୁ ଲାଞ୍ଚ ନେବା ଖବର ପାଇ ଗୁରୁବାର ରାତିରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ହେଲେ ତାଙ୍କୁ ଧରିବା ପୂର୍ବରୁ ସେ ଚମ୍ପଟ ମାରିଥିଲେ। ସୂଚନା ଅନୁଯାୟୀ ଏକ ମାମଲାର ରଫାଦଫା କରିବା ପାଇଁ ଏଏସ୍ଆଇ ଖେମୁଣ୍ଡୁ ଜୁନାଗଡ଼ ଥାନା ଗୋଇପାଦର ଗ୍ରାମର ପ୍ରଭା ପୂଜାରୀଙ୍କଠାରୁ ଗ୍ରାମରକ୍ଷୀ ଶ୍ରୀମୁଖ ବାଗଙ୍କ ମାଧ୍ୟମରେ ୩୫ ଶହ ଟଙ୍କା ଲାଞ୍ଚ ମାଗିଥିଲେ। ଏଥିରେ ଏଏସ୍ଆଇଙ୍କ ୩୦ଶହ ଓ ଗ୍ରାମରକ୍ଷୀଙ୍କ ୫ ଶହ ଟଙ୍କା ଭାଗ ରହିଥିଲା। ଏ ନେଇ ପ୍ରଭା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତେବେ ଗୁରୁବାର ରାତିରେ ଟଙ୍କା ନେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ଭିଜିଲାନ୍ସ ବିଭାଗ ଉଭୟଙ୍କୁ ନିଜ ହେପାଜତକୁ ନେବାକୁ ଚେଷ୍ଟା କରିଥିଲା। ହେଲେ ଧରିବା ପୂର୍ବରୁ ଏଏସ୍ଆଇ ଖେମୁଣ୍ଡୁ ଭିଜିଲାନ୍ସ ଟିମ୍‌କୁ ଚକ୍ମା ଦେଇ ଥାନା ପାଚେରି ଡେଇଁ ଚମ୍ପଟ ମାରିଥିଲେ। ଭିଜିଲାନ୍ସ ବିଭାଗ ୩୫ ଶହ ଟଙ୍କା ଜବତ କରି ଗ୍ରାମରକ୍ଷୀ ବାଗଙ୍କୁ ଭବାନୀପାଟଣାସ୍ଥିତ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରିବା ପରେ ତାଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସେହିପରି ଫେରାର ଏଏସ୍ଆଇଙ୍କୁ ଧରିବାକୁ ଭିଜିଲାନ୍ସ ବିଭାଗ ୨ଟି ସ୍ଥାନରେ ଚଢ଼ାଉ ଜାରି ରଖିଛି। ଏ ନେଇ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଚୋରା ବ୍ୟବସାୟୀଙ୍କ କବ୍‌ଜାରେ ଗଚ୍ଛିତ ଲୁହାପଥର

ଯୋଡ଼ା, ୨୭।୧୨ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ନୟାଗଡ଼ ରେଳ ସାଇଡିଂ ନିକଟରେ ଗଚ୍ଛିତ ଲୁହାପଥର ଖଣି ଚୋରା ବ୍ୟବସାୟୀଙ୍କ କବ୍‌ଜାରେ ରହିଛି। ସେଠାରୁ ବେଆଇନ ଭାବେ ଦିନ ରାତି ଲୁହାପଥର ଚୋରାଚାଲାଣ ହେଉଛି। ଗୁରୁବାର ରାତିରେ ଉକ୍ତ ଷ୍ଟକ୍‌ରୁ ଲୁହାପଥର ବୋଝେଇ ହେଉଥିବା ଖବର ପାଇ ବାମେବାରି ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଲୁହାପଥର ବୋଝେଇ ହେଉଥିବା ୩ ଟ୍ରକ (ନଂ. ଟିଏସ୍ ୩୪ ଟି ୨୨୭୭, ଟିଏସ୍ ୩୪ ଟିବି ୫୫୯୯, ଏଆର୍ ୩୮ଜେଡ ୪୮୫୯) ଓ ଗୋଟିଏ ଜେସିବି ମେସିନ (ନଂ.ଓଡି୦୪ ଏସ ୨୯୮୦)କୁ ଜବତ କରିଛି ଗାଡ଼ି ଛାଡ଼ି ଡ୍ରାଇଭର, ମେସିନ ଅପରେଟର ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ୨୦୧୧ରୁ ନୟାଗଡ଼ ରେଳ ସାଇଡିଂ ନିକଟ ନୟାଗଡ଼-ପଳାସପଙ୍ଗା ରାସ୍ତାକଡ଼ରେ ଥିବା ଏକ ପୁରୁଣା ଲୁହାପଥର ଷ୍ଟକ ଏକ ରପ୍ତାନିକାରୀ ସଂସ୍ଥା ପକ୍ଷରୁ ଗଚ୍ଛିତ ରଖାଯାଇଥିଲା। ସେ ସମୟରେ ଖଣି ବିଭାଗ ପକ୍ଷରୁ ଖଣି ବାହାର ଅଞ୍ଚଳରେ ଗଚ୍ଛିତ ରହିଥିବା ସମସ୍ତ ଷ୍ଟକ ଲାଇସେନ୍ସ ରଦ୍ଦ କରାଯାଇଥିଲା। ଫଳରେ ସମ୍ପୃକ୍ତ ସଂସ୍ଥା ଏହି ଲୁହାପଥରକୁ ପୁନର୍ବାର କରିନ ପରିବହନ କରିପାରିନଥିଲା। ସେଠାରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିଲା। ଦୀର୍ଘଦିନ ପରେ ମଧ୍ୟ ଖଣି ବିଭାଗ ଏହି ଲୁହାପଥରକୁ ଜବତ କରି ନିଲାମ ନ କରିବାରୁ ଚୋରା ବ୍ୟବସାୟୀଙ୍କ ଲୋଲୁପଦୃଷ୍ଟି ଲୁହାପଥର ଉପରେ ପଡ଼ିଛି।

# ଫୁଲବାଣୀ ବିଧାୟକଙ୍କ ଗାଡ଼ି ପୋଡ଼ିଦେଲେ ଦୁର୍ବୃତ୍ତ



ଫୁଲବାଣୀ, ୨୭।୧୨ (ରାଜେଶ କୁମାର ରାଉତ)

ଫୁଲବାଣୀ ସର୍କିଟ ହାଉସରେ ବିଧାୟକଙ୍କ ଗାଡ଼ିକୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି ଘଟଣାର ପ୍ରକୃତ କାରଣ ଜଣାପଡ଼ିନାହିଁ। କିଏ ଏବଂ କେଉଁ ଉଦ୍ଦେଶ୍ୟରେ ଏପରି କଲା ପୋଲିସ ତାହାର ତନାଘନା କରୁଛି। ଏସ୍‌ପି ହରିଶ.ବିସି ଘଟଣାସ୍ଥଳକୁ ଯାଇ ଛାନଭିନ ଆରମ୍ଭ କରିଛନ୍ତି ଏହି ଘଟଣାକୁ ନେଇ ସର୍କିଟ ହାଉସର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ସେପଟେ ସିସିଭିନ ନ ଥିବାରୁ ପୋଲିସ ତଦନ୍ତରେ ବାଧା ସୃଷ୍ଟି ହୋଇଛି। ନେତା, ମନ୍ତ୍ରୀ, ଏମ୍‌ପି, ବିଧାୟକ, ବିଚାରପତିଙ୍କଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତି ସର୍କିଟ ହାଉସରେ ରାତ୍ରିଯାପନ କରୁଥିବା ବେଳେ ସିସିଟିଭି ବ୍ୟବସ୍ଥା କାହିଁକି ନାହିଁ ବୋଲି ଚର୍ଚ୍ଚା ଜୋର୍ ଧରିଛି। ସୂଚନାଯୋଗ୍ୟ, ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ କୌଣସି କାମରେ ଆସିଗୁରୁବାର ରାତିରେ ସର୍କିଟ ହାଉସରେ ରାତ୍ରିଯାପନ କରିଥିଲେ। ସେଠାରେ ଜଣେ ହୋଇଗାର୍ଡ ଜଗିରହିଥିଲେ ଅନ୍ୟ କୋଠିରେ ଥିଲେ। ରାତି ପ୍ରାୟ ୨ଟା ବେଳେ ଜଙ୍କ୍ ସୁରକ୍ଷା ଯାଉଥିବା ଥିବା ହୋମଗାର୍ଡ ବିଧାୟକଙ୍କ ଗାଡ଼ି ସମେତ ଦୁଇଟି ବାଇକ୍‌ରେ ନିଆଁ ଲାଗିଥିବା ଦେଖି କର୍ମଚାରୀମାନଙ୍କୁ ଡାକିଥିଲେ। ସଙ୍ଗେସଙ୍ଗେ ପୋଲିସ, ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଧାୟକଙ୍କ ପିଏଙ୍କ ବାଇକ୍ ଏବଂ ସର୍କିଟ ହାଉସର ଜଣେ କର୍ମଚାରୀଙ୍କ ସ୍କୁଟି ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ବିଧାୟକଙ୍କ ଗାଡ଼ି ପଛ ଚକା ଏବଂ ପାର୍ଶ୍ୱ ଡୋର୍ ମଧ୍ୟ ପୋଡ଼ି ଯାଇଛି ଏ ସମ୍ପର୍କରେ ବିଧାୟକଙ୍କୁ ପଚାରିବାରୁ କିଏ ଓ କାହିଁକି ଏପରି କଲେ ତାହା ଜଣାପଡ଼ୁନି କହିଥିଲେ। ବିଧାୟକ ପ୍ରଶାସନକୁ ଏଠାରେ ତୁରନ୍ତ ସିସିଟିଭି ବ୍ୟବସ୍ଥା କରିବା ପାଇଁ କହିଛନ୍ତି ବୋଲି ପ୍ରକାଶ କରିଛନ୍ତି।


## OFFICE OF THE ROURKELA MUNICIPAL CORPORATION, ROURKELA
### INVITATION FOR BID

No. 15765 Dated 23.12.2024

**Bid Identification No.:- MC/RMC/44/2024**

No.C-1341:- The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online mode. Bid Identification No. MC/RMC/44/2024 for 10 Nos. Civil work with value of Rs.2.41 lakh to Rs.48.31 lakh.

1. Bid documents will be available in website www.tendersorissa.gov.in from 23.12.2024.
2. Bids must be submitted on "online" on or before 04.01.2025 by 17.00 hours.
3. Bids shall be opened at 11.00 hours on 06.01.2025 in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in

Sd/- Municipal Commissioner
Rourkela Municipal Corporation

OIPR-13131/11/0061/2425

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail: serwbpr2004@yahoo.com, Tel. No.-0680-2404287)

No. e-Tender//4195//RWC//BAM//Dated 23.12.2024

**OFFICE ORDER**

No.O-1029: Bid Identification No.Online Tender/13-2024-25/BPR

Due to unavoidable circumstances, the tender invited vide this office Bid Identification No. Online Tender/13-2024-25/BPR is hereby cancelled.

Sd./- N.K. Das
Chief Construction Engineer,
R.W.Circle, Berhampur

OIPR-25071/11/0028/2425

## GOVERNMENT OF ODISHA
## AGRICULTURE DEPARTMENT
## OFFICE OF THE EXECUTIVE ENGINEER (AGRIL.) DHENKANAL DIVISION, DHENKANAL

No. 934 Date. 23.12.2024

### INVITATION FOR BIDS (IFB)
**e procurement notice**

Bid identification number / Tender call notice no. - E E (A) D/D-04 of 2024-25

No.L-122 : The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal invites percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the project approximately from 30.00 lakhs to 40.00 lakh. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 27.12.2024 at 10.00 hours to 03.01.2025 at 11.59 P.M. The bid will be opened on 06.01.2025 at 11.00 A.M. in the O/o Executive Engineer (Agril.), Dhenkanal Division, Dhenkanal. All other details regarding time and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.

Email ID:-eeagri.dhenkanal.@gmail.com

Sd./- Executive Engineer (Agril)
Dhenkanal Division, Dhenkanal

OIPR-01446/11/0004/2425

No.C-1337

## SAMBALPUR MUNICIPAL CORPORATION

Notice No. 11798/SMC Date. 21.12.2024

**QUOTATION CALL NOTICE**

Sealed quotations are invited from intending reputed Agency/Firm/Stockiest/Suppliers for supply of 1 (One) No. of Scorpio (new model) for use of Official work purpose within Sambalpur Municipal Corporation area. All quotations should reach on or before dt.15.01.2025 by 03.00 P.M. The detailed tender document is available in SMC website i.e., www.smcsambalpur.nic.in.

Authority reserves the right to accept or reject any or all tenders without assigning any reason thereof.

Sd./- Municipal Commissioner
Sambalpur Municipal Corporation

OIPR-13122/11/0058/2425

## Government of Odisha
## OFFICE OF THE SILVICULTURIST, SILVICULTURE DIVISION, RAYAGADA

Bid Identification No: SILVA-RGDA-01/2024-25 (Online Tender)
e-mail ID- silva.rgda@odisha.gov.in

**e-Procurement Notice**

No.MM-375 : The Silviculturist, Silviculture Division, Rayagada on behalf of Governor of Odisha invites Item Rate/Percentage bid through e-procurement in Single Cover System according to norm of e-Procurement system in online mode.

1. No. of the works: 01 No. of Forester Quarters & 01 No. of Forest Guard Quarter.
2. Estimated Cost : Rs. 17,08,480/- Respectively Excluding GST. (Forester Quarter.)
3. Estimated Cost : Rs. 12,74,568/- Respectively Excluding GST. (Forest Guard Quarter.)
4. Cost of document: Rs. 6,000/- (Work Sl. No. 01 to 02).
5. Bid Security (EMD declaration amounting to Rs. 1% of the amount put to Tender)
6. Class of Contractor: 'C' & 'D' Class Contractor.
7. The Bid documents will be available in the website www.tendersodisha.gov.in from 11.00 Hrs. of dated. 26.12.2024 to 17.00 Hrs. of dated. 05.01.2025 for "online" bidding.
8. Last date/Time for receipt of bids in the portal : Up to 17.00 Hrs. of Dated. 05.01.2025 Bids received "online" shall be opened at 11.00 A.M. on dated. 06.01.2025 in the Office of the Silviculturist, Silviculture Division, Rayagada (Goutam Nagar 6th Lane, Raniguda farm, Rayagada).
9. Further details can be seen from the e-Procurementportal : "www.tendersodisha.gov.in". Any Addendum/Corrigendum/ Cancellation of tender can also be seen in the said website only.

Sd/- Silviculturist,
Silviculture Division, Rayagada

OIPR-08151/11/0002/2425

## Revenue officers Training Institute (ROTI) Gothapatana, Bhubaneswar
**Tender call Notice**

Tender No. LE-II-02/2024 2102 dated 26.12.2024

No.F-102 : Sealed tenders are invited under two bid systems from reputed, experienced registered Firms/Suppliers for providing Hiring of Vehicle Services at ROTI, Gothapatna, Bhubaneswar. The Tender Documents may be downloaded from the website https://rotiodisha.nic.in/https://roti.odisha.gov.in. The downloaded document should be accompanied with a Demand Draft along with the Bid. The EMD should also be paid by Demand Draft in favour of the Director, Revenue Officers Training Institute, Gothapatna payable at Bhubaneswar along with the technical bid. The last date, time and place for submission of bid is 16.01.2025 by 5.00 P.M. through Regd. Post/Speed Post/Courier Service or by person at Revenue Officers Training Institute, Gothapatna, Bhubaneswar. The Tender Bids will be opened on 17.01.2025 at 11 A.M.

Any corrigendum(s) shall be communicated through the tender section of ROTI website.

OIPR-24164/11/0007/2425 Sd./- Director, ROTI

## ROURKELA FOREST DIVISION

NOTICE NO.710 of 2024-25, Date:24.12.2024

### WALK IN INTERVIEW

No.MM-378:Rourkela Forest Division requires candidates for temporary engagement in following posts for Mobile Veterinary Unit (MVU). The Walk-in-interview is scheduled on 15.01.2025 at 11.00 AM in the conference hall of Rourkela Forest Division. The application form alongwith detail terms and conditions shall be available on the website www.sundargarh.odisha.gov.in/ www.odishaforest.in/ www.dforourkela.in from dt.27.12.2024 to 09.01.2025.

| Position | Number | Qualification | Consolidated Monthly Remuneration (in Rupees) | Remarks |
|---|---|---|---|---|
| Veterinary Officer | One | B.V.Sc & A.H. | 65,000/- | Fresh Veterinarian/ Retired Veterinarian will be engaged directly by the concerned DFO. |
| Livestock Assistant | One | +2 Science with vocational training / Trained Livestock Inspector | 25,000/- | Retired Para Vets Educated Unemployed Youth with desired qualification having vocational training on animal husbandry will be engaged. |

OIPR-08044/11/0017/2425 Sd./- Divisional Forest Officer, Rourkela Forest Division

No.O-957

## GOVERNMENT OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION, JEYPORE
### e-Procurement for Road & Building Works

Bid Identification No: EERWJYP-Online-09/2024-25

Letter No.7407 Date:20.12.2024

01. Name of the Work:: Road & Building Works, 02. Total Number of Works:: 12 (Twelve) Nos. 03. Approximate Estimated Cost:: Rs.2.52 Lakhs to Rs.58.82 lakhs (approximately), 04. Class of Contractor:: "D", "C", "B" & "A" Class, 05.Period of Completion: within 2 Months. 06.Other details::

| Procurement Officer | Bid Identification No. | Sl.No. of work in notice | Availability of tender online for bidding From | To | Last date and time of seeking tender clarification | Date of Opening |
|---|---|---|---|---|---|---|
| Executive Engineer, R.W. Division, Jeypore | Online Tender/09/RWD-JYP/2024-25 | Sl.No. 01 to 12 | 26.12.2024 at 11.00 A.M. | 02.01.2025 upto 5.00 P.M. | 01.01.2025 at 01.30 P.M. | 03.01.2025 at 10.00 A.M. |

Further details can be seen from the website www.tendersodisha.gov.in/nicgep/app
All amendments, Time extension, Clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B.: Any Addendum or Corrigendum will be available in the Website only.

OIPR-25160/11/0011/2425 Sd/- Addl. Chief Engineer, Rural Works Division, Jeypore

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA

E-mail Id:serwbaripada@gmail.com, Ph.No.06792-261343/261344,Gangraj, Baripada
Office Order No.3720/Dt.19.12.24

### 1st Corrigendum to National Competitive Bidding
### e_Procurement Notice No.3620/Road Work Dt.07.12.2024 (NCB No.-361).

No.O-1030:- Due to unavoidable circumstances the important dates of tendering process for road works are being changed as follows.

| Procurement Officer | Bid Identification No. | Availability of tender online for bidding From | | To | | Last date & time of seeking tender clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| | | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| Chief Construction Engineer, Rural Works Circle, Baripada | Road Online N.C.B. No.361 | 20.12.2024 at 11.00 AM | 02.01.2025 At 11.00 AM | 06.01.2025 upto 5.00 PM | 20.01.2025 upto 5.00 PM | 04.01.2025 upto 5.00 PM | 18.01.2025 upto 5.00 PM | 07.01.2025 at 11.00 AM | 21.01.2025 at 11.00 AM | Will be intimated later | Will be intimated later |

All other terms and conditions remain unchanged.

Sd./- Er. A.K. Naik
Chief Construction Engineer, R.W. CIRCLE, BARIPADA

OIPR-25130/11/0009/2425

## ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ
## କନ୍ଧମାଳ, ଫୁଲବାଣୀ

ଦୂରଭାଷ:-୦୬୮୪୨-୨୫୩୬୩୯, ଇ-ମେଲ୍-dfokandhamal@gmail.com

No.M-61: ବିଜ୍ଞାପନ ସଂଖ୍ୟା-୩୧୫୯, ତା.୨୪.୧୨.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୪ ଦ୍ୱିବଲର ମଲ୍ଲିକ, ଗ୍ରାମ-ବଡ଼ିଆସାହି, ଥାନା-ଟିକାବାଲି, ତହସିଲ-ଟିକାବାଲି, ଜିଲ୍ଲା-କନ୍ଧମାଳ, ଓଡ଼ିଶା, ମତ୍ସ୍ୟ ଅଧିକାରୀ, କନ୍ଧମାଳ, ଫୁଲବାଣୀ କାର୍ଯ୍ୟାଳୟରେ ମତ୍ସ୍ୟ ପ୍ରସାରକ ଭାବେ କାର୍ଯ୍ୟରତ ଥିବା ଏବଂ ସେ ସରକାରୀ ଚାକିରିରୁ ତା.୩୦.୧୧.୧୯୯୨ ରେ ଅବସର ଗ୍ରହଣ କରିଥିଲେ। ସେ ଡିସେମ୍ବର ମାସ, ୨୦୦୫ ପର୍ଯ୍ୟନ୍ତ ପ୍ରୋଭିଜନାଲ ପେନସନ ପାଇ ଆସୁଥିଲେ। ତାଙ୍କର ମୃତ୍ୟୁ ତା.୦୮.୦୨.୨୦୦୬ରିଖ ପରେ ତାଙ୍କର ପତ୍ନୀ ଶ୍ରୀମତୀ ଉମାମଣୀ ମଲ୍ଲିକ ତା.୨୫.୦୩.୨୦୨୧ ପର୍ଯ୍ୟନ୍ତ ପ୍ରୋଭିଜନାଲ ପେନସନ ପାଇ ଆସୁଥିଲେ। ତାଙ୍କ ପତ୍ନୀ ଶ୍ରୀମତୀ ଉମାମଣୀ ମଲ୍ଲିକ ଙ୍କର ମୃତ୍ୟୁ ପରେ ତାଙ୍କ ପରିବାର ... ପେନସନ ପାଇଁ ଆବେଦନ କରିଥିବା ... ପ୍ରଦାନ କରାଯାଉ ...

ସ୍ୱା./- ଜିଲ୍ଲା ମତ୍ସ୍ୟ ଅଧିକାରୀ
କନ୍ଧମାଳ, ଫୁଲବାଣୀ

OIPR-06067/11/0008/2425

## ODISHA CONSTRUCTION CORPORATION LTD.
(A Govt. of Odisha Undertaking)
Central Workshop, Rasulgarh, Bhubaneswar-751010 (Odisha), Tel-0674-2580107
E-mail:gmocclcws@gmail.com
(GSTIN-21AAACO2571K2ZM)

No.CAD-1998: "e"- Procurement Notice No.44/OCCL/2024-25 (Online)

Type of Work: Supply of bearings for Kanupur Irrigation Project (130T Rope Drum Hoist). Total No. of Work: 01 (One), Period of Supply: 120 (One Hundred Twenty) days.

| Procurement Officer | Bid Identification No. | EMD through on-line transfer system | Cost of Tender document (including GST) through on-line transfer system | Availability of tender (On-line) | Submission of Bid (On-line) |
|---|---|---|---|---|---|
| General Manager (Mech.), OCC Ltd., Central Workshop, Rasulgarh, Bhubaneswar | OCCL-MECH/CWS/18/2024-25 | Rs.1,80,000/- | Rs.11,800/- (Non-refundable) | 27.12.2024 10.00 AM to 10.01.2025 5.00 PM | 27.12.2024 10.00 AM to 10.01.2025 5.00 PM |

Date of Opening of the Technical Bid: 13.01.2025 at 11.30 A.M.
Further details can be seen from the Govt. website (www.tendersodisha.gov.in).
Amendment/ Corrigendum/ Cancellation, if any shall be posted on-line only.

OIPR-34163/11/0038/2425 Sd./- GENERAL MANAGER (MECH.)

## OFFICE OF THE CHIEF EXECUTIVE, RPRC, BHUBANESWAR
(e-mail Id: rprcbbsr@gmail.com), Tel.-(0674)- 2557925

No.T/45/2099/RPRC Date:24.12.2024

### REQUEST FOR PROPOSAL
### Bid Identification No.RPRC/16/2024-25

No.MM-380:The Chief Executive, RPRC, Bhubaneswar on behalf of Forest, Environment & Climate Change Department, Govt. of Odisha invites RFP for "Design, fabrication, supply and installation of GFRP pergola in Botanical Garden of RPRC, Bhubaneswar" from eligible bidders though e-tendering process through two bid system. The bidders fulfilling the eligibility criteria of the RFP document can access and download the complete RFP and other details from RPRC website www.rprcbbsr.in/e-portal https://rprc.ewizard.in. The bid calendar under the end-to-end process are-

| EMD in Rs. | Cost of Bid Documents in Rs. | Availability of RFP document (online) From | To | Date of Opening of (Technical Bid) |
|---|---|---|---|---|
| 43,000/- (Online) | 6,000.00 (Online) | 26.12.2024/ 10.00 A.M. | 04.01.2025 / 10.00 A.M. | 04.01.2025 / 11.30 A.M. |

Addendum/Corrigendum/Cancellation, if any, will be published in RPRC website and e-portal. Bidder needs to register on the portal after successful Registration and send a mail to eprochelpdesk.101@gmail.com with details (For New Bidders). For any other queries regarding registration & online tender submission contact to: Mr. Shivendra Kumar, Mobile-9355030613 and Jitesh Kumar, Mobile-9355030604, e-mail: eprochelpdesk.101@gmail.com

OIPR-08004/11/0013/2425 Sd./- Chief Executive, RPRC, Bhubaneswar

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# ଫଲୋଅନ ଆଶଙ୍କାରେ ଭାରତ

**ମେଲବୋର୍ନ, ୨୭।୧୨**

ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ଚତୁର୍ଥ କ୍ରିକେଟ ଟେଷ୍ଟ ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ରହିଛି । ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୭୪ ରନ କରିଥିବାବେଳେ ଭାରତ ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ୧୬୪ ରନ ମଧ୍ୟରେ ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଛି । ଦୃଢ଼ ବ୍ୟାଟିଂ କରୁଥିବା ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ରନ୍‌ଆଉଟ ପରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ଏକଦା ୨ ଉଇକେଟ ହରାଇ ୧୫୩ ରନ କରିଥିବା ଭାରତ ପରବର୍ତ୍ତୀ ୬ ରନ ମଧ୍ୟରେ ୩ ଉଇକେଟ ହରାଇଛି । ହାତରେ ୫ ଉଇକେଟ ବାକିଥାଇ ଭାରତ ଆହୁରି ୩୧୦ ରନ ପଛରେ ରହିଛି । ଫଲୋଅନ ଏଡ଼ାଇବାକୁ ହେଲେ ଭ୍ରମଣକାରୀ ଦଳକୁ ଆଉ ୧୧୧ ରନ କରିବାକୁ ପଡ଼ିବ ।

ଏହି ଟେଷ୍ଟରେ ଭାରତର ବ୍ୟାଟିଂ କମ୍ବିନେଶନରେ ପରିବର୍ତ୍ତନ ହୋଇଥିଲା । ଜୟସ୍ୱାଲଙ୍କ ସହ ଇନିଂସ ଓପନ କରିଥିଲେ ଖରାପ ଫର୍ମଦେଇ ଗତି କରୁଥିବା ଅଧିନାୟକ ରୋହିତ ଶର୍ମା । ମାତ୍ର ଏଥିରେ ମଧ୍ୟ ତାଙ୍କୁ ଭାଗ୍ୟ ସାଥ୍ ଦେଇ ନ ଥିଲା । ସେ ମାତ୍ର ୩ ରନକରି ଆଉଟ ହେବାରୁ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା । ଭଲ ଆରମ୍ଭ କରିଥିବା ଲୋକେଶ ରାହୁଲ ମଧ୍ୟ ୨୪ ରନକରି ପ୍ୟାଭିଲିୟନ ଫେରିଥିଲେ । ଏପରି ସ୍ଥିତିରେ ଜୟସ୍ୱାଲ ଓ ବିରାଟ କୋହଲି ସତର୍କତାର ସହ ବ୍ୟାଟିଂ କରି ଶତକୀୟ ଭାଗୀଦାରି ଗଢ଼ିବା ସହ ଇନିଂସ ସମ୍ଭାଳି ନେଇଥିଲେ । ଦୁହେଁ ତୃତୀୟ ଉଇକେଟରେ ୧୦୨ ରନ ଯୋଗ କରିବାପରେ ଦୁର୍ଭାଗ୍ୟଜନକ ଭାବେ ଜୟସ୍ୱାଲ ରନ୍‌ଆଉଟ ହୋଇ ଯାଇଥିଲେ । ଅଷ୍ଟ୍ରେଲିଆ ବୋଲରଙ୍କୁ ସଫଳ ମୁକାବିଲା କରି ଶତକ ଆଡ଼କୁ ଅଗ୍ରସର ହୋଇଥିବା ଜୟସ୍ୱାଲ ୧୧ ଚୌକା ଓ ୧ ଛକା ସହ ୮୨ ରନ କରିଥିବାବେଳେ ବୁଝାମଣାର ଅଭାବରୁ ରନ୍‌ଆଉଟ ହୋଇଥିଲେ । ଏହାପରେ ଚମତ୍କାର ଖେଳି ଆସିଥିବା କୋହଲିଙ୍କର ମଧ୍ୟ ଏକାଗ୍ରତା ଭଙ୍ଗ ହୋଇଥିଲା । ସେ ୩୬ ରନ କରିଥିବାବେଳେ ସ୍କଟ ବୋଲାଣ୍ଡଙ୍କ ଏକ ଅଫ ଷ୍ଟମ୍ପ ବାହାରର ବଲ୍ ଖେଳିବାକୁ ଯାଇ ଉଇକେଟ କିପର ଆଲେକ୍ସ କାରେଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ । ବ୍ୟାଟିଂ କ୍ରମରେ ପଦୋନ୍ନତି ପାଇଁ ନାଇଟୱାଚମ୍ୟାନଭାବେ ୫ ନମ୍ବରରେ ଆସିଥିବା ଆକାଶ ଦୀପ୍ ଖାତା ଖୋଲି ପାରି ନ ଥିଲେ । ଫଳରେ ଭାରତ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା । ଷ୍ଟମ୍ପ ବେଳକୁ ରିଷଭ ପନ୍ତ ୬ ଓ ରବୀନ୍ଦ୍ର ଜାଡେଜା ୪ ରନରେ ଅପରାଜିତ ରହିଥିଲେ । ଅଷ୍ଟ୍ରେଲିଆ ପକ୍ଷରୁ ପ୍ୟାଟ୍ କମିନ୍ସ ଓ ସ୍କଟ ବୋଲାଣ୍ଡ ୨ଟି ଲେଖାଏ ଉଇକେଟ ନେଇଥିଲେ ।


ଯଶସ୍ୱୀ ଜୟସ୍ୱାଲ

### ଷ୍ଟିଭ ସ୍ମିଥ୍‌ଙ୍କ ଶତକ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୩୧୧/୬ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଆଉ ୧୬୩ ରନ ଯୋଗକରି ଅବଶିଷ୍ଟ ୪ ଉଇକେଟ ହରାଇଥିଲା । ଚମତ୍କାର ବ୍ୟାଟିଂ କରି ଶତକ ହାସଲ କରିଥିବା ଷ୍ଟିଭ୍ ସ୍ମିଥ ୧୪୦ ଓ କମିନ୍ସ ୪୯ ରନ ସ୍କୋର କରିଥିଲେ । ଭାରତୀୟ ବୋଲରଙ୍କ ମଧ୍ୟରେ ଯଶପ୍ରୀତ୍ ବୁମ୍‌ରା ୪ଟି, ରବୀନ୍ଦ୍ର ଜାଡେଜା ୩ଟି, ଆକାଶ ଦୀପ୍ ୨ଟି ଓ ୱାଶିଂଟନ ସୁନ୍ଦର ଗୋଟିଏ ଉଇକେଟ ନେଇଥିଲେ ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ଷ୍ଟିଭ୍ ସ୍ମିଥ-୧୪୦, ମାର୍ନସ ଲାବୁସେନ-୭୨, ସାମ୍ କୋନଷ୍ଟାସ-୬୦, ଉସମାନ ଖ୍ୱାଜା-୫୭, ଯଶପ୍ରୀତ୍ ବୁମ୍‌ରା-୪/୯୯, ରବୀନ୍ଦ୍ର ଜାଡେଜା-୩/୭୮, ଆକାଶ ଦୀପ୍-୨/୯୪, ୱାଶିଂଟନ ସୁନ୍ଦର-୧/୪୯ । ଭାରତ ପ୍ରଥମ ଇନିଂସ: ୧୬୪/୫ (ଯଶସ୍ୱୀ ଜୟସ୍ୱାଲ-୮୨, ବିରାଟ କୋହଲି-୩୬, ପ୍ୟାଟ୍ କମିନ୍ସ-୨/୫୭, ସ୍କଟ ବୋଲାଣ୍ଡ-୨/୨୪) ।

## ଏମ୍‌ସିଜିରେ କୋହଲିଙ୍କୁ ପରିହାସ

**ମେଲବୋର୍ନ, ୨୭।୧୨ (ପି.ଟି.):** ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ଟେଷ୍ଟରେ କୋହଲିଙ୍କ ଚରିତ୍ରକୁ ନେଇ ଏବେ ଆଲୋଚନାର ବିଷୟବସ୍ତୁ ପାଲଟିଛି । ମ୍ୟାଚ୍‌ର ପ୍ରଥମ ଦିବସରେ ୧୯ ବର୍ଷୀୟ ପଦାର୍ପଣକାରୀ ଖେଳାଳି ସାମ୍ କୋନଷ୍ଟାନ୍ସଙ୍କୁ କାନ୍ଧରେ ଧକ୍କା ଦେବା ଘଟଣାରେ ଜରିମାନା ହୋଇଥିବା ବେଳେ ତାଙ୍କୁ ଗୋଟିଏ ଡିମେରିଟ୍ ପଏଣ୍ଟ ମିଳିଛି । ଶୁକ୍ରବାର କୋହଲି ଭଲ ବ୍ୟାଟିଂ କରୁଥିଲେ, ମାତ୍ର ଦୁର୍ଭାଗ୍ୟଜନକ ଭାବେ ବ୍ୟକ୍ତିଗତ ୩୬ରନ ସ୍କୋରରେ ସ୍କଟ ବୋଲାଣ୍ଡଙ୍କ ଦ୍ୱାରା କଟ୍ ବିହାଇଣ୍ଡ ହୋଇଥିଲେ । ଆଉଟ ହେବା ପରେ ସେ ଯେତେବେଳେ ଡ୍ରେସିଂ ରୁମ୍‌କୁ ଯିବାପାଇଁ ଟନେଲରେ ପ୍ରବେଶ କରୁଥିଲେ ଏମ୍‌ସିଜିରେ ଦଳେ ଦର୍ଶକ ତାଙ୍କୁ ଆକ୍ଷେପ କରି ଥଟ୍ଟା ପରିହାସ କରିବା ଆରମ୍ଭ କରିଦେଇଥିଲେ । ଏହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ଦୃଶ୍ୟର ଏକ ଶର୍ଟ କ୍ଲିପ ଭାଇରାଲ ହେବାରେ ଲାଗିଛି । ୨୨ସେକେଣ୍ଡର ଏହି ଭିଡିଓରେ କୋହଲି ତାଙ୍କ ପ୍ରତିକ୍ରିୟାରେ କିଛି କହୁଥିବାର ଦେଖିବାକୁ ମିଳିଥିଲା । ମାତ୍ର ତାହା ଭଲରୂପେ ଶୁଣାଯାଉ ନ ଥିଲା । ଷ୍ଟାଣ୍ଡରୁ ଆସିଥିବା ଟିପ୍ପଣୀକୁ ନେଇ ସେ ଖୁବ୍ ଅସନ୍ତୁଷ୍ଟ ଥିବା ତାଙ୍କ ମୁଖମଣ୍ଡଳରୁ ସୂଚନା ମିଳୁଥିଲା । ସୁରକ୍ଷାକର୍ମୀମାନେ ତାଙ୍କୁ ଗନ୍ତବ୍ୟ ସ୍ଥଳକୁ ନେଇ ଯାଇଥିଲେ ।

# ଭାରତର କ୍ଲିନ୍ ସୁଇପ୍

## ମହିଳା କ୍ରିକେଟ

**ଭଦୋଦରା, ୨୭।୧୨ (ପି.ଟି.)**

ସିନିୟର ଅଫ୍ ସ୍ପିନର ଦୀପ୍ତି ଶର୍ମାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ (୬/୩୧) ସହାୟତାରେ ଭାରତ ଏଠାରେ ଶୁକ୍ରବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ୫ ଉଇକେଟରେ ଜିତିନେଇଛି । ଏଥିସହିତ ଦଳ ସିରିଜ ୩-୦ରେ କ୍ଲିନ୍ ସୁଇପ ବିଜୟ ହାସଲ କରିଛି । ଶୁକ୍ରବାର ଅନୁଷ୍ଠିତ ଏହି ଲୋ ସ୍କୋରିଂ ମ୍ୟାଚରେ ଭାରତର ଆରମ୍ଭ ଉତ୍ସାହଜନକ ନ ଥିଲେ ମଧ୍ୟ ଅଧିନାୟିକା ହରମନପ୍ରୀତ କୌର (୩୨ ରନ), ଜେମିମା ରୋଡ୍ରିଗ୍ସ (୨୯), ଦୀପ୍ତି ଶର୍ମା (୩୯*) ଏବଂ ରିଚା ଘୋଷ (୨୩*)ଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ବଳରେ ଭାରତ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୧୬୭ ରନ କରିଥିଲା । ଘରୋଇ ଦଳ ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜକୁ ୩୮.୫ ଓଭରରେ ୧୬୨ ସ୍କୋରରେ ଅଲଆଉଟ କରିଦେଇଥିଲା । ଦୀପ୍ତି ଶର୍ମା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ରେଣୁକା ଠାକୁର ସିଂ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି । ଭାରତ ପୂର୍ବରୁ ଏହି ଦଳ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ୨-୧ରେ ଜିତିଥିଲା ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ଇନିଂସ : ୩୮.୫ ଓଭରରେ ୧୬୨/ଅଲଆଉଟ (ଶିମେନି କ୍ୟାମ୍ପବେଲ୍-୪୬, ଚିନେଲି ହେନ୍‌ରୀ-୬୧ ; ଦୀପ୍ତି ଶର୍ମା-୬/୩୧) । ଭାରତ ଇନିଂସ: ୨୮.୨ ଓଭରରେ ୧୬୭/୫ (ହରମନପ୍ରୀତ କୌର-୩୨, ଦୀପ୍ତି ଶର୍ମା-୩୭*, ରୋଡ୍ରିଗ୍ସ-୨୯ ; ଡିଣ୍ଡ୍ରା ଡଟିନ୍ସ-୧/୨୭) ।



ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ସର୍ବଭାରତୀୟ ଓପନ କରାଟେର ୨ୟ ଦିବସ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କରାଟେ ଇଣ୍ଡିଆ ଅର୍ଗାନାଇଜେଶନ ଏବଂ ଦକ୍ଷିଣ ଏସିଆ କରାଟେ ଫେଡେରେଶନର ସଭାପତି ଭରତ ଶର୍ମା ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଛନ୍ତି ।

# ୟୁନିଟ୍-୬ର ବୃହତ୍ ବିଜୟ

**ଭୁବନେଶ୍ୱର, ୨୭।୧୨ (ତପନ ସ୍ୱାଇଁ)**

କ୍ଲବ-୭୩ ଆନୁକୂଲ୍ୟରେ ୟୁନିଟ୍-୧ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ୨୨ତମ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚରେ ୟୁନିଟ୍-୬ ବୃହତ୍ ବିଜୟ ହାସଲ କରିଛି । ଅଭିନାଶ ସାମଲଙ୍କ ହାଟ୍ରିକ ବଳରେ ଏହି ଦଳ ୬-୧ ଗୋଲରେ ଫୁଲବାଣୀ ଫୁଟବଲ ଏକାଡେମୀକୁ ପରାସ୍ତ କରିଛି । ବିଜୟୀ ଦଳ ପକ୍ଷରୁ ଅଭିନାଶ ୧ମ, ୩୪ ଓ ୪୮ତମ ମିନିଟରେ ୩ଟି ଗୋଲ ଦେଇଥିଲେ । ଚିଣ୍ଟୁ ସାମଲ ୧୦ମ, ଚନ୍ଦ୍ରକାନ୍ତ ଦାସ ୩୨ ଓ ଚନ୍ଦନ ନାଏକ ୫୪ତମ ମିନିଟରେ ଅନ୍ୟ ଗୋଲ ୩ଟି ଦେଇଥିଲେ । ଫୁଲବାଣୀ ଦଳ ପକ୍ଷରୁ ସୁରେଶ ୩୦ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ । ମ୍ୟାଚ ଶେଷରେ ଅଭିନାଶ ସାମଲଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ କ୍ଲବ-୭୩ ଉପସଭାପତି ସିଦ୍ଧାର୍ଥ ପାଢ଼ୀ । କ୍ଲବ-୭୩ ସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସମ୍ପାଦକ ସୁବ୍ରତ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ରାଜେଶ ସାହୁ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଆଶୀର୍ବାଦ କାନୁନ୍‌ଗୋ, ପ୍ରଦୀପ୍ତ ନାୟକ, ଜ୍ୟୋତିରଞ୍ଜନ ସ୍ୱାଇଁ ଓ ରାଜେନ୍ଦ୍ର କୁମାର ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ । ସୁଶାନ୍ତ ଚନ୍ଦ୍ର ମହାନ୍ତି ମ୍ୟାଚ୍ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ ।


ଅଭିନାଶ ସାମଲଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।


# Classified Everyday
**0674-2580101, 9692975378**


REAL ESTATE

**SALE**

**Official space & shops (BMC & RERA approved) for sale in a prime location of BBSR. For details please contact: 7605932509.** D-2319

Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - **9437581914.** D-76223

**4 BHK luxurious flat for sale at Unit-3, Kharavelanagar, back side of Ram Mandir. Handover within 2 months. Please contact: 9438362399.** D-2395

ଭୁବନେଶ୍ୱର AIIMS Medical ପାଖରେ ଘରବାଡ଼ି, Road, ପାଚେରି ଥାଇ ଓ Infocity-2, NHରୁ ମାତ୍ର 500 Meter ଦୂରରେ Plot ମିଳୁଅଛି । No Broker- 9437537549, 9437801541. D-2400

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-2405

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9778832554, 9437226965.** D-2404




Newly open health benefits spa by expert therapist. Contact: 8280961126. D-76180

Newly open health benefits spa by experience lady therapist. 7750040475. D-76179

Newly open Spa positively Health benefit with expert. Contact: 7847834544. D-2365

**AFFIDAVIT**

By virtue of an affidavit sworn before Executive Magistrate, Brahmagiri, dated 26.12.2024, I Tuna Pradhan, Address: At-Alipada, P.O.- Gorual, P.S.- Puri Sadar, Dist.- Puri, Odisha - 752002 declare that I have changed my name from Kuni Pradhan to Tuna Pradhan. Henceforth, I shall be known as Tuna Pradhan for all purposes. (Tuna Pradhan) D-2401

By virtue of an affidavit sworn before the Executive Magistrate, Junagarh, dated 23.12.24, I, Abanti Meher, W/o Sudhir Meher, At/P.O.- Chichaiguda, P.S.- Junagarh, Dist.- Kalahandi, Pin-766014 (Odisha) declare that I have changed my name from Alish Meher to Abanti Meher. Henceforth I shall be known as Abanti Meher for purposes. Abanti Meher D-2406

By virtue of an affidavit sworn before the Notary Public, Koksara/ Bhawanipatna dated 11.12.24, I, Banita Bag, D/o Manglu Bag, Village- Majhipada, P.O.- Charbahal, P.S. - Koksara, Dist.- Kalahandi, declare that in Bank Pass Book my name has been mentioned as Banita Khamari, W/o Amar Khamari, At- Kadalimunda, P.O.- Parla, Dist.- Kalahandi. Henceforth, I shall be known as Banita Bag, D/o. Manglu Bag and address as mentioned above for all purposes. D-2407

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

**Chemical Engineeringରେ Ph.D. ଲାଭ**



**ଡକ୍ଟର ତିତିକ୍ଷା ମହାପାତ୍ର**ଙ୍କର NIT, ରାୟପୁରର ୧୪ତମ ଦିକ୍ଷାନ୍ତ ସମାରୋହରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ ଡକ୍ଟରେଟ୍ ଲାଭ କରିଛନ୍ତି । ସେ NIT, ରାୟପୁରର Chemical Engineeringର ପ୍ରଫେସର ଡକ୍ଟର ପ୍ରବୀର ଘୋଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ତାଙ୍କର ଲିଖିତ ସନ୍ଦର୍ଭ "Fluidized bed Fenton process for the remediation of dye-based waste water" ଶୀର୍ଷକ NIT, Warangalର Chemical Engineering ପ୍ରଫେସର Dr. P.V. Sureshଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଅଛି ।

ଡକ୍ଟର ତିତିକ୍ଷା ମହାପାତ୍ର ଖୋର୍ଦ୍ଧା ନିବାସୀ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମହାପାତ୍ର (କେନ୍ଦ୍ରୀୟ କର୍ମଚାରୀ) ଓ ଶ୍ରୀମତୀ ସୁସନ୍ଧ୍ୟାରାଣୀ ଦାସ (ପ୍ରଧାନ ଶିକ୍ଷୟିତ୍ରୀ, ଉଚ୍ଚ ବିଦ୍ୟାଳୟ)ଙ୍କ ଏକମାତ୍ର ସୁକନ୍ୟା ଅଟନ୍ତି । ସେ ତାଙ୍କର ଏହି ସଫଳତା ପାଇଁ ପ୍ରଥମେ ଶ୍ରୀଜଗନ୍ନାଥ, ସାଇବାବା, ତାଙ୍କ ଗାଇଡ୍ ଶ୍ରୀଯୁକ୍ତ ପ୍ରବୀର ଘୋଷ, ପିତାମାତା, ଭାଇ ଶୋଭନ ସୁବ୍ରଜିତ୍ ମହାପାତ୍ର, ବନ୍ଧୁବାନ୍ଧବ, ଗୁରୁଜନ ଓ ସହକର୍ମୀମାନଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି ।

ଧ-୭୩୫୭୦

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

**LEGAL NOTICE**

IR No.-1198
Date- 03.12.2024

**ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨**
**ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା**
**ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ)**
**ଅନୁଯାୟୀ ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର- ୧୫/୨୦୨୩**

ରବୀନ୍ଦ୍ର ନାଥ ମହାପାତ୍ର ... ... ... ବାଦୀ
ବନାମ
କୈଳାଶ ଚନ୍ଦ୍ର ମହାନ୍ତି ଏବଂ ଅନ୍ୟମାନେ ... ... ... ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ୍-୨୦ ମୁତାବକ

୧. କୈଳାଶ ଚନ୍ଦ୍ର ମହାନ୍ତି, ପିତା- ସିଧେଶ୍ୱର ମହାନ୍ତି, ସା./ପୋଷ୍ଟ- ଘାଟିକିଆ, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା ।
୨. ଦୀନମଣି ଗରାବଡୁ, ୩. ନୀଳମଣି ଗରାବଡୁ, ୪. କୁଳମଣି ଗରାବଡୁ, ୫. ଯଦୁମଣି ଗରାବଡୁ, ୬. ଗୁଣମଣି ଗରାବଡୁ ।
ପ୍ରତିବାଦୀ ନଂ. ୨ଠାରୁ ୬ ମାନଙ୍କର ପିତା ସ୍ୱର୍ଗତ ହରିହର ଗରାବଡୁ । ପ୍ରତିବାଦୀ ନଂ. ୨ଠାରୁ ୬ମାନଙ୍କର ବାସସ୍ଥାନ- ସା./ପୋଷ୍ଟ- ଓଲ୍ଡ ଟାଉନ, ଥାନା- ଶ୍ରୀ ଲିଙ୍ଗରାଜ, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି । ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି । ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୪।୦୧।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ଜମିର ବିବରଣୀ
ମୌଜା- ଘାଟିକିଆ, ତହସିଲ- ଭୁବନେଶ୍ୱର, ଥାନା - ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ପ୍ରି-ସାବକ

| ଖାତା ନଂ. | ପ୍ଲଟ୍ ନଂ. | କିସମ | ରକବା | ସ୍ୱତ୍ୱ |
|---|---|---|---|---|
| ୮୫ | ୩୨୬ | ସାରଦ-୨ | ଏ.୦.୩୨୫ଡି. ସ୍ୱଧରୁ ଏ.୦.୦୫୪ଡି. | ସ୍ଥିତିବାନ |

ସାବକ

| ଖାତା ନଂ. | ପ୍ଲଟ୍ ନଂ. | କିସମ | ରକବା | ସ୍ୱତ୍ୱ |
|---|---|---|---|---|
| ୧୦୬ | ୨୭୫ | ସାରଦ-୨ | ଏ.୦.୮୨୫ଡି. ସ୍ୱଧରୁ ଏ.୦.୦୫୪ଡି. | ସ୍ଥିତିବାନ |

ହାଲ୍

| ଖାତା ନଂ. | ପ୍ଲଟ୍ ନଂ. | କିସମ | ରକବା | ସ୍ୱତ୍ୱ |
|---|---|---|---|---|
| ୫୮୨ | ୪୫୯୨ | ସାରଦ- ଅଣଜଳ ସେଚିତ-୨ | ଏ.୦.୦୮୫ଡି. ସ୍ୱଧରୁ ଏ.୦.୦୫୪ଡି. | ସ୍ଥିତିବାନ |


ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା 03.12.2024 ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର **ସ୍ୱା./- କୋର୍ଟ ଅଫିସର**

ଧ-୨୪୦୨

**ମନେ ପଡ଼ନ୍ତି**

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଶଶାଙ୍କ ଶେଖର ସାମନ୍ତ**
ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ
ଜଳସମ୍ପଦ ବିଭାଗ, ଓଡ଼ିଶା
ଆବିର୍ଭାବ: ୩୦.୦୫.୧୯୪୨
ତିରୋଧାନ: ୧୫.୧୨.୨୦୧୭
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳୀ ସହିତ : ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ

ଧ-୭୨୫୮୩୩



**ଵ ଡୁଙ୍ଗେଇ ସୁନ୍ଦରା**
ସ୍ଥାନ - ଖୋର୍ଦ୍ଧା, ଚଣ୍ଡିଛକ
ଆବିର୍ଭାବ - ୩୦.୦୪.୧୯୩୦
ତିରୋଧାନ - ୦୫.୦୧.୨୦୦୫
(୨୦ ବର୍ଷ ତ୍ରୟୋଦଶ ଶ୍ରାଦ୍ଧ)
ପ୍ରଭୁଙ୍କ ପାଦପଦ୍ମ ତଳେ ରହି ଆମକୁ ସଦାସର୍ବଦା ଆଶୀର୍ବାଦ କରୁଥାଅ ।
ଆପଣଙ୍କର ଅଭୁଲା ସୁନ୍ଦରା ପରିବାରବର୍ଗ ।

D-73568

ଚାହୁଁ ଚାହୁଁ ବର୍ଷଟିଏ ସରିଗଲା। ବିଦାୟ ନେଉଛି ୨୦୨୪ ଓ ପାଦ ଥାପୁଛି ୨୦୨୫। ବିଦାୟୀ ବର୍ଷରେ ଓଡ଼ିଆ ଭାଷା-ସାହିତ୍ୟରେ କେତେକେତେ ଘଟଣା ଘଟିଯାଇଛି, ଯାହାର ସାକ୍ଷୀ ଧରିତ୍ରୀ 'ସାହିତ୍ୟାୟନ'। ପ୍ରକାଶନ ସୁବିଧାରୁ ବଞ୍ଚିତ ଓଡ଼ିଶାର ନବ ପ୍ରତିଭାଙ୍କୁ ପୃଷ୍ଠପୋଷକତା ଯୋଗାଇଛି 'ସାହିତ୍ୟାୟନ'। ଦେଶ ଦେଶାନ୍ତରର ସାରସ୍ୱତ ଘଟଣାବଳୀକୁ ଦେଇଛି ପ୍ରାଥମିକତା ଓ ନାନାଭାବେ ଆମ ଭାଷା-ସାହିତ୍ୟର ବିଜୟବାନା ଉଡ଼ାଇଛି। କାଳର ନିୟମରେ ଆମ ଭିତରୁ କେତେକ ଯଶସ୍ୱୀ ସ୍ରଷ୍ଟା ବିଦାୟ ନେଇଛନ୍ତି। ସେମାନଙ୍କ ପ୍ରତି ଆମର ଶ୍ରଦ୍ଧା ନିବେଦିତ ରହିଲା। 'ସାହିତ୍ୟାୟନ'ରେ ଭାଗୀଦାରି ପାଠିକାପାଠକ, ଲେଖିକାଲେଖକ- ସମସ୍ତଙ୍କୁ ନୂଆବର୍ଷ ୨୦୨୫ର ଅନେକ ଅନେକ ଶୁଭେଚ୍ଛା!

## ଯାହାଙ୍କ ଚଲାପଥରେ ଫୁଲଚନ୍ଦନ...



ବୈଷ୍ଣବ ଚରଣ ସାମଲ | ସୁଲୋଚନା ଦାସ | ଶ୍ରୀହରି ଧଳ | ଦିଲୀପ କୁମାର ସ୍ୱାଇଁ



ସୀତେଶ ତ୍ରିପାଠୀ

୨୦୨୪ର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି ବର୍ଷୀୟାନ୍ ସାହିତ୍ୟ-ସମାଲୋଚକ ବୈଷ୍ଣବ ଚରଣ ସାମଲ, ତାଙ୍କ ପୁସ୍ତକ 'ଭୂତି ଭକ୍ତି ଓ ବିଭୂତି' ପାଇଁ। 'ପ୍ରଜାତନ୍ତ୍ର ପ୍ରଚାର ସମିତି' ପ୍ରଦତ୍ତ ବିଷୁବ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ସୁଲେଖିକା ସୁଲୋଚନା ଦାସ। କବିତା ପାଇଁ ଶ୍ରୀହରି ଧଳ, ପ୍ରବନ୍ଧ ପାଇଁ ଦିଲୀପ କୁମାର ସ୍ୱାଇଁ ଓ ଗଳ୍ପ ପାଇଁ ସୀତେଶ ତ୍ରିପାଠୀ 'ଝଙ୍କାର ପୁରସ୍କାର' ପାଇଛନ୍ତି। ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନ୍ ପ୍ରଦତ୍ତ 'ସାହିତ୍ୟ ଭାରତୀ' ସମ୍ମାନରେ ସମ୍ମାନିତ ହୋଇଛନ୍ତି ବିଶିଷ୍ଟ ଗାଳ୍ପିକା ଅର୍ଚ୍ଚନା ନାୟକ ଓ 'ଭାନୁଜୀରାଓ ପୁରସ୍କାର' ପାଇଛନ୍ତି ବରିଷ୍ଠ କବି ପ୍ରଭାକର ଶତପଥୀ। ଇମ୍ପା ଟ୍ରଷ୍ଟ ନିବେଦିତ 'ଶାରଳା ପୁରସ୍କାର' ପାଇଛନ୍ତି ଔପନ୍ୟାସିକା ସରୋଜିନୀ ସାହୁ ତାଙ୍କ ଉପନ୍ୟାସ 'ଅସ୍ଥିର ପାଦ' ପାଇଁ। ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲ ଓ ଅନୁବାଦକ ବଙ୍ଗାଳୀ ନନ୍ଦ ପାଇଛନ୍ତି ଯଥାକ୍ରମେ କେନ୍ଦ୍ର ସାହିତ୍ୟ ଏକାଡେମୀ 'ବାଲ୍ ସାହିତ୍ୟ ପୁରସ୍କାର' ଓ 'ଅନୁବାଦ ପୁରସ୍କାର'। ପଦ୍ମଭୂଷଣ ପ୍ରତିଭା ରାୟ ଏବର୍ଷ ପାଇଛନ୍ତି ଓ.ଏନ୍.ଭି. ସାଂସ୍କୃତିକ ଏକାଡେମୀ (କେରଳ) ପ୍ରଦତ୍ତ ସମ୍ମାନଜନକ 'ଓଏନ୍‌ଭି ସାହିତ୍ୟ ପୁରସ୍କାର', ଯାହାର ମାନରାଶି ତିନି ଲକ୍ଷ ଟଙ୍କା। ଏ ସମସ୍ତ ସମ୍ମାନିତ ପ୍ରତିଭାଙ୍କୁ ଧରିତ୍ରୀ 'ସାହିତ୍ୟାୟନ'ର ଗଭୀର ଅଭିନନ୍ଦନ...



ଅର୍ଚ୍ଚନା ନାୟକ



ପ୍ରଭାକର ଶତପଥୀ | ସରୋଜିନୀ ସାହୁ | ମାନସ ରଞ୍ଜନ ସାମଲ | ବଙ୍ଗାଳୀ ନନ୍ଦ | ପ୍ରତିଭା ରାୟ



ନବକିଶୋର ମିଶ୍ର



ଅଭିନ ଚନ୍ଦ୍ର ସାହୁ



ବିଜୟିନୀ ଦାସ



ଅନାଦି ଚରଣ ସାହୁ



ଅରୁଣ କୁମାର ପଣ୍ଡା



ସଞ୍ଜୟ କୁମାର ଶତପଥୀ



ସାତକଡ଼ି ହୋତା

## କାଳ ବଳରେ ଯେଉଁମାନେ ବାହୁଡ଼ିଗଲେ...

୨୦୨୪ରେ ଆମକୁ ଶୋକଦଗ୍ଧ କରାଇ ଯେଉଁ କୃତବିଦ୍ୟ ଲେଖିକାଲେଖକ କାଳ ବଳରେ ଆମ ଗହଣରୁ ବାହୁଡ଼ିଗଲେ, ସେମାନଙ୍କ ସ୍ଥାନ ପୂରଣ ସମୟସାପେକ୍ଷ। ୫ ଜାନୁଆରୀରେ 'ବର୍ତ୍ତିକା' ସମ୍ପାଦକ ନବକିଶୋର ମିଶ୍ର, ୮ ଜାନୁଆରୀରେ ଲେଖକ ଅଭିନ ଚନ୍ଦ୍ର ସାହୁ, ୧୨ ଜାନୁଆରୀରେ ଲେଖିକା ବିଜୟିନୀ ଦାସ, ୨୦ ଜାନୁଆରୀରେ ଔପନ୍ୟାସିକ ଅନାଦି ଚରଣ ସାହୁ, ୨୨ ଜାନୁଆରୀରେ ଗ୍ରନ୍ଥକାର ଅରୁଣ କୁମାର ପଣ୍ଡା, ୧୧ ଫେବୃଆରୀରେ ସାହିତ୍ୟିକ ସାତକଡ଼ି ହୋତା, ୨୨ ମେ ରେ କବି ସୁନୀଲ କୁମାର ପୃଷ୍ଟି, ୯ ଜୁନ୍‌ରେ ଗୀତିକବି ବିଷ୍ଣୁ ପ୍ରସାଦ ପଟ୍ଟନାୟକ, ୧୨ ଜୁନ୍‌ରେ ପ୍ରାବନ୍ଧିକ ରାଇଚରଣ ଦାସ, ୪ ଅଗଷ୍ଟରେ କାର୍ଟୁନିଷ୍ଟ ଜ୍ଞାନ ରଥ, ୧୧ ଅଗଷ୍ଟରେ ଉଦୀୟମାନ କବି ବଳରାମ ପୂଜାରୀ, ୧୭ ସେପ୍ଟେମ୍ବରରେ ଗୀତିକାର ନାରାୟଣ ପ୍ରସାଦ ସିଂହ, ୨୩ ସେପ୍ଟେମ୍ବରରେ କବି ହରିହର ମିଶ୍ର, ୧୦ ଅକ୍ଟୋବରରେ ପ୍ରାବନ୍ଧିକା କ୍ଷୀରୋଦ୍ରା ପରିଡା, ୧୩ ଅକ୍ଟୋବରରେ 'ଶ୍ୱେତ-ସଂକେତ' ସମ୍ପାଦକ ଦେବେନ୍ଦ୍ର ନାଥ ଦାଶ, ୧ ନଭେମ୍ବରରେ ଜଗନ୍ନାଥ ସଂସ୍କୃତି ଗବେଷକ ସୁନୀଲ ରଥ, ୭ ନଭେମ୍ବରରେ ପ୍ରାବନ୍ଧିକ ଚିନ୍ତାମଣି ଭାରତୀ, ୩୦ ନଭେମ୍ବରରେ ପ୍ରାବନ୍ଧିକ ପାବକ କାନୁନ୍‌ଗୋ, ୩ ଡିସେମ୍ବରରେ କବୟିତ୍ରୀ ଶକୁନ୍ତଳା ଦେବୀ, ୨୫ ଡିସେମ୍ବରରେ କବି ସଂଜୟ କୁମାର ଶତପଥୀଙ୍କ ପରଲୋକ ହୋଇଛି। ଏ ସବୁ ଥିଲେ ନିଜ ନିଜ କ୍ଷେତ୍ରରେ ବେଶ୍ ପ୍ରତିଷ୍ଠିତ ଓ 'ଧରିତ୍ରୀ'ର ଶୁଭଚିନ୍ତକ। ଏମାନଙ୍କ ସ୍ମୃତି ପ୍ରତି 'ସାହିତ୍ୟାୟନ'ର ଗଭୀର ଶ୍ରଦ୍ଧାଞ୍ଜଳି...



ଶକୁନ୍ତଳା ଦେବୀ



ସୁନୀଲ କୁମାର ପୃଷ୍ଟି



ପାବକ କାନୁନ୍‌ଗୋ



ବିଷ୍ଣୁ ପ୍ରସାଦ ପଟ୍ଟନାୟକ



ଚିନ୍ତାମଣି ଭାରତୀ



ରାଇଚରଣ ଦାସ



ସୁନୀଲ ରଥ



ଜ୍ଞାନ ରଥ



ଦେବେନ୍ଦ୍ର ନାଥ ଦାଶ



କ୍ଷୀରୋଦ୍ରା ପରିଡା



ହରିହର ମିଶ୍ର



ନାରାୟଣ ପ୍ରସାଦ ସିଂହ



ବଳରାମ ପୂଜାରୀ

## କାଳକାଳକୁ

"କହିବା ଆଗରୁ ଚିନ୍ତା କରିବା ସମାଲୋଚନା, ଚିନ୍ତା କରିବା ଆଗରୁ କହିବା ସୃଜନ।"
-ଇ.ଏମ୍. ଫୋର୍ଷ୍ଟର




"ପୃଥିବୀରେ ଏତେ ଆଲୁଅ, ତେବେ ପୃଥିବୀର ମଣିଷଗୁଡ଼ିକ ଏତେ ଅନ୍ଧାରରେ କାହିଁକି?"
– ଆଶାପୂର୍ଣ୍ଣା ଦେବୀ



"ପ୍ରକୃତି କେବେ ପ୍ରତାରିତ କରେ ନାହିଁ, ଯିଏ ତାକୁ ପ୍ରାଣଭରି ଭଲପାଏ।"
– ୱିଲିୟମ୍ ୱାର୍ଡ୍‌ସୱର୍ଥ



"ପ୍ରକୃତି-ପ୍ରେମ ମଣିଷକୁ ସୁଖକର ଜୀବନ ଆଡ଼କୁ ଘେନିଯାଏ।"
– ସୁମିତ୍ରାନନ୍ଦନ ପନ୍ତ



"ଜୀବନ ଏକ ଦୀର୍ଘ ପ୍ରସ୍ତୁତି ତା'ରି ପାଇଁ, ଯାହା କେବେ ଘଟେ ନାହିଁ।"
– ଡବ୍ଲ୍ୟୁ. ବି. ୟେଟ୍‌ସ



"କଳା କ'ଣ କି, ଦେଖିବାର ଏକ ତରିକା।"
– ସଲ୍ ବେଲୋ



"ଯଂତ୍ରଣାର ନାଟକରେ ସାମୟିକ କାହାଣୀ ହେଉଛି ସୁଖ।"
– ଥୋମାସ୍ ହାର୍ଡି



"ସବୁ ଯୁଦ୍ଧ ସରିଯିବା ପରେ ବି ପ୍ରଜାପତିଟିଏ ତଥାପି ସୁନ୍ଦର ଦିଶୁଥାଏ।"
– ରସ୍କିନ୍ ବଣ୍ଡ



"ଲେଖିଲେ ଜଣେ ଲେଖକ ହୁଏ। ଲେଖିବା ଏକ ଯୋଗ।"
– ଆର୍.କେ. ନାରାୟଣ



"ସବୁବେଳେ ନିଶାଗ୍ରସ୍ତ ରୁହ। ସେ ନିଶା ମଦ୍ୟ ନା କବିତା ନା ସଦାଚାର, ନିଷ୍ପତ୍ତି ତୁମର।"
– ଚାର୍ଲସ୍ ବୋଦ୍‌ଲେୟାର୍



"ଏକ ଭଲ ବହି ଆନନ୍ଦରୁ ଆରମ୍ଭ ହୁଏ ଓ ଜ୍ଞାନରେ ଶେଷ ହୁଏ।"
– କିରଣ ଦେଶାଇ



"ତମ ଖୁସି ତମଠିଁ ନିହିତ। ଭାବ ନାହିଁ, ପାର୍ସଲ ପରି ଦୁଆର ସେପଟୁ ଏହା ଆସିଯିବ।"
– ଜୟନ୍ତ ମହାପାତ୍ର



"ପୃଥିବୀରେ ଖୁବ୍ କମ୍ ଲୋକ ଜୀବନ ବଞ୍ଚନ୍ତି, ଅଧିକାଂଶ କେବଳ ଜିଇଥାନ୍ତି।"
– ଓସ୍କାର ୱାଇଲ୍‌ଡ



"ସୁନ୍ଦର ଓ ଭୟାନକ- ସବୁ ଘଟୁ ଜୀବନରେ, କାରଣ କୌଣସି ଅନୁଭବ ଚୂଡ଼ାନ୍ତ ନୁହେଁ।"
– ରାଇନର୍ ମାରିଆ ରିଲ୍‌କେ



"ବହିଠୁଁ ଅଧିକ ରହସ୍ୟମୟ ଓ ମେଘଠୁଁ ଅଧିକ ଚଳନଶୀଳ ମଣିଷର ମନ।"
– ଲୁଇସା ମେ ଆଲ୍‌କଟ



# ଆଜିଠୁ ହକି ଇଣ୍ଡିଆ ଲିଗ୍



ହକି ଇଣ୍ଡିଆ ଲିଗ୍ ଆୟୋଜନ ପାଇଁ ପ୍ରସ୍ତୁତ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ।

**ଭୁବନେଶ୍ୱର, ୨୭।୧୨ (ତପନ ସ୍ୱାଇଁ)**

ଦୀର୍ଘ ୭ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରୁଥିବା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍) ଶନିବାରଠାରୁ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିବାବେଳେ ଏବେ କେବଳ ହକି ରୋମାଞ୍ଚକୁ ଅପେକ୍ଷା। ରାଉରକେଲା ସମେତ ସାରା ଭାରତରେ ଏବେ ହକି ଫିଭର। ଦିଲ୍ଲୀ ଏସ୍‌ଜି ପାଇପର୍ସ ଓ ଗୋନାସିକା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ପୁରୁଷ ହକି ଇଣ୍ଡିଆ ଲିଗ୍‌ର ଫାଇନାଲ ଫେବୃଆରୀ ୧ରେ ଖେଳାଯିବ। ପ୍ରଥମ ଥର ପାଇଁ ହେବାକୁ ଯାଉଥିବା ମହିଳା ହକି ଇଣ୍ଡିଆ ଲିଗ୍ ଜାନୁଆରୀ ୧୨ରୁ ୨୬ ପର୍ଯ୍ୟନ୍ତ ରାଞ୍ଚିରେ ଅନୁଷ୍ଠିତ ହେବ।

### ଦିଲ୍ଲୀ-ଗୋନାସିକା ଉଦ୍‌ଘାଟନୀ ମୁକାବିଲା

ପୁରୁଷ ହକି ଇଣ୍ଡିଆ ଲିଗ୍‌ର ପ୍ରଥମ ପର୍ଯ୍ୟାୟ ଡିସେମ୍ବର ୨୮ରୁ ଜାନୁଆରୀ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣକାରୀ ୮ଟି ଦଳ ପରସ୍ପର ସହିତ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବେ। ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୧୯ରୁ ଆରମ୍ଭ ହେବ। ଏଥିରେ ୮ଟି ଦଳକୁ ୨ ପୁଲ୍‌ରେ ବିଭକ୍ତ କରାଯିବ। ପୁଲ୍ 'ଏ'ରେ ଦିଲ୍ଲୀ ଏସ୍‌ଜି ପାଇପର୍ସ, ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ, ସୁର୍‌ମା ହକି କ୍ଲବ, ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଏବଂ ପୁଲ୍ 'ବି'ରେ ଗୋନାସିକା, ହାଇଦ୍ରାବାଦ ତୋଫାନ୍ସ, ତାମିଲନାଡୁ ଡ୍ରାଗନ୍ସ ଓ ୟୁପି ରୁଦ୍ରସ ରହିଛନ୍ତି। ଏଥିରେ 'ଏ' ପୁଲ୍‌ର ଦଳଗୁଡ଼ିକ 'ବି' ପୁଲ୍‌ର ଦଳଗୁଡ଼ିକ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ ଖେଳିବାପରେ ଶ୍ରେଷ୍ଠ ୪ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ।

ମହିଳା ଏଚ୍‌ଆଇଏଲ୍‌ରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ, ଦିଲ୍ଲୀ ଏସ୍‌ଜି ପାଇପର୍ସ, ସୁର୍‌ମା ହକି କ୍ଲବ ଏବଂ ଓଡ଼ିଶା ୱାରିୟର୍ସ ଆଦି ୪ ଦଳ ଭାଗନେବେ। ଏହାର ମ୍ୟାଚ ଗୁଡ଼ିକ ଜାନୁଆରୀ ୧୨ରୁ ରାଞ୍ଚିର ମାରାଙ୍ଗ ଗୋମ୍‌କେ ଜୟପାଲ ସିଂ ମୁଣ୍ଡା ଆଷ୍ଟ୍ରୋ ଟର୍ଫ ଷ୍ଟାଡିୟମରେ ଆରମ୍ଭ ହେବ। ପ୍ରତି ଦଳ ପରସ୍ପର ସହ ୨ ଥର ଲେଖାଏ ଖେଳିବା ପରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ଜାନୁଆରୀ ୨୬ରେ ଅନୁଷ୍ଠିତ ହେବ। ମହିଳା ଏଚ୍‌ଆଇଏଲ୍‌ର ସବୁ ଦଳ ଗୋଟିଏ ଲେଖାଏ ମ୍ୟାଚ ରାଉରକେଲାରେ ଏବଂ ପୁରୁଷ ଏଚ୍‌ଆଇଏଲ୍‌ର ପ୍ରତି ଦଳ ରାଞ୍ଚିରେ ଗୋଟିଏ ଲେଖାଏ ମ୍ୟାଚ ଖେଳିବା କାର୍ଯ୍ୟସୂଚୀ ରହିଛି।

# ଆରନ ଜେଲସ୍କି ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଅଧିନାୟକ

**ଭୁବନେଶ୍ୱର, ୨୭।୧୨ (ତପନ ସ୍ୱାଇଁ):** ଶନିବାରଠାରୁ ରାଉରକେଲାରେ ଆରମ୍ଭ ହେବାକୁ ଯାଉଥିବା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ରେ ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳର ଅଧିନାୟକ ହୋଇଛନ୍ତି ଆରନ ଜେଲସ୍କି। ଟୋକିଓ ଅଲିମ୍ପିକ୍ସ ସିଲଭର ମେଡାଲିଷ୍ଟ ତଥା ତିନିଥର ଅଲିମ୍ପିଆନ ଅଷ୍ଟ୍ରେଲିଆର ଜେଲସ୍କିଙ୍କ ନିକଟରେ ଅନ୍ତର୍ଜାତୀୟ ଏବଂ ବିଭିନ୍ନ ଲିଗ୍ ଖେଳିବାରେ ପ୍ରଚୁର ଅଭିଜ୍ଞତା ରହିଛି। ଅଷ୍ଟ୍ରେଲିଆ ହକି ଦଳର ସଫଳତାରେ ଜେଲସ୍କିଙ୍କର ଅନେକ ଅବଦାନ ଅଛି। କଳିଙ୍ଗ ଲାନ୍ସର୍ସ ଆସନ୍ତା ୩୦ ତାରିଖରେ ଏହାର ପ୍ରଥମ ମ୍ୟାଚ ୟୁପି ରୁଦ୍ରସ ବିପକ୍ଷରେ ଖେଳିବ। କଳିଙ୍ଗ ଲାନ୍ସର୍ସ ସମ୍ପ୍ରତି ବେଦାନ୍ତ ମାଲିକାନାରେ



ରହିଛି। ''ସୁପର ଷ୍ଟାର ଏବଂ ସ୍ୱାଭାବିକ ଭାବେ ନେତୃତ୍ୱ ନେବାର ଦକ୍ଷତା ରଖିଥିବା ଏକାଧିକ ଖେଳାଳିଙ୍କୁ ଦେଇ ଗଠିତ ଦଳର ଅଧିନାୟକ ବାଛିବା ଯେ କୌଣସି କୋଚ୍‌ଙ୍କ ପାଇଁ ଏକ ଚ୍ୟାଲେଞ୍ଜ। ଅଷ୍ଟ୍ରେଲିଆର ଉପ-ଅଧିନାୟକ ରହି ଆସିଥିବା ଜେଲସ୍କିଙ୍କର ପ୍ରଦର୍ଶନ ହିଁ ତାଙ୍କ ଦକ୍ଷତାର ପ୍ରମାଣ ଦେଇଥାଏ। ତାଙ୍କ ନେତୃତ୍ୱରେ ଓଡ଼ିଶା ଭିତ୍ତିକ ଦଳ ଟାଇଟଲ ଜିତିବା ନେଇ ଆମେ ଆଶାବାଦୀ'' ବୋଲି ବେଦାନ୍ତ କଳିଙ୍ଗ ଲାନ୍ସର୍ସ କୋଚ୍ ଭାଲେଣ୍ଟିନ ଅଲ୍‌ଟେନବର୍ଗ ପ୍ରକାଶ କରିଛନ୍ତି। ଜେଲସ୍କି ଏହି ଦାୟିତ୍ୱରେ ଖୁସି ଜାହିର କରିବା ସହ ଆଗାମୀ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଗତ ସପ୍ତାହରେ ଭୁବନେଶ୍ୱରରେ କଳିଙ୍ଗ ଲାନ୍ସର୍ସ ଦଳର ଜର୍ସି ଓ ମାସ୍କଟ ଉନ୍ମୋଚନ ହୋଇଥିଲା।

# ଡାକାର ରାଲି: କାର୍ ବର୍ଗରେ ଟାକ୍‌ଲେ ପ୍ରଥମ ଭାରତୀୟ

**ପୁଣେ, ୨୭।୧୨ (ପି.ଟି.)**

ଡାକାର ରାଲି ୨୦୨୫ ଜାନୁଆରୀ ୩ରୁ ୧୭ ପର୍ଯ୍ୟନ୍ତ ସୌଦି ଆରବରେ ଅନୁଷ୍ଠିତ ହେବ। ରାଲି ଡ୍ରାଇଭର ସଞ୍ଜୟ ଟାକ୍‌ଲେ ଏଥିରେ ପ୍ରଥମ ଭାରତୀୟ ଭାବେ ଏହି ଇଭେଣ୍ଟର ୪ ଚକିଆ ବିଭାଗରେ ଅଂଶଗ୍ରହଣ କରିବେ। ଟାକ୍‌ଲେ ପ୍ରଥମ ଭାରତୀୟ ଭାବେ ଏସିଆ ପାସିଫିକ୍ ରାଲି ଚାମ୍ପିୟନଶିପ୍ (ଏପିଆରସି)ର ପ୍ରଡକ୍ସନ ବିଭାଗରେ ଟାଇଟଲ ହାସଲ କରିଥିଲେ। ୮,୦୦୦ କିମିରୁ ଉର୍ଦ୍ଧ୍ୱ ଦୂରତା ବିଶିଷ୍ଟ ଡାକାର ରାଲି ୧୪ ଦିନ ଧରି ଅନୁଷ୍ଠିତ ହେବ। ତନ୍ମଧ୍ୟରେ ୫,୦୦୦ କି.ମିର ସ୍ୱତନ୍ତ୍ର ଷ୍ଟେଜ୍ ରହିଛି। ଟାକ୍‌ଲେ ୧୯୮୭ ଜୁନ୍‌ରେ ମୋଟର କ୍ରସ୍‌ରେସ୍ ସହିତ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ସେ ୨୦୦୧ ପର୍ଯ୍ୟନ୍ତ ୧୦୦ରୁ ଉର୍ଦ୍ଧ୍ୱ ଟ୍ରଫି ଜିତି ସାରିଥିଲେ ଏବଂ ଜଣେ ଟିଭିଏସ୍ ଫ୍ୟାକ୍ଟ୍ରି ଡ୍ରାଇଭର ହିସାବରେ ନାସିକ୍‌ଠାରେ ବାଇକ୍ ନ୍ୟାଶନାଲ ରାଉଣ୍ଡ ଜିତିବା ପରେ ସେ ଟୁ-ହ୍ୱିଲରକୁ ଗୁଡ୍‌ବାଇ କରିଥିଲେ। ସୂଚନାଯୋଗ୍ୟ ଟାକ୍‌ଲେ ବର୍ତ୍ତମାନ ଏରପେସ୍ ନାମକ ଏକ ଟ୍ରାନ୍ସପୋର୍ଟ କମ୍ପାନୀରେ ମୁଖ୍ୟ ପରାମର୍ଶଦାତା ଭାବେ କାର୍ଯ୍ୟରତ। ୨୦୨୫ ଡାକାର କ୍ଲାସିକ୍‌ରେ ଫ୍ରାନ୍ସର ମାକ୍ସିମ ରାଉଡ୍ ତାଙ୍କ ସହ ଡ୍ରାଇଭର ରହିବେ।

# ପ୍ରତ୍ୟାଶାଙ୍କୁ ୩ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୨୭।୧୨**
**(ତପନ ସ୍ୱାଇଁ)**

ଚଳିତବର୍ଷ ଚମତ୍କାର ପ୍ରଦର୍ଶନ କରି ଆସିଥିବା ଓଡ଼ିଶାର ସୁଇମିଂ ସେନ୍‌ସେଶନ ପ୍ରତ୍ୟାଶା ରାୟ ଚେନ୍ନାଇରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସୁଇମିଂ ଓ ଡାଇଭିଂ ଚାମ୍ପିୟନଶିପ୍‌ରେ ମଧ୍ୟ ଚମକ ଦେଖାଇଛନ୍ତି। ସେ ଆନ୍ତଃ ବିଶ୍ୱବିଦ୍ୟାଳୟ ସୁଇମିଂରେ ୩ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରତ୍ୟାଶା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ୧:୦୮.୧୪ ସେକେଣ୍ଡ, ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ୩୧.୬୮ ସେକେଣ୍ଡ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ୨:୨୯.୪୮ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ଗତ ୨୨ ତାରିଖରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ୨୨ କେଜେଡ୍‌ଏନ୍ ପ୍ରିମିୟର ପ୍ରୋଭିନ୍ସିଆଲ ଚାମ୍ପିୟନଶିପ୍‌ରେ ପ୍ରତ୍ୟାଶା ୪ ସ୍ୱର୍ଣ୍ଣ ଓ


୩ ସ୍ୱର୍ଣ୍ଣ ପଦକ ସହ ପ୍ରତ୍ୟାଶା ରାୟ।

### ଆନ୍ତଃ ବିଶ୍ୱବିଦ୍ୟାଳୟ ସୁଇମିଂ

ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିଲେ। ସେ ବ୍ୟକ୍ତିଗତଭାବେ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ୧:୦୩.୮୦ ସେକେଣ୍ଡ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ୨:୧୮.୯୫ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ବ୍ୟତୀତ ପ୍ରତ୍ୟାଶା, ମନ୍ନତା ମିଶ୍ର, ସୃଷ୍ଟି ଉପାଧ୍ୟାୟ ଓ ଜାହ୍ନବୀ କାଶ୍ୟପଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୪x୧୦୦ ମିଟର ମିଡ୍‌ଲେ ରିଲେରେ ୪:୨୨.୮୬ ସେକେଣ୍ଡ ଏବଂ ପ୍ରତ୍ୟାଶା, ଜାହ୍ନବୀ କାଶ୍ୟପ, ଦିବ୍ୟଙ୍କା ପ୍ରଧାନ ଓ ସୃଷ୍ଟି ଉପାଧ୍ୟାୟଙ୍କୁ ନେଇ ଗଠିତ ୪x୧୦୦ ମିଟ ଫ୍ରିଷ୍ଟାଇଲ ଦଳ ୪:୦୯.୫ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହା ବ୍ୟତୀତ ପ୍ରତ୍ୟାଶା ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ୩୦.୨୫ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ଅର୍ଜନ କରିଥିଲେ।

# ୧୦୦ ମିଟରରେ ଲାଲୁଙ୍କୁ ସ୍ୱର୍ଣ୍ଣ ପଦକ

### ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥ୍‌ଲେଟିକ୍ସ

**ଭୁବନେଶ୍ୱର, ୨୭।୧୨ (ତପନ ସ୍ୱାଇଁ)**

କିଟ୍ ଆଥ୍‌ଲେଟିକ୍ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥ୍‌ଲେଟିକ୍ସ ଚାମ୍ପିୟନଶିପର ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରି ଦ୍ରୁତତମ ଧାବକ ହୋଇଛନ୍ତି ଲାଲୁ ପ୍ରସାଦ ଭୋଇ। କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଲାଲୁ ପ୍ରସାଦ ଏଥିସହ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

ଏହି ସଫଳତା ପାଇଁ ଲାଲୁଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରିଛନ୍ତି।



ଅତିଥିମାନେ ଲାଲୁ ପ୍ରସାଦ ଭୋଇ ଓ ଅନ୍ୟ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଭାରତର ୬୦୦ ବିଶ୍ୱବିଦ୍ୟାଳୟରୁ ୧୫,୦୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ